ସୃଜନଶୀଳତାର ଦୁଇ ବର୍ଷ

# ଶୁଭଦୃଷ୍ଟି



୩ୟ ବର୍ଷ ॥ ୧ମ ସଂଖ୍ୟା

# ଶୁଭଦୃଷ୍ଟି

## ସୃଜନଶୀଳତାର ଦୁଇ ବର୍ଷ

ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର କେବଳ ଲେଖକଙ୍କର ରହିବ। କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ ଲେଖକଙ୍କର, ଏଥିପାଇଁ ପତ୍ରିକା କିମ୍ବା ସମ୍ପାଦକ ଉତ୍ତରଦାୟୀ ନୁହନ୍ତି।

ପତ୍ରିକାର ପ୍ରତ୍ୟେକ ସଂସ୍କରଣରେ ଜଣେ ଲେଖକଙ୍କର ଯେ କୌଣସି ବିଭାଗରେ କେବଳ ଗୋଟିଏ ଲେଖା ପ୍ରକାଶିତ ହୋଇଥାଏ, ତେଣୁ ପ୍ରତ୍ୟେକ ସଂସ୍କରଣ ନିମନ୍ତେ ନିଜର ଗୋଟିଏ ଲେଖା ପଠାନ୍ତୁ। ପତ୍ରିକା ପାଇଁ ଲେଖାଦେବା ସମୟରେ ଧ୍ୟାନ ରଖନ୍ତୁ ଲେଖାଟିକୁ ଟାଇପ୍ କରି ୱାର୍ଡ ଫାଇଲ୍ ରେ ପଠାନ୍ତୁ। ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ ଫଟୋ ନଚେତ୍ ଏକ ସୁନ୍ଦର ଫଟୋ ଏବଂ ଠିକଣା ଲେଖି ପଠାଇବେ। ଫଟୋ କିମ୍ବା ପି ଡି ଏଫ୍ ଫାଇଲରେ ପଠାଯାଇଥିବା ଲେଖା ଗ୍ରହଣୀୟ ନୁହେଁ।

ଶୁଭଦୃଷ୍ଟି ଏକ ଦ୍ୱିମାସିକ ଇ ପତ୍ରିକା। ଏହାର ଆଗାମୀ ସଂସ୍କରଣ ଏପ୍ରିଲ୍ ୨୦୨୨ ରେ ପ୍ରକାଶିତ ହେବ। ଏଥିପାଇଁ ଲେଖା ପଠାଇବାର ଶେଷ ତାରିଖ ମାର୍ଚ୍ଚ ୩୧,୨୦୨୨। ଲେଖା ପଠାଇବା ସମୟରେ ଇମେଲ୍ ରେ ସବଜେକ୍ଟ ଲେଖିବେ - Your name (ଆପଣଙ୍କ ନାମ) ଏପ୍ରିଲ୍ ୨୦୨୨।

ଆମର ଲେଖା ସଂଗ୍ରହ ଇମେଲ୍ - shubhdristi2018@gmail.com
editor@shubhdristi.in

**୩ୟ ବର୍ଷ ॥ ୧ମ ସଂଖ୍ୟା**

# ଭିତର ପୃଷ୍ଠାରେ

ଶୁଭଦୃଷ୍ଟି
ସୃଜନଶୀଳତାର ଦୁଇ ବର୍ଷ

## ପ୍ରବନ୍ଧ ବିଭାଗ


ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର : ଅମୃତେଶ ଖଟୁଆ 5

ସାମ୍ପ୍ରଦାୟିକ ପନ୍ଥବାଦୀ ଚେତନା ଓ ଉତ୍କଳଗୌରବ ମଧୁସୂଦନ : ଅଂଶୁମାନ ମହାରଣା 19


## ସାକ୍ଷାତକାର


ଯୁବ ବୈଜ୍ଞାନିକ ଐଶ୍ୱର୍ଯ୍ୟା ମିଶ୍ର 23


## କାହାଣୀ ବିଭାଗ


ସାହାଯ୍ୟ : ସରିତଦିପ ଶତପଥୀ 28

ଜୀବନସ୍ମୃତି : ଅନସୂୟା ପଣ୍ଡା 30

ସ୍ବଟଲାଇଟ (ଅନୁବାଦ) : ଦୀପକ ଷଡ଼ଙ୍ଗୀ 34

ଶାଗ ସନ୍ତୁଳା (ରୋଷେଇବାସ) : କ୍ଷୀରାବ୍ଧି ଦାଶ 38


## କବିତା ବିଭାଗ


ଜୀବନ ଜଞ୍ଜାଳ : ଜନ୍ମଜୟ ନାୟକ 40

କଳଙ୍କିତ ଚାନ୍ଦ : ଅଲିଭା ମହାରଣା 41

ମାଟିର ସ୍ୱର : ଦୀନବନ୍ଧୁ ବେଜ 42

ନୂତନ ସକାଳର ଆହ୍ୱାନରେ : ସନ୍ତୋଷ କୁମାର ପଣ୍ଡା 43

ତୁମ ଖୁସିରେ ହିଁ ମୋ ଖୁସି : ନିଗମ କୁମାର ବେହେରା 45

ପ୍ରକୃତିର ଦଣ୍ଡ : ସ୍ପନ୍ଦନ କୁମାର ପରିଡ଼ା 46


## ସ୍ମରଣୀୟ ସାହିତ୍ୟ


ଭଲପାଏ ମୁହିଁ : ଡ଼ଃ କୁଞ୍ଜବିହାରୀ ଦାଶ 47

ଶୁଭଦୃଷ୍ଟି
ସୃଜନଶୀଳତାର ଦୁଇ ବର୍ଷ

୩ୟ ବର୍ଷ ॥ ୧ମ ସଂଖ୍ୟା

# ସମ୍ପାଦକୀୟ



**ମୁଖ୍ୟ ସମ୍ପାଦକ**
ଏ ପି ଶୁଭକାନ୍ତ ସାମଲ

**ସମ୍ପାଦକ**
ପ୍ରଭାତ କୁମାର ବଳ
ଅଭିଲିପ୍ସା ପାଢ଼ୀ

**ପରିଚାଳନା ସମ୍ପାଦକ**
ଓମ୍ ପ୍ରକାଶ ବିଶ୍ୱାଳ

**ପ୍ରଚ୍ଛଦ**
ସ୍ୱୀକୃତି ଦାଶ

**ଅଳଙ୍କରଣ**
ଜୁବୁନ୍

Digitally Published by
A P Subhakanta Samal
on behalf of Shubhdristi.
UDYAM-OD-13-0001171.

SHUBHDRISTI
Sati Nivas, Haripur, Khadianga,
Jajpur 755049.

ଫେରିଛି ଫଗୁଣର ଫଗୁ ମିଶା ପବନ । ଶୀତର ଘୁଙ୍ଗୁଡ଼ି ତଳୁ ଅଣନିଶ୍ୱାସୀ ହୋଇ ମଳୟର ଖରା ପୁଁଛି ଋତୁରାଜ ବସନ୍ତ । ଦୀର୍ଘଦିନ ଶୋଇଥିବା ସ୍ୱରମୟୀ କୋକିଳ ଆମ୍ବ ଗଛ ଫାଙ୍କରୁ ବଉଳର ଅତର ଲେସି ହୋଇ ହାଲକା ହାକୁଟି ମାରି ଜୀବନ୍ୟାସ ଦେଉଛି ତା'ର ହଜିଲା ସ୍ୱରକୁ । ପାହାନ୍ତିଆ କୁହୁଡ଼ିର ଭିଜିଲା ବର୍ତ୍ତମାନରେ କଡ ଲେଉଟି ଅଣ୍ଟା ସଳଖୁଛି ପ୍ରେମ ପୁଷ୍ପରାଜି । ସାରା ଧରା ଏବେ ବସନ୍ତ ଭରା । ପ୍ରେମପକ୍ଷୀ ମାନେ ଏବେ ବସନ୍ତର ବହାନରେ ପ୍ରେମ ଆକାଶରେ ଉଡ୍ଡୀୟମାନ । ଗୋଲାପର ପ୍ରତି ପାଖୁଡ଼ାରେ ଏବେ ପ୍ରେମର ପରଶ । ସତେ ଯେମିତି ଏ ଋତୁ ଋତୁ ନୁହେଁ , ପ୍ରେମାସିକ୍ତ ଫୁଲମନା ବଣିକ ।

ବସନ୍ତର ମହାର୍ଘ ମୂହୁର୍ତ୍ତରେ ବାଗଦେବୀଙ୍କର ଉପସ୍ଥିତି ଏ ସମୟକୁ ଅଧିକ ବାଣୀମୟ କରୁଥିବା ବେଳେ ମା' ତାଙ୍କର ମାନସ କନ୍ୟା ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସକରଙ୍କୁ ଫେରିଲା ବେଳେ ନେଇ ଯାଇଛନ୍ତି ତାଙ୍କ ଅଗଣାରେ ଚିର କୋକିଳା କରି ରଖିବାକୁ । ଏହା ସେ ଧାମ ପାଇଁ ହର୍ଷ ଉଲ୍ଲାସର ରୋଳ ସୃଷ୍ଟି କରୁଥିଲେ ବି ଏ ଧାମ ପାଇଁ ଆଣିଦେଇଛି ବିଷାଦର ବିଦାୟୀ ଶ୍ରାବଣ ।

ଏ ବସନ୍ତ ଯେମିତି ଆପଣଙ୍କ ପାଠକୀୟ ମନକୁ ପ୍ରୀତି ଭରା କରିଦେଉଛି ଠିକ୍ ସେମିତି ଏକ ପ୍ରୀତିର ଫଗୁଣ ଆମ ମନରେ ବି ଆଙ୍କି ହୋଇଥିଲା ଶୁଭଦୃଷ୍ଟି କୁ ପ୍ରସ୍ତୁତ କଲାବେଳେ । ଆଜି ଶୁଭଦୃଷ୍ଟି ସଫଳତାର ଦୁଇ ବର୍ଷରେ ପାଦ ଦେଇଛି । ସେ ଝୁଣ୍ଟିଛି, ବାଧା ପାଇଛି , ବିଳମ୍ବ ହୋଇଛି ହେଲେ ଅଟକି ନାହିଁ ଆପଣ ମାନଙ୍କ ଠାରୁ ଭଲପାଇବା ସାଉଣ୍ଟିବାରେ । ତେଣୁ ନିଜର ସ୍ୱତନ୍ତ୍ରତା ଓ ଜାତୀୟପ୍ରୀତିକୁ ପାଥେୟ କରି ଓଡ଼ିଆ ଇ ସାହିତ୍ୟକୁ ବିଶ୍ୱବ୍ୟାପୀ କରାଇବାକୁ "ଶୁଭଦୃଷ୍ଟି" ପାଳୁଛି ସୃଜନଶୀଳତାର ଦୁଇ ବର୍ଷ,ଦ୍ୱିତୀୟ ସ୍ୱନକ୍ଷତ୍ର ଦିବସ ।ଆପଣମାନଙ୍କର ପାଠକୀୟ ମନୋବୃତ୍ତି ଓ ସାହିତ୍ୟପ୍ରୀତି ଶୁଭଦୃଷ୍ଟି କୁ ଏମିତି ଚିର ଜୀବିତ କରି ରଖିବ । ଆପଣ ମାନଙ୍କ ଶ୍ରଦ୍ଧା, ଭଲପାଇବା ଓ ସାହିତ୍ୟ ନିଷ୍ଠାକୁ ପାଥେୟ କରି ଶୁଭଦୃଷ୍ଟି ଏମିତି ସୃଜନ ଅନ୍ୱେଷଣ କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରୁ ।

ଶୁଭକାନ୍ତ

# ଏଥର ପ୍ରଚ୍ଛଦ ପୃଷ୍ଠା ରେ





ଶୀତୁଆ ସନ୍ଧ୍ୟା ଏବଂ ଗୋଟେ କପ୍ ଗରମ କଫିକୁ ଦୃଷ୍ଟିରେ ରଖି ଚିତ୍ରଶିଳ୍ପୀ ସ୍ୱୀକୃତି ଦାଶ ମଣ୍ଡଳ ଚିତ୍ରଶୈଳୀ ମାଧ୍ୟମରେ ପ୍ରସ୍ତୁତ କରିଛନ୍ତି ପତ୍ରିକାର ଏ ସଂଖ୍ୟାର ପ୍ରଚ୍ଛଦ ପୃଷ୍ଠା

# ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର

**ଅମୃତେଶ ଖଟୁଆ**



ଉତ୍କଳମାଟିରେ ମହମ୍ମଦ ତକି ଖାଁର ଆକ୍ରମଣ ସମୟରେ ତଦାନୀନ୍ତନ ଗଜପତି ରାମଚନ୍ଦ୍ର ଦେବଙ୍କ ପରିବାର ଓ ଓଡିଶାର ସାର୍ବଭୌମାଧିପତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସସମ୍ମାନେ ଆଶ୍ରୟ ଦେଇଥିଲେ ଗଞ୍ଜାମର ଆଠଗଡ଼ ରାଜା । ୧୫୪୦ ମସିହା ରେ ମହାରାଜା ପ୍ରତାପରୁଦ୍ରଙ୍କ ନିଧନାନ୍ତେ ତାଙ୍କ ସେନାପତି ବେନୁ କ୍ଷତ୍ରିବର ସିଂହଙ୍କ ସୁପୁତ୍ର ଯଦୁନାଥ ଘୁମୁସର ରାଜାଙ୍କ ନିକଟରୁ ଆଠଟି ଦୁର୍ଗ ଛଡାଇ ଆଣି ନିଜକୁ ପରମ ବୈଷ୍ଣବ ବୋଲି ପରିଚୟ ଦେଇ ଶାସକ ହୋଇଥିଲେ । ଆଉ ଋଷିକୂଲ୍ୟା ନଦୀ ଦ୍ଵାରା ଧୌତ ଆଠଗଡରେ ଏକଦା ମହାପ୍ରଭୁ ଶ୍ରୀଜଗନ୍ନାଥ ଅବସ୍ଥାନ କରିଥିଲେ 'ମାରଦା' ଠାରେ । ଉତ୍କଳମାଟିରେ ମହାପୁରୁଷଙ୍କ ଜନ୍ମଗାଥା ସତତ ଅନନ୍ୟ । ତକି ଖାଁ ଫେରିଗଲା ପରେ ମହାପ୍ରଭୁ ଅବସ୍ଥାନ କରିଥିବା ସ୍ଥାନରେ ରାଜା ରଘୁନାଥ ଗଜପତିଙ୍କ ଅନୁଗ୍ରହ ପାଇ ସେ ଠାବରେ ଜଗନ୍ନାଥଙ୍କ ଦାରୁବିଗ୍ରହ ନିର୍ମିତ କରାନ୍ତି । ହେଲେ ଯେଉଁ ବିଶ୍ଵକର୍ମା ଆର୍ତ୍ତବନ୍ଧୁ ମହାପାତ୍ର ଥିଲେ , ସେ ପରବର୍ତ୍ତୀ ସମୟରେ ରଘୁନାଥଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରି ପରଲୋକଗତ ହୁଅନ୍ତି । ଆଉ ରଘୁନାଥ ମହାପାତ୍ର ବି ଜଣେ ପ୍ରବୀଣ ଚିତ୍ରବିଦ୍ୟା ନିପୁଣ ଶିଳ୍ପୀ ହୋଇ ମଧ ଭୂସମ୍ପତ୍ତିକୁ ନେଇ କୁଚକ୍ରର ସମ୍ମୁଖୀନ ହୋଇ ରଣପୁରର ସୁନାଖଳା ଠାରେ ଆଶ୍ରୟ ପାଇଲେ ।



ରଘୁନାଥ ମହାପାତ୍ରଙ୍କ ମୃତ୍ୟୁ ପୂର୍ବରୁ ତାଙ୍କ ଏକମାତ୍ର ପୁତ୍ର ମୁକୁନ୍ଦ ମହାପାତ୍ରଙ୍କୁ ରାଜ ଆଶ୍ରୟରେ ନ୍ୟସ୍ତ କରି ଇହଲୀଳା ସମ୍ବରଣ କରନ୍ତି । ପାରମ୍ପରିକ କୌଳିକ ବୃତ୍ତି ସହ ନିଜ ଜୀବିକା ବ୍ୟତୀତ କରିଲା ବେଳେ ସେ ଆଠଗଡ଼ ରାଜସଭା ମଧରେ ଜଣେ ଉଚ୍ଚପ୍ରଶଂସିତ ଚିତ୍ରକାରର ମର୍ଯ୍ୟାଦା ଲାଭ କରି ଥିଲେ । ସେଠାରେ ତାଙ୍କ ଆର୍ଥିକ ସ୍ଥିତିରେ କ୍ରମ ଉନ୍ନତି ପରିଲକ୍ଷିତ ହେଲା ପରେ ସେ ରଣପୁରଗଡ଼ର ଶୋଭାଙ୍କୁ ବିବାହ କରିଥିଲେ । ହେଲେ ବିବାହର ପାଞ୍ଚ ବର୍ଷ ପରେ ମଧ ତାଙ୍କର ସନ୍ତାନ ଜନ୍ମ ନ ହେବାରୁ ତାଙ୍କ ଉପରେ ବନ୍ଧ୍ୟା ହେବାର ଅପବାଦ ଆସିଲା । ପାଷାଣର ନିଦା ବକ୍ଷ ବିଦାରଣ ପୂର୍ବକ ଦେବ ମୂର୍ତ୍ତିର ସୁଠାମ ଗଢଣ କରୁଥିବା ମୁକୁନ୍ଦ ମହାପାତ୍ର ୧୭୭୫ ମସିହା ବେଳକୁ ଅତି ପ୍ରତିପତ୍ତିଶାଳୀ ହୋଇ ଉଠିଥିଲେ । କିନ୍ତୁ ଦୁଃଖର ଏକମାତ୍ର ବିଷୟ ଥିଲା ଯେ ସେତେବେଳେ କେତେକ ଲୋକ ଜଗନ୍ନାଥଙ୍କ ମୂର୍ତ୍ତି ଗଢିଲେ ତିନିପୁରୁଷରେ ବଂଶ ଲୋପ ହେବ ବୋଲି କହି ନାନା ଭୟ ସୃଷ୍ଟି କରିଲେ ମୁକୁନ୍ଦଙ୍କ ମା' ଦୁଲଣୀ ଦେଇଙ୍କ ମନରେ । ଆଉ ସେ ଭୟରେ ଶାଶୁଙ୍କ ସହ ରାତ୍ରି ଥାଉଁ ଥାଉଁ ନିକଟରେ ଥିବା ଏକ ପଦ୍ମଗାଡିଆରେ ଗାଧେଇ ପଡୁଥିଲେ ଶୋଭା । ହେଲେ ସେତେବେଳେ

ଘଟିଲା ଏକ ଅଭୂତପୂର୍ବ ଘଟଣା । ପଦ୍ମଗାଡିଆ ହଡା ଉପରେ ଦୁଇବର୍ଷ ହେଲା ଜଣେ ପଶ୍ଚିମା ବୈଷ୍ଣବୀ ଦାରୁନିର୍ମିତ କୃଷ୍ଣଙ୍କ ମୂର୍ତ୍ତି ସ୍ଥାପିତ କରି ଏ ଠାରେ ମନ୍ଦିର ତୋଳାଇ ଥିଲେ । ଆଉ ଏହି ଦିଅଁ ଥିଲେ ଯଦୁକୃଷ୍ଣ । ପ୍ରତ୍ୟହ ସ୍ନାନ ସାରି ସେଠାରେ ସେ ଦିଅଁ ଦର୍ଶନ ମଧ୍ୟାନ୍ତରରେ ଶୋଭା ଅତି ଆପଣାର ହୋଇ ସାରିଥିଲେ । ଆଳସ୍ୟପରାୟଣା ହୋଇ ସୁଦ୍ଧା ଶୋଭା ଦିଅଁ ଦର୍ଶନ ପ୍ରତି ଏତେ ପ୍ରଗାଢ ଭାବେ ଜଡି ଯାଇଥିଲେ ଯେ ନିଜର ସେହି 'ବନ୍ଧ୍ୟା' ହେବାର ଅପବାଦ ଦୂର କରିବା ପାଇଁ ନିଜର ଦୁଃଖକୁ ଯଦୁକୃଷ୍ଣଙ୍କୁ ଜଣାଇଥିଲେ । ଆଉ ଦେବାନୁଗ୍ରହରେ ସେ ଲାଭ କରିଲେ ମାତୃତ୍ୱ । ଅପବାଦ ଦୂରୀଭୂତ ହୁଏ ମାତୃତ୍ୱର ଅମୃତମୟ ଆନନ୍ଦରେ ! ୧୭୮୧ ମସିହା । ପୁତ୍ର ସନ୍ତାନ ଗର୍ଭରେ ପାଞ୍ଚ ମାସ ହେବ ଥିବ କି ନାହିଁ , ଘୋର ଦୁର୍ଭିକ୍ଷରେ ଚତୁର୍ଦ୍ଦିଗ ହାହା କାରରେ ପୂରିଉଠିଲା । ରାଜକୁଟୁମ୍ବ ଲୁଣ୍ଠିତ ହୁଏ । ପାଇକମାନଙ୍କ ସହାୟତାରେ ରାଜପୁତ୍ର ଧନଞ୍ଜୟ ଏ ଦୁର୍ଦ୍ଦଶା ନିବାରଣ କରିଥିଲେ ମଧ୍ୟ ଡକାୟତମାନଙ୍କ ସନ୍ଧାନ ମିଳିନଥିଲା । ଏପରି ନିଜେ ମୁକୁନ୍ଦ ମହାପାତ୍ର ମଧ୍ୟ ଲୁଣ୍ଠିତ ହୋଇ ନିଜର ସର୍ବସ୍ୱ ହରାଇଥିଲେ ମଧ୍ୟ ଶୋଭା ପ୍ରତ୍ୟହ ଯଦୁକୃଷ୍ଣଙ୍କ ଆରାଧନା କରୁଥିଲେ । ହେଲେ ଏ ଦେବତାଙ୍କ ସମ୍ପର୍କରେ ଯୁବରାଜଙ୍କ କର୍ଣ୍ଣଗୋଚର ହେବାରୁ ଏକଦା ଶୋଭା ପୂଜା ସାରି ଫେରୁଥିଲା ବେଳେ ପାଇକମାନଙ୍କ ଆଗମନ ଜାଣି ଅସ୍ଥିର ହୋଇପଡିଥିଲେ । ହେଲେ ଯଦୁକୃଷ୍ଣଙ୍କ କୃପାରୁ ସେ ଦୌରାତ୍ମ୍ୟରୁ ରକ୍ଷା ପାଇଥିଲେ ହେଁ ଶିଶୁପୁତ୍ରଟି ସେଇ ମନ୍ଦିରରେ ଜାତ ହୁଏ । କୁଆଁ କୁଆଁ ରାବରେ ସେଠାକାର ପରିବେଶ ହଠାତ୍ ସ୍ତବ୍ଧତା ସହ ନିଶ୍ଚଳ ପଡିଯାଏ । ଆଉ ଏ ଖବର ସାହିରେ ପ୍ରଚାର ହେବା ମାତ୍ରେ ନିଜ ବଂଶର ଶୁଭଫଳ ଦେଖି ଆନନ୍ଦମନା ହୁଳଣା ଦେଇ ନାଚି ଉଠିଲେ । ଆଉ ଏହି ସମୟ ଥିଲା ପୌଷ ଶୁକ୍ଳ ତ୍ରୟୋଦଶୀ ତିଥି । ଜାନୁଆରୀ ୮ ତାରିଖ , ୧୭୮୧ ମସିହା । ଆଉ ଯଦୁକୃଷ୍ଣଙ୍କ ମହିମାରୁ ଜାତ ହୋଇଥିବା ଏହି ଶିଶୁପୁତ୍ର ପରବର୍ତ୍ତୀ ସମୟରେ ସ୍ୱନାମଧନ୍ୟ ହାସ୍ୟରସିକ, ଦୃଢମନା, ବାଣୀପୁତ୍ର ପ୍ରତ୍ୟୁତ୍ପନ୍ନମତି ଯଦୁମଣି ମହାପାତ୍ର ନାମରେ ଉତ୍କଳୀୟ କୀର୍ତ୍ତି ବିମ୍ବରେ ଅମ୍ଳାନ ହୋଇ ରହିଗଲେ । ପୁତ୍ର ଯଦୁମଣିକୁ ଦାରିଦ୍ର୍ୟ ସତ୍ତ୍ୱେ ଅତ୍ୟନ୍ତ ଆଦରର ସହ ଲାଳିତପାଳିତ କରିଥିଲେ ପିଅର ଏବଂ ଜନନୀ । ମାଆ ଶୋଭା ଦେଇ ଜଣେ ବିଦୁଷୀ ମଧ୍ୟ ଥିଲେ । ବାଲ୍ୟକାଳରେ ପୁତ୍ର ଯଦୁମଣିକୁ ପ୍ରାଚୀନ ଛାନ୍ଦ ଓ ସଙ୍ଗୀତ ମାନଙ୍କରେ ବେଶ୍ ପଟୁ କରାଇ ଥିଲେ । ସ୍ମରଣଶକ୍ତିରେ ବିଚକ୍ଷଣ ଯଦୁମଣି ଗାଁ ଦାଣ୍ଡ ସାରା ନିତ୍ୟ ଗୀତ ଗାଇବା ସହ ସାଇପଡିଶାର ସ୍ତ୍ରୀଲୋକଙ୍କ ନାମରେ ଢଗ ମେଳିବାରେ ବାଲ୍ୟକାଳରୁ ଅଗ୍ରଣୀ ହୋଇ ପଡିଲେ ଯଦୁମଣି । ଆଉ ରୀତିମତ ଚାରି ବର୍ଷ ଚାରି ମାସ ଚାରି ଦିନ ଯଦୁମଣି ଖଡି ଛୁଇଁ ବିଦ୍ୟାରମ୍ଭ କରିଥିଲେ। ଆଉପ୍ରତ୍ୟୁତ୍ପନ୍ନମତି ହେବାର ପ୍ରଥମ ପରିଚିତି । ପୁନଶ୍ଚ ଯଦୁମଣି ନିଜ ପିତାଙ୍କ ଠାରୁ ବାଲ୍ୟ କାଳରେ ଉପେନ୍ଦ୍ର ଭଞ୍ଜଙ୍କ ଜୀବନୀ, ପାଣ୍ଡିତ୍ୟ, କବିତ୍ୱ ଓ ପ୍ରତିଭା ସମ୍ପର୍କରେ ଅନେକ ଚମତ୍କାର କାହାଣୀ ଶୁଣି ତାଙ୍କ କବିତ୍ୱ ଆଦର୍ଶ କୁ ନିଜର ପାଥେୟ ରୂପେ ବରଣ କରିଥିଲେ ଶିଶୁ ଯଦୁମଣି। ଏହି ଯଦୁମଣି ପୁଣି ଉପେନ୍ଦ୍ର ଭଞ୍ଜଙ୍କ ସଂଗୀତ, ରାଗରାଗିଣୀ ଓ ପଦ ଲାଳିତ୍ୟ ଦ୍ୱାରା ମୁଗ୍ଧଚକିତ ହୋଇଥିଲେ । ଆଉ ଉପେନ୍ଦ୍ର ଭଞ୍ଜଙ୍କ କବିତ୍ୱ ହିଁ ତାଙ୍କ କବିଶିକ୍ଷା ନିମନ୍ତେ ଥିଲା ମୌଳିକ ଆଦର୍ଶ । ଏବଂ ଏହି ମୌଳିକ ଆଦର୍ଶର ବିଭାସ କୌଳିକ ବୃତ୍ତିର ପରିମିତିଠୁ ଖୁବ୍ ସୁଦୂରପ୍ରସାରୀ ଏବଂ ନିତ୍ୟନୂତନ ଥିଲା । ଆଉ ସେହି ଯଦୁମଣିଙ୍କ ସୌଭାଗ୍ୟରୁ ସେ ଏକଦା ପଦାର୍ପଣ କରିଥିଲେ ନୟାଗଡ଼ ମାଟିରେ ଯେଉଁ ମାଟିରେ ପୁଣି କବି ସମ୍ରାଟ୍ ଇଷ୍ଟ ରଘୁନାଥଙ୍କ ସାଧନାରେ ସିଦ୍ଧି ଲାଭ କରିଥିଲେ । ଖ୍ରୀ. ୧୭୯୧ ମସିହାରେ ଆଠଗଡରେ ପୁଣି କରାଳ ଦୁର୍ଭିକ୍ଷ ମୁଖ ବ୍ୟାଦାନ କରେ । ଏଣୁ ସେଠାରେ ଆଉ କୁଟୁମ୍ବର

ଭରଣ ପୋଷଣର ଦାୟିତ୍ୱକୁ ମୁକୁନ୍ଦ କାଳର ବାମଗତି ପାଖରେ ତୁଲାଇବା ପାଇଁ ସମର୍ଥ ନଥିଲେ । ହେଲେ , ନିୟତିର ଏହି ବିଡ଼ମ୍ବିତ ସ୍ରୋତ ଅକସ୍ମାତ୍ ତାଙ୍କୁ ଏହି ନିରୁପାୟ ସ୍ଥିତିରୁ ଉଦ୍ଧାର କରେ ଯେତେବେଳେ ତତ୍କାଳୀନ ନୟାଗଡ଼ର ରାଜା ବିନାୟକ ସିଂହ ମାନଧାତା ଦେବ ବିଗ୍ରହ ଗଢଣ ପାଇଁ ଆଗ୍ରହୀ ଥିଲେ । କାରଣ ଏହି ସୁଯୋଗର ସଦଭିପ୍ରାୟରେ ପ୍ରେରିତ ହୋଇଥିଲେ ନିପୁଣ ଶିଳ୍ପୀ ମୁକୁନ୍ଦ ମହାପାତ୍ର । ଆଉ ଆଠଗଡର ପୁଷ୍ପିତ ସୁମନ ଯଦୁମଣି ନୟାଗଡ଼ ମାଟିର ଇଟାମାଟିରେ କବିତ୍ୱର ମହୀରୁହ ହୋଇ ଆଜି ବି ସ୍ୱୀୟ ପ୍ରତିଭାର ପାଥେୟରେ ବହୁବିଧ ଜ୍ଞାନଧୀଙ୍କୁ ଉଦବୁଦ୍ଧ କରୁଛନ୍ତି । ୧୭୯୩ ମସିହା ବେଳକୁ ନୂତନ ସୁନିଆଁ ଦିନ ଚାଟଶାଳୀ ପାଠ ସମାପନ ପୂର୍ବରୁ ଯଦୁମଣି ମଧ୍ୟଯୁଗୀୟ ସାହିତ୍ୟ ପ୍ରତି ନିଜର ଅନୁରକ୍ତି ପ୍ରକାଶ କରିଥିଲେ। ଏହି ଚାଟଶାଳୀ ଶିକ୍ଷା ମାଧ୍ୟମରେ ସେ କୋଇଲି, ଚଉତିଶା, ଭଜନ, ଜଣାଣ, ଷୋଡଶା ଓ ଛାନ୍ଦ ପ୍ରଭୃତି ସହ ଗଣିତ କହିଲେ କାଳର ପାହି ପଣିକିଆ, ଓଡାଙ୍କ ଫେଡାଙ୍କ, ଶୋଧି ଇତ୍ୟାଦିରେ ପଟୁତା ଅର୍ଜନ କରିଥିଲେ ।ଏବଂ ଏହି ସମୟରେ ମଧ୍ୟଯୁଗୀୟ ସାହିତ୍ୟର ସଂସ୍କୃତ ରୀତି ସହ ଜଡିତ ହୋଇ ଯଦୁମଣି ସଂସ୍କୃତ ପଣ୍ଡିତ ବିଦ୍ୟାକର ମହାପାତ୍ରଙ୍କ ଚଉପାଢୀରେ ପଢିବା ପାଇଁ ପିତାଙ୍କୁ ଜଣାଇଲେ । ବାର ବର୍ଷ ବୟସର ଯଦୁମଣି ଇଟାମାଟି ନିକଟସ୍ଥ ମାନ୍ଧାତାପୁରରେ ସଂସ୍କୃତ ଅଧ୍ୟୟନର ଅୟମାରମ୍ଭ କରିଲେ। ଆଉ ଆବାଲ୍ୟ ବିଚକ୍ଷଣ ଯଦୁମଣି ନିଜ ସଂସ୍କୃତ ଶିକ୍ଷାର ଆରମ୍ଭ ସହ ପ୍ରଥମେ ସଂସ୍କୃତର ପ୍ରସିଦ୍ଧ ଅଭିଧାନ ଗ୍ରନ୍ଥ 'ଅମରକୋଷ'କୁ ସମ୍ପୂର୍ଣ୍ଣ ମୁଖସ୍ଥ କରିଦେଇ ଥିଲେ । କସ୍ତୁରୀ ସୁବାସତୁଲ୍ୟ ତାଙ୍କ କବିତ୍ୱର ଆମୋଦିତ ପ୍ରବାହ ତାଙ୍କ ଆଶୁ କବିତ୍ୱରୁ ମଧ ଜଣାଯାଏ । ନାନା ପ୍ରକାରର ବ୍ୟାକରଣ ପୁସ୍ତକ, ସଂସ୍କୃତ କଥା ସାହିତ୍ୟ ସହ ସଂସ୍କୃତ ସାହିତ୍ୟରେ ସେ ପ୍ରବୀଣ ହୋଇ ସାରିଥିଲେ । ଆଉ ଏଥି ସହ ନୟାଗଡରେ ଉଦ୍ଦିଷ୍ଟ ରାଧା ମୋହନଙ୍କ ମନ୍ଦିରର ନିର୍ମାଣ ମଧ ସୁଚାରୁରୂପେ ସମ୍ପାଦିତ ହୋଇ ଯାଇଥାଏ । ମୁକୁନ୍ଦ ମହାପାତ୍ରଙ୍କ ଶ୍ଲାଘ୍ୟ କଳାକୁଶଳତା ଦ୍ୱାରା ରାଜା ବିମୁଗ୍ଧ ହୋଇ ତାଙ୍କୁ ସ୍ଥାୟୀ ଭାବରେ ରଖିନେଇ ଥିଲେ । ସେ ସମୟକୁ ଯଦୁମଣି ଆଶୁକବିତ୍ୱକୁ ନିଜ ପ୍ରତିଭାର ଏକ ଅଭିନ୍ନତା କରି ସାରିଥିଲେ । ଏବେ ଷୋଡ଼ଶ ବର୍ଷୀୟ ଯଦୁମଣି । ଚାରି ବର୍ଷ କାଳ ସଂସ୍କୃତ ଶିକ୍ଷା ପରେ ଅଧିକ ଜ୍ଞାନାର୍ଜନର ପିପାସା ରଖି ଗୁରୁ ବିଦ୍ୟାକର ମହାପାତ୍ରଙ୍କ ସଦୁପଦେଶ ଘେନି ସେ ଘୁମୁସର ଯାତ୍ରା କରିଥିଲେ। ସେଠି ଭଗବାନ୍ କବିରାଜ ବାହିନୀପତି ଥିଲେ ସେତେବେଳେ ଓଡିଶାର ଖ୍ୟାତନାମା ଶାସ୍ତ୍ରଜ୍ଞ ପଣ୍ଡିତ । ତରୁଣ ଯଦୁମଣି ନିଜର ସହୃଦୟ ପଣ୍ଡିତଙ୍କ ସକଳ ସାହଚର୍ଯ୍ୟ ବିଜନିତ ସୁବିଧା ଦ୍ୱାରା ଘୁମୁସର ଅନ୍ତର୍ଗତ ବିଷ୍ଣୁଚକ୍ର ଗ୍ରାମ ଅଭିମୁଖେ ନିଜ ଯାତ୍ରା ଆରମ୍ଭ କରିଥିଲେ । ବିସ୍ତୃତ ରମଣୀୟ ତାଙ୍କ ବସତି ସ୍ଥାନ ଇଟାମାଟି ତାଙ୍କ ଅତି ଆପଣାର ଥିଲେ ସୁଦ୍ଧା ଯଦୁମଣି ନିଜର ଜ୍ଞାନ ସିଦ୍ଧିର ପଥରେ ଗତୀୟମାନ ହେଲେ । ଏଣୁ ସମସ୍ତ ଆକର୍ଷଣ ଓ ମୋହ ପ୍ରତି ଅନାସକ୍ତ ରହି ସେ ସିଦ୍ଧି ପଥରେ ଅବିମୁଖ ରହିଲେ । ଘୋର ଅରଣ୍ୟ ସମାଚ୍ଛାଦିତ ଭୂଖଣ୍ଡ । ହେଲେ ସେତେବେଳେ ଯଦୁମଣିଙ୍କ କର୍ଣ୍ଣପାତ ହେଲା ଯେ ପଣ୍ଡିତ ଜଣଙ୍କ ତନ୍ତ୍ର ସାଧନାରେ ନିପୁଣ ଥିଲେ ଏବଂ କଦାଚିତ୍ ଲୋକଙ୍କୁ ବାତୁଳ ମଧ କରି ଦେଉଥିଲେ। ହେଲେ ସେ ଭୟତ୍ରସ୍ତ ନ ହୋଇ ଯାତ୍ରା ଅବିରାମ ରଖିଥିଲା ବେଳେ ଏକଦା ପଥ ଅତିକ୍ରମ କରୁଥିବା କାଳରେ ସ୍ୱୟଂ ଗୁରୁ ପଞ୍ଚମୁଖ ଭଗବାନ୍ ବାହିନୀପତି ଏବଂ ଜଣେ ଶିଷ୍ୟ କଥୋପକଥନ ହୋଇ ଆସୁଛନ୍ତି । ଆଉ ଏହି ସଂସ୍କୃତ କଥା ସମସ୍ତ ଶୁଣି ଯଦୁମଣି ସ୍ୱୟଂ ଆଶୁ ଶ୍ଲୋକ ରଚନା କରି କରି ଯାଉ ଥିଲେ । ଗୁରୁ ତରୁଣ ଯଦୁମଣିଙ୍କ ଏହିପରି ହାସ୍ୟରସିକ ଶ୍ଲୋକର ବର୍ଣ୍ଣନା ଶୁଣି କହନ୍ତି :-

"ଅକମ୍ପଂ ହସିତଂ ଶ୍ରେଷ୍ଠଂ ମୀଳିତାକ୍ଷମଘାପହମ୍।
ଅସକୃତ୍ ହସିତଂ ଦୁଷ୍ୟେତ୍ ତତ୍ତୁନ୍ମାଦସ୍ୟ ଲକ୍ଷଣମ୍।।"

ଯଦୁମଣିଙ୍କ ହାସ୍ୟରସିକତାକୁ ପ୍ରଶଂସା କରି ସେ ଏହା କହିଲେ । କିନ୍ତୁ ଏକ ନିରାଟ କଥା କହିଗଲେ । ସ୍ପନ୍ଦନହୀନ ହସ ହିଁ ଶ୍ରେଷ୍ଠ ଏବଂ ଆଖି ବୁଜି ହସିଲେ ପାପ ଦୂର ହୁଏ । ବାରମ୍ବାର ହସିଲେ ବଡ଼ ଦୋଷ । କାରଣ ତାହା ବାତୁଳ ବା ଉନ୍ମାଦର ସ୍ୱଭାବ ଅଟେ। ହେଲେ ଯଦୁମଣିଙ୍କ ନିକଟରୁ ସମସ୍ତ ଘଟଣା ଜାଣିସାରି ଗୁରୁ କହିଲେ ଯେ ଯେତେବେଳେ ତାଙ୍କୁ ସେ ଆମ୍ବ ବୃକ୍ଷ ତଳେ ଭେଟିଛନ୍ତି ଆଉ ତାଙ୍କର ସାହସିକ ଶ୍ଳୋକାନ୍ତରେ ହାସ୍ୟ ରସ ଶୁଣିଛନ୍ତି , ତାଙ୍କୁ ନିଶ୍ଚୟ ତାଙ୍କର ଉଦ୍ଦେଶ୍ୟ ସଫଳ କରିବା ଲାଗି ଯତ୍ନ କରିବେ । ଯଦୁମଣିଙ୍କ ସେବା, ଶିକ୍ଷା ଓ ଧୀ ଦ୍ୱାରା ଶାସ୍ତ୍ରବିତ୍ ମହାମହିମ ମୁଗ୍ଧ ହୋଇ ତାଙ୍କ ଶିଷ୍ୟତ୍ୱ ଗ୍ରହଣ କରନ୍ତି । ଯଦୁମଣିଙ୍କ ଜୀବନର ସର୍ବ ସାଧନାର ସିଦ୍ଧିସ୍ୱରୂପ ହୟଗ୍ରୀବ ମନ୍ତ୍ର ସାଧନା ପାଇଁ ସେ ନିର୍ଦ୍ଦେଶିତ କରନ୍ତି । ଆଶ୍ୱିନ ମାସର ଶେଷ ପାଦରେ ଯଦୁମଣି ପହଞ୍ଚିଲେ ହୟଗ୍ରୀବ ମନ୍ତ୍ରର ସାଧନା ପାଇଁ । ଯଦୁମଣି ନିଷ୍କମ୍ପ ପ୍ରଦୀପ ସ୍ୱରୂପ ଗୁରୁଙ୍କ ଠାବରୁ କାର୍ତ୍ତିକ ଶୁକ୍ଳ ଅଷ୍ଟମୀରୁ ଦୀକ୍ଷା ଗ୍ରହଣ ନିମିତ୍ତ କଠୋର ସାଧନାର ଅୟମାରମ୍ଭ କରନ୍ତି । ଆଉ ସେହି ଦିନ ଗୁରୁ କହିଲେ ଯେ ଏହି ମନ୍ତ୍ରକୁ ବୟାଳିଶ ଲକ୍ଷ ଥର ଜପ କରିବାକୁ ହବ । ଉକ୍ତ ହୟଗ୍ରୀବ ମନ୍ତ୍ର ମଧ ବୟାଳିଶାକ୍ଷର ଅଟେ। ବିଧି ରକ୍ଷା ପୂର୍ବକ ସେ ଏକଦା ମନ୍ତ୍ର ଜପ କରୁଥିଲା ବେଳେ ଜପ ଆଉ ଦଶ ଲକ୍ଷ ଅବଶିଷ୍ଟ ଥିବା ମଧରେ ତାଙ୍କୁ ଭୀଷଣ ଜ୍ୱର ଗ୍ରାସ କଲା । ସାଧନାର ପ୍ରଥମ ପର୍ଯ୍ୟାୟରେ ଏଇଠି ଅବସାନ ଘଟେ ସତ, ହେଲେ ଅନ୍ତିମ ନୁହେଁ । ପୁନର୍ବାର ଦୀକ୍ଷା ଗ୍ରହଣ କରି ଏଥର ଆଷାଢ଼ ଶୁକ୍ଳ ଦଶମୀ ଦିନ ସମାପନ ହେବା ସହ ସ୍ୱପ୍ନରେ ସେ ଅଶ୍ୱମୁଖ ବିଶିଷ୍ଟ ବିଷ୍ଣୁ - ଶଙ୍ଖ, ଚକ୍ର, ଗଦା ଓ ପଦ୍ମର ଆବର୍ତ୍ତରେ ତାଙ୍କ ସମ୍ମୁଖରେ ଉଭା ହୋଇଅଛନ୍ତି। ହେଲେ ଯଦୁମଣି ଅଶ୍ୱମୁଖ ଦେଖି ହସିଉଠିଲେ ! ଦେବତାଙ୍କୁ ଏପରି ମାନବତୁଲ୍ୟ ପରିହାସ କରିଲେ ମଧ ଦେବତା ସ୍ୱୟଂ ତାଙ୍କ ହାସ୍ୟରସିକତାରେ ହସି ଉଠି ବରପ୍ରଦାନ କରିଥିଲେ ଯେ ଧରଣୀ ତଳ୍ପରେ ସେ ଜଣେ ସୁପ୍ରସିଦ୍ଧ ହାସ୍ୟରସିକ ଭାବରେ ନିଜର ପରାକାଷ୍ଠା ପ୍ରତିପାଦନ କରିବେ । ଆଉ ଏଥିବେଳକୁ ସାଧନାର ସିଦ୍ଧିପ୍ରାପ୍ତି ପରେ ତରୁଣ ଯଦୁମଣି ଅଠର ବର୍ଷର । ସଂସ୍କୃତ ଶିକ୍ଷା ଓ ଶାସ୍ତ୍ର ଅଧୟନ ଶେଷ କରି ସେ ଘୁମୁସରକୁ ଫେରିଥିଲେ । ଏଥି ବେଳକୁ ତାଙ୍କର ଦେହ କ୍ଷୀଣ ହେଇ ଯାଇଥାଏ । ନିଜ ସମ୍ପର୍କୀୟ ରଥୀ ଭାସ୍କରେ ଙ୍କ ସହ ଘୁମୁସରର ବିଷ୍ଣୁଚକ୍ରରୁ ଇଟାମାଟିରେ ପହଞ୍ଚିଲା ପରବର୍ତ୍ତୀ ସମୟରେ ଯଦୁମଣି ଏତେ ଦୁର୍ବଳ ଦିଶୁଥିଲେ ଯେ ତାଙ୍କର ପ୍ରାଣବାୟୁ ହତ ହୋଇ ସାରି ଥିବ, ଏହା ଅନେକଙ୍କ ଧାରଣାରେ ପରିଣତ ହୋଇ ସାରିଥିଲା । ହେଲେ ବିଧିର ବିଧାନ ସତତ ଅନନ୍ୟ । ଦଶପଲ୍ଲାର କୁଞ୍ଜବନଗଡ ଠାରେ ସମ୍ପର୍କୀୟ ମାମୁଁଙ୍କ ସହ ଅବସ୍ଥାନ କରିଥିଲେ ଯଦୁମଣି ମହାପାତ୍ର । ଆଉ ଏହି ମଧରେ ତାଙ୍କର ସ୍ୱାସ୍ଥ୍ୟ ପୁନଶ୍ଚ ପୂର୍ଣ୍ଣାଙ୍ଗ ଉନ୍ନତି ପରିଲକ୍ଷିତ କରେ । କୋମଳ ଲଳିତ କଣ୍ଠରେ ଯଦୁମଣି ଗ୍ରାମ ଦାଣ୍ଡରେ ଅତି ମଧୁର ସ୍ୱରରେ ଉପେନ୍ଦ୍ର ଭଞ୍ଜଙ୍କ ଛାନ୍ଦ ଆବୃତ୍ତି ଶୁଣି ସର୍ବସାଧାରଣଙ୍କୁ ଆକୃଷ୍ଟ କରିଥିଲେ ଯଦୁମଣି । ସେହି ଦଶପଲ୍ଲାର କୁଞ୍ଜବନ ଗଡରେ ରହୁଥିଲେ ପିଣ୍ଡିକ ରାୟଗୁରୁ । ସଂସ୍କୃତ ଭାଷା ସମେତ ହିନ୍ଦୀ, ଓଡିଆ, ବ୍ରଜବୋଲୀ, ବଙ୍ଗାଳୀ ଭଳି ଭାଷାରେ ସେ ଥିଲେ ନିତାନ୍ତ ପଟୁ । ଚାରି ଥର ଭାରତ ତୀର୍ଥାଟନ କରିଥିବା ଏହି ସ୍ଥବିରଦେହା ଥିଲେ ଦୀପ୍ତି ଓ ଜ୍ଞାନରେ ତରୁଣସୁଲଭ ଦେଦୀପ୍ୟମାନ । କୁଞ୍ଜବନ ଗଡ଼ର ନୀଳକଣ୍ଠଙ୍କ ବଉଳବନରେ ଯଦୁମଣିଙ୍କ ମଧୁର କଣ୍ଠଧ୍ୱନି ଦ୍ୱାରା ଅଭିଭୂତ ହୋଇପଡିଥିଲେ ପିଣ୍ଡିକ ରାୟଗୁରୁଙ୍କ ଯୁବତୀ ଧର୍ମ ପତ୍ନୀ । ଆଉ ଏହି ମୁଗ୍ଧଚକିତା ଯୁବତୀ ପତ୍ନୀ ସ୍ୱୀୟ ସ୍ୱାମୀଙ୍କୁ ଏହି ଯୁବକଙ୍କ କଣ୍ଠରୁ ସମଗ୍ର "ଜଗମୋହନ ରାମାୟଣ" ଶୁଣିବା ପାଇଁ ଆଗ୍ରହୀ ହେଲେ । ଶୂଦ୍ରଜାତିର ସୁକୁମାର ଚିତ୍ରକାର ପିଲା ବ୍ରାହ୍ମଣ ଘରେ ବସି ପବିତ୍ର ରାମାୟଣ ପାଠ କରିଲା ! ଆଉ ସଂଯୋଗ ବଶତଃ ଯଦୁମଣିଙ୍କ ମାମୁଁ ଥିଲେ ରାୟଗୁରୁଙ୍କ ବନ୍ଧୁ ।

ଏବଂ ଏହି ପିଣ୍ଡିକ ରାୟଗୁରୁ ପୁନଶ୍ଚ ଯଦୁମଣିଙ୍କ ଧୀମାନ୍ ହେବାର ପରିଚିତି ପାଇଁ ପ୍ରତ୍ୟହ ଦିବସରେ ତାଙ୍କ ସହ ବହୁବିଧ ସଂସ୍କୃତ କାବ୍ୟ ସହ 'ବୈଦେହୀଶ ବିଳାସ', 'ଲାବଣ୍ୟବତୀ', 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ସୁଭଦ୍ରା ପରିଣୟ' ଭଳି ଭଞ୍ଜ ସାହିତ୍ୟର ଅର୍ଥାଦି ଆଲୋଚନା କରନ୍ତି । ପ୍ରଖର ସାଧନା ସହ ଏକାଗ୍ର ସ୍ମୃତିଶକ୍ତିର ଅଧିକାରୀ ଯଦୁମଣି ପିଣ୍ଡିକଙ୍କ ଠାରୁ ପୁଣି ମଧ୍ୟଯୁଗୀୟ କାବ୍ୟର ରୀତି, ଧ୍ୱନି, ବକ୍ରୋକ୍ତି ଓ ଅଳଙ୍କାର ପ୍ରଭୃତିର ପରିଚିତି ପାଇଥିଲେ । ଏହି ଯଦୁମଣି ପୁନଶ୍ଚ ଏକଦା ହୟଗ୍ରୀବଙ୍କ କୃପାଭାଜିତ ହୋଇ କବିତ୍ୱ ପାଇବାକୁ ଲେଖିଥିଲେ : "ହୟଗ୍ରୀବ ମହାପ୍ରଭୁ ପ୍ରତାପେ ଥୋଡା ନୁହେଁ ଲୋଡା କରନ୍ତି ନୃପେ । ଯୋଡା ହୋଇ ମୋ ପ୍ରୌଢା କବିତାକୁ ବଳି ବଳି ରସ-ଦାନୀ କର୍ଣ୍ଣକୁ ଭଲେ ଭଲ, ଖଣ୍ଟେ ଖଣ୍ଟ ଯେ ନବ ଦୂର୍ବାଦଳ ଶ୍ୟାମଳ କୃପାରୁ ମୋ ନାମ ଉତ୍କଳଘଣ୍ଟ ଯେ ।" ତତ୍କାଳୀନ ପିଣ୍ଡିକ ରାୟଗୁରୁଙ୍କ ପ୍ରତିବେଶୀ ଥିଲେ ରଘୁନାଥ ସୂତ୍ରରାୟ । ଏହି ଦୁଇ ପରିବାରଙ୍କ ମଧ୍ୟରେ କିଛି ମନୋମାଳିନ୍ୟ ଥିବାର ସେତେବେଳେ ଶୁଣାଯାଏ । ହେଲେ ସେହି ସମୟରେ ଯଦୁମଣିଙ୍କ ସଂଗୀତଗାନ ଓ ଘନିଷ୍ଠତା ପ୍ରତିଷ୍ଠା ନିମନ୍ତେ ମାଧ୍ୟମ ହେଇଗଲା । ସୂତ୍ରରାୟଙ୍କ କାମିନୀ ମୁକ୍ତାଦେଇ ଯଦୁମଣିଙ୍କ ରୂପଶ୍ରୀ ଓ ମଧୁରତାରେ ଆକର୍ଷିତ ହୋଇପଡିଥିଲେ । ଆଉ ମନେ ମନେ ତାଙ୍କରି କଣ୍ଠନିଃସୃତ ଭାଗବତବାଣୀ ଶୁଣିବେ । ହେଲେ ତା ଝିଅ ଖଞ୍ଜନା ଯିଏକି ଯଦୁମଣିଙ୍କ ମଧୁର ସଂଗୀତରେ ଆମୋଦିତ ଥିଲା , ସିଏ ପରିହାସବଶତଃ ସବୁବେଳେ ତାଙ୍କୁ ଥଟ୍ଟା କରୁଥିଲା ସତ , ପୁଣି ନୀଳକଣ୍ଠ ବଉଳ ଉପବନରେ ଦୁହିଁଙ୍କର ଭେଟ ପରେ ଦୁହିଁଙ୍କର ମଙ୍ଗଳକୃତ୍ୟ ସମ୍ପାଦି ଥିଲେ ପିଣ୍ଡିକ ରାୟଗୁରୁ। ଯଦୁମଣି କପର୍ଦ୍ଦକଶୂନ୍ୟ ସେତେବେଳେ । ହେଲେ ମଧ ଅଷ୍ଟମଙ୍ଗଳା ସମାପନ ହେଉ ହେଉ ସେ ପଳେଇ ଗଲେ ପୁରୀ । କେତେବେଳେ ନରେନ୍ଦ୍ର ସରଣୀ ତ କେତେବେଳେ ବଡ଼ ଦେଉଳ ଭିତରେ ରହି ଉପେନ୍ଦ୍ର ଭଞ୍ଜଙ୍କର ଛାନ୍ଦ ସବୁ ବୋଲି ସେଠାରେ ଜଣେ ସୁଆରଙ୍କର ସହ ଭେଟ ହେଲେ । ତାଙ୍କରି ଗୃହ ମଧ୍ୟରେ ବାସ କରିବା ସହ ପୁରୀରେ ହିଁ ତାଙ୍କର ହାସ୍ୟରସିକ କବି ଭାବରେ ପରିଚିତି ପାଆନ୍ତି ସକଳେ । ଆଉ ଇତିମଧ୍ୟରେ ସେ ଚକ୍ର ତୀର୍ଥ ଠାରେ ଜନୈକ ପଣ୍ଡିତଙ୍କ ଆଶ୍ରୟରେ ସଂସ୍କୃତ କାବ୍ୟ ମାନ ପାଠ କରିବାର ସୁଯୋଗପ୍ରାପ୍ତ ହୁଅନ୍ତି । ଏବଂ ଏକାଗ୍ର ଯଦୁମଣି ଗୋଟି ଗୋଟି କରି ଅତି ନିଷ୍ଠାପର ଭାବରେ ସମାପନ କରୁଥିଲେ । ଏହି ପଣ୍ଡିତ ଥିଲେ ହରିହର ନନ୍ଦ , ଯିଏକି ସକୁଟୁମ୍ବ ହରାଇ ଚକ୍ର ତୀର୍ଥରେ ରହୁଥିଲେ । ଯଦୁମଣି ପଣ୍ଡିତ ହରିହର ନନ୍ଦଙ୍କ ଠାରୁ ପୁନଶ୍ଚ ସଂସ୍କୃତାନୁରାଗୀ ହେତୁ ମାଘଙ୍କ କାବ୍ୟର ଠାଏ ବର୍ଣ୍ଣନା ପଣ୍ଡିତଙ୍କ ନିକଟରୁ ଶୁଣି ଏତେ ପ୍ରଲୁବ୍ଧ ହୋଇ ଯାଇଥିଲେ ଯେ ସେ ମାସକ ମଧ୍ୟରେ ଏହାକୁ ମନନ କରି ସମାପ୍ତ କରିଦେଲେ । ପରବର୍ତ୍ତୀ ସମୟରେ ଏହି ମାଘ କାବ୍ୟ ହିଁ ତାଙ୍କର କୃତି 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ରେ ପ୍ରତିଫଳିତ ହୋଇଅଛି । କଥିତବ୍ୟ ଯେ "ମାଘେ ସନ୍ତି ତ୍ରୟୋ ଗୁଣାଃ" - ଅର୍ଥାତ୍ , ମାଘଙ୍କ କାବ୍ୟଗୁଣ ଉପମା , ଅର୍ଥ ଗୌରବ ସହ ପଦ ଲାଳିତ୍ୟରେ ପରିପୂର୍ଣ୍ଣ । ଯଦୁମଣି ସଂସ୍କୃତ କାବ୍ୟର ସମସ୍ତ ଏହି ରୀତିକୁ ଅତି ଚମତ୍କାରିତାର ସହ ଶ୍ଳାଘ୍ୟ ବର୍ଣ୍ଣନାରେ ଠାଏ ପ୍ରକାଶ କରୁଥିଲେ । ହେଲେ ତାଙ୍କ ପ୍ରଚ୍ଛନ୍ନ ସାମର୍ଥ୍ୟ ଏତେ ଥିଲା ଯେ ମାତ୍ର ଦୁଇବର୍ଷର ସଂସ୍କୃତ ସାଧନା ତାଙ୍କୁ ସମଗ୍ର କବି ସମାଜ ର ଶୀର୍ଷସ୍ଥାନରେ ରଖି ପାରିଥାଆନ୍ତା । ଆଉ ଏଥି ସହ ସେ ବେଶୀ ସମୟ ପୁରୀରେ ନ ରହି ଏକଦା ଜଣେ ଯୁବତୀଙ୍କୁ ଅନୁଧାବନ କରି ତାଙ୍କୁ ଦିଅର କରାଇ ରଖିଦେବାରୁ ଯଦୁମଣିଙ୍କ କୁଟୁମ୍ବ ତାଙ୍କୁ ଖୋଜି ଖୋଜି ନୟାନ୍ତ ହୋଇପଡିଥିଲେ । ରଘୁନାଥ ସୂତ୍ରରାୟ ବାଘମାରି ବାଟେ ଗସ୍ତ କରି କଣ୍ଟିଲୋ ଦେଇ ନଦୀ ଉତ୍ତୀର୍ଣ୍ଣ ହେବା ବେଳକୁ ସେହି ଗ୍ରାମର ଉପାନ୍ତରେ ଏକ

କୋଠା ଘର ଚଉତରାରେ ଯଦୁମଣିଙ୍କୁ ଭେଟି କାନ୍ଦି ପକେଇଲେ । ଏଥି ସହ ସୁପୁତ୍ର ପରି ଶ୍ୱଶୁରଙ୍କ ସହ ଘରବାହୁଡା ପରେ ଯଦୁମଣି ଏଥର ଖଞ୍ଜନାଙ୍କ ନିକଟରେ ରହିଲେ। ଖଞ୍ଜନା ଯଦୁମଣିଙ୍କ ଯୌବନର ବର୍ଣ୍ଣିଳ ସ୍ୱପ୍ନସଦୃଶ ଥିଲେ , ଯିଏ କି ତାଙ୍କର ଥିଲେ ଚିର ସହଚରୀ ଏବଂ ସ୍ୱପତ୍ନୀଙ୍କ ବର୍ଣ୍ଣନାରେ ସେ ରଚନା କରିଥିଲେ ତାଙ୍କର ପ୍ରଥମ ରଚନା । ପ୍ରବାସ କାଳରେ ସେ ଖଞ୍ଜନାଙ୍କ ଭାବନାରୁ ବିଜନିତ ବିରହାନୁଚିନ୍ତାରେ ଅଧୀର ହୋଇ ଲେଖିଦେଇ ଥିଲେ । ଏପରିକି ନିଜ ଯୁବତୀ ପତ୍ନୀଙ୍କୁ ସେ ଏହି ଆଦ୍ୟ ରଚନା ଭେଟି ଦେଇଥିଲେ । ବାଘ ମାରିରେ ଅବସ୍ଥାନ କାଳରେ ୧୮୦୩ ମସିହାରେ ଏହା ସେ ରଚନା କରିଥିଲେ : ( ରାଗ - ମେଘ ମହ୍ଲାର । ତାଳ - ଆଠତାଳୀ ) "ବରଷା କାଳ ହୋଇଲା ଆସିରେ ବର ସାରସନେତ୍ରୀ ଯିବ ଭାସିରେ। ୦। ବରଷାଇ ନେତ୍ରୁ ଅଶ୍ରୁଧାରକୁ ବୁହାଉ ଥିବ ତ ବସି ଉରକୁ ହେ । ୧ । ବରଷ ପୂରିଲା ହେଲି ବିଦେଶୀ ବରଷ ପୂରି ନାହିଁ ତାକୁ ଶଶିରେ" । ୨। ଯଦୁଯଣି ଥିଲେ ଭାରି ସ୍ପଷ୍ଟବାଦୀ । ଏକଦା ତାଙ୍କ ଗ୍ରାମର ନିଧି ମହାପାତ୍ର ନାମକ ତେଲୀ ମହାଜନ ରାଜାଙ୍କର ଅନୁଗ୍ରହରୁ ଧନ ଆଣି ପ୍ରଜାଙ୍କୁ ବେଠି କରାଇ ଦେବତାର ମଣ୍ଡପ ଗଢିଲେ , ଅଥଚ ଉକ୍ତ ମଣ୍ଡପର ନାମକରଣ ସେହି ତେଲୀ ନାମେ ହେବାରୁ ଲୋକଙ୍କ ମଧରେ ଅସନ୍ତୋଷ ଜାତ ହେଲା । ଏଣୁ ସେ କବିତା ଲେଖି ସାହିର ସମସ୍ତ ପିଲାଙ୍କୁ ବୋଲିବାକୁ ଶିଖେଇବାକୁ ନିଧି ମହାପାତ୍ରେ ରାଜାଙ୍କ ଆଗରେ ଫେରାଦ ହୁଅନ୍ତେ ପୁନଶ୍ଚ ଯଦୁମଣିଙ୍କୁ ଡକାଇ ପଠାନ୍ତି ରାଜା । ରାଜାଙ୍କ ନିକଟରେ ସେ କବିତାର ଅର୍ଥ କରି ଜଣେଇଲେ - "ରଜାଙ୍କ ଧନ ସରିଲା ; ପ୍ରଜା ବେଠି କରିଲେ ; ଅଥଚ ତେଲୀ ନାଁରେ କାହିଁକି ମନ୍ଦିର ପ୍ରତିଷ୍ଠା ହେବ ? ରାଜାଙ୍କ ନାମରେ କରାଯିବା ସମୀଚୀନ ।" ସତ୍ୟ ଘଟଣା ଜାଣି ଯଦୁମଣିଙ୍କୁ ରାଜା ମୁକ୍ତ କରିଦେଇ ଥିଲେ। ସେତେବେଳେ ଅନେକ ଘଟଣା ପାଇଁ ରାଜାଙ୍କ ଦରବାରରେ ଚିହ୍ନା ହେଇସାରିଥିଲେ ଯଦୁମଣି ହେଲେ ସହୃଦୟ ସମ୍ପର୍କର ସୂତ୍ରପାତଟା ଏତେ ସହଜରେ ହେଇ ପାରି ନଥିଲା । କାରଣ ଏହା ପୂର୍ବରୁ ପୁଣି ପିତା ମୁକୁନ୍ଦ ଓ ପୁତ୍ର ଯଦୁମଣିଙ୍କର ବହୁ ଥର ମନାନ୍ତର ହୁଏ , କାରଣ ମୁକୁନ୍ଦ କାର୍ପଣ୍ୟବଶତଃ ସଦା ଗ୍ରାମ ମଧ୍ୟକୁ ବିକ୍ରି ପାଇଁ ଆସୁଥିବା ଜିନିଷ କିଣି ଯଦୁମଣି ଅର୍ଥ ଖର୍ଚ୍ଚ କରିବେ ବୋଲି କହି ଦେଉଥିଲେ । ଏହା ଫଳରେ ମୁକୁନ୍ଦ ରାଜାଙ୍କ ସମୀପେ ଅଭିଯୋଗ କରିବାରୁ ରାଜା ପିଆଦାକୁ ପଠେଇଲେ । ଯଦୁମଣି ଏକ କବିତାରେ ପିଆଦାକୁ ସ୍ୱକୀୟ ଅବସ୍ଥା ବିଷୟରେ ଜଣାଇ ରାଜାଙ୍କ ନିକଟକୁ ପଠେଇଲେ : "ଅଣକ ଖୋଳୁଛି ପେଟ କଣକ ପାଇଁ ସଭାରେ ବସିଛି ସେ ଜଣକ ପାଇଁ।" ( ଅର୍ଥାତ୍, ମୁଁ ପରିବାରର ପ୍ରତିପୋଷଣ ନିମନ୍ତେ ଷଢେଇ ମାଧମରେ କଣା କରୁଛି ଡଙ୍କା ତିଆରି କରିବାକୁ , ସେହି ଜଣକ , ଅର୍ଥାତ୍, ମୋ (ଯଦୁମଣିଙ୍କର) ପିତା ଉପସ୍ଥିତ ହୋଇ ମୋ ବିରୁଦ୍ଧରେ ସଭାରେ ଅଭିଯୋଗ କରୁଛନ୍ତି । ଏ କାମ ଛାଡି ଯିବା ସମ୍ଭବ ନୁହେଁ କାରଣ ମୁଁ ଚାଲିଗଲେ ତେବେ ମୋ ପରିବାରରେ ଜଣେ ଉପବାସରେ ରହିବ । ) ଉଦାରମନା ରାଜାଙ୍କ ନିକଟବର୍ତ୍ତୀ ବେବର୍ତ୍ତା ପଟ୍ଟନାୟକ ପତ୍ରଟିର ସାର ମର୍ମ ବୁଝିପାରି ପରବର୍ତ୍ତୀ ସମୟରେ ମୁକୁନ୍ଦ ମହାପାତ୍ରଙ୍କୁ ରାଜା କିଛି ଅର୍ଥ ଓ ଦ୍ରବ୍ୟ ପ୍ରଦାନ କରିଥିଲେ । ହେଲେ ମଧ ପରବର୍ତ୍ତୀ କାଳକୁ ସେ ସମସ୍ତ ତ୍ୱରିତ୍ ଖର୍ଚ୍ଚ କରିଦେଉଥିଲେ ମୁକୁନ୍ଦ । ଏହା ହେଉଛି ୧୮୦୩ ମସିହାର କଥା । ଏହି ସମୟକୁ ଓଡିଶା ଦଖଲ କରିବାକୁ ଉଦ୍ୟତମନା ବ୍ରିଟିଶ । ଏ ସମୟରେ ବିନାୟକ ସିଂହ ମାନଧାତା ଇଂରେଜଙ୍କ ସହ ସନ୍ଧି କରି ଥିଲେ। ଅକସ୍ମାତ୍ ଘଟଣାଚକ୍ରରେ ସେତେବେଳେ କେତେ ଗୁଡିଏ ପଟିଚିତ୍ର ରାଣୀଙ୍କର ଲୋଡା ପଡିଲା । ଏଣୁ ପିତାଙ୍କର ଚିତ୍ରଣ ସହ ଯଦୁମଣିଙ୍କର ଚାରୁଚିତ୍ରିତ ପଟିଗୁଡିକ ଶୋଭା ପାଇଲା ଅନ୍ତଃପୁର ପୂଜା ଦେଉଳରେ ଆଉ ପିତାଙ୍କ ଚିତ୍ର ସକଳ ଜଗନ୍ନାଥ ମନ୍ଦିରରେ। ଆଉ ସେ ସମୟରେ ଥରେ

ଘରେ ଭାତ ରନ୍ଧା ହୋଇ ତରକାରୀ ସରିଯିବାରୁ ପଖାଳ ସାଥିକୁ ଅନ୍ତତଃ ଖଟା ଟିକିଏ ହେଲେ ଚଳିଯିବ ଭାବି ସେ ପଡିଶା ଘରକୁ କବିତା ଛଳରେ ଯାଚିଲେ : "ଅଚ୍ୟୁତ ଖଣ୍ଡା ଚ୍ୟୁତ ହୋଇଥିବ ଆନନ୍ଦ ମୂଳକ ଦ୍ୱିଖଣ୍ଡ ହେବ ।" ବ୍ରାହ୍ମଣ ଜଣକ ଥିଲେ ତାଙ୍କର ପ୍ରତିବେଶୀ । ପଣ୍ଡିତେ ଥିଲେ ଗୁଣୀ ଓ ଗୁଣଗ୍ରାହୀ। ଏହି ପଦଟିର ଅର୍ଥ ସେ ବୁଝିପାରି କେବଳ ଆମ୍ବୁଲ ନୁହେଁ ବରଂ ଆହୁରି ବିଭିନ୍ନ ପ୍ରକାରର ଆଚାର ଯଦୁମଣିଙ୍କୁ ପ୍ରଦାନ କରିଥିଲେ । ପଦଟିରେ ଯଦୁମଣିଙ୍କ ସାରାର୍ଥ ଏହିପରି : ଅଚ୍ୟୁତ ବା ବିଷ୍ଣୁଙ୍କ ଖଣ୍ଡା ନନ୍ଦକ । "ଆନନ୍ଦ ମୂଳକ" ଶବ୍ଦରୁ "ନନ୍ଦକ" ଶବ୍ଦଟି "ଚ୍ୟୁତ" ହେଲେ ବା ବ୍ୟତୀତ କରି ଦିଆଗଲେ "ଆମୂଳ" ବା ବାଚ୍ୟାର୍ଥରେ "ଆମ୍ବୁଳ" ବୋଧ ହେବ । ଉପସ୍ଥିତ ସମୟରେ ତୀକ୍ଷ୍ଣ ମେଧା, ପ୍ରତ୍ୟୁତ୍ପନ୍ନମତିତା ସହ ପ୍ରଖର ସ୍ମରଣ ଶକ୍ତିର ଅଧିକାରୀ ଯଦୁମଣି ପୁନଶ୍ଚ ଚିତ୍ରକର, କବି, ସ୍ୱଷ୍ଟ ସ୍ୱର ଧରି ହାସ୍ୟରସିକ ଭାବରେ ନିଜର ବ୍ୟକ୍ତିତ୍ୱକୁ ନୈସର୍ଗିକ କରିଥିଲେ। ୧୮୦୮ ମସିହାରେ ଯଦୁମଣିଙ୍କ ପିତୃ ବିୟୋଗ ଘଟେ। ପିତାଙ୍କ ପ୍ରତି ଦୁଇଜଣ - ପୁତ୍ର ଯଦୁମଣି ଓ ବଧୂ ଖଞ୍ଜନା ଅତି ନିଷ୍ଠାପର ରହିଥିଲେ । ଆଉ ଅର୍ଦ୍ଧରାତ୍ରିରେ ପିତାଙ୍କ ଶେଷ ସଂସ୍କାର ପରେ ଅନ୍ତ୍ୟେଷ୍ଟି କୃତ୍ୟମାନ କିପରି ସମ୍ପାଦିବେ ବୋଲି ମନେ ମନେ ଭାଳି ପିତାଙ୍କ ନିର୍ମିତ ରାଧାମୋହନ ଦେଉଳ ନିକଟରେ ପଡିରହିଲେ । ପ୍ରଭାତରେ ଅବକାଶ ବଢାଇବାକୁ ଆସି ଥିବା ପଣ୍ଡା ଯଦୁମଣିଙ୍କୁ ଡାକ ଛାଡିବାରୁ ଯଦୁମଣି ନ ଉଠି ଆହୁରି ସର୍ବାଙ୍ଗ ଆବୃତ ରଖି ପଡିରହିଲେ । ଏ କଥା ରାଜଗୁରୁଙ୍କୁ ଜଣାଇ ବାରୁ ସେମାନେ ଜାଣିପାରିଲେ ଯେ ଯଦୁମଣିଙ୍କର ଏସବୁ କାର୍ଯ୍ୟ । ସ୍ୱୟଂ ରାଜା ଆସି ପଚାରିବାରୁ ଯଦୁମଣି କହିଲେ : "ମୁଁ ଠାକୁର ରାଧାମୋହନଙ୍କ ଭାଇ। ମୋର ନାମ ଯଦୁମଣି। ମୋର ପିତା ମୁକୁନ୍ଦ ମହାପାତ୍ର କାଲି ରାତିରେ ମରିଗଲେ । ମୁଁ ପିତାଙ୍କ ମୃତ୍ୟୁ ଯାଏଁ ନିଜ ଆୟରେ ପାଳିଥିଲି। ରାଧାମୋହନ ଏ ଶୁଦ୍ଧିକାର୍ଯ୍ୟ ନ ଉଠାଇଲେ କିପରି ହେବ ? ବିଶେଷରେ ତାଙ୍କର ନିର୍ମାତା ହେଉଛି ଜନ୍ମଦାତା ପିତୃ ସଦୃଶ। ସେ ତ ପୁଣି ଅହୋରାତ୍ର ଉପବାସ ପାଳନା କରିବେ ? " ଏମନ୍ତ ସବୁ କହି ରାଜା ସବିନୀତ ଭାବେ ତାଙ୍କ ଇଚ୍ଛା ଜାଣିବାରୁ ଯଦୁମଣି ଦୁଇ ଶତ ଟଙ୍କା ଦାବିପୂର୍ବକ ରାଜାଙ୍କ ଅନୁଗ୍ରହ ପାଇଥିଲେ । ହେଲେ , ରାଜା ଯଦୁମଣିଙ୍କ ଆଚାର ଚଳଣିରେ ସନ୍ତୁଷ୍ଟ ହେବାରୁ ଯେଉଁ ଆଚାର ବିହୀନ ବୋଲି ପାରିଷଦ ବର୍ଗ କହି ଆସୁଥିଲେ , ତାହା ଶେଷକୁ କ୍ଷୁଣ୍ଣ ହୁଏ । ହେଲେ ଅନ୍ତ୍ୟେଷ୍ଟି କ୍ରିୟାର ଶେଷ ବେଳକୁ ବନ୍ଧୁବାନ୍ଧବ ବହୁ ରାଜ୍ୟରୁ ଆସି ଦୁଇ ପ୍ରାଣୀ କୁଟୁମ୍ବଙ୍କର ସମସ୍ତ ଲୁଣ୍ଠି ନେବାରୁ ଯଦୁମଣି ଓ ଶିଶୁପୁତ୍ରୀ ରମା ରୋଗାକ୍ରାନ୍ତ ହୋଇ ପଡିଲେ। ଖଞ୍ଜନା ନିଜର ଆୟ ଅଳଙ୍କାର ବିକ୍ରି ଏ ଦୁହିଁଙ୍କ ମଧ୍ୟରୁ ରମାଙ୍କୁ ଆରୋଗ୍ୟ ପ୍ରଦାନ କରେ। ଆଉ ଏ ଦୁଃସମୟରେ ଯଦୁ ମଣି ଆରୋଗ୍ୟ ନ ପାଇବାରୁ ମନୋରମା ନାମ୍ନୀ ସେହି ଯୁବତୀ ଆସି ତାଙ୍କୁ ଅଯାଚିତ ଅର୍ଥ ସହକାରେ ସାହାଯ୍ୟ ପ୍ରଦାନ କରିଥିଲେ ଯିଏ ତାଙ୍କୁ ପୁରୀରେ ଭେଟ ହୋଇଥିଲେ । ଏମାନଙ୍କ ଅକୃତ୍ରିମ ସ୍ନେହ , ସୌହାର୍ଦ୍ଦ୍ୟପୂର୍ଣ୍ଣ ସାହାଯ୍ୟ ସହ ଅକପଟ ସହାନୁଭୂତି ଯଦୁମଣିଙ୍କ କବିଜୀବନରେ କାବ୍ୟକବିତା ରଚନାର ପଥିକୃତ । ଏହି ସମୟରେ ଯଦୁମଣିଙ୍କର ଭେଟ ହୁଏ ଗଞ୍ଜାମର ଖଲ୍ଲିକୋଟର ସୁପ୍ରସିଦ୍ଧ ବିଦ୍ୱାନ୍ ଚକ୍ରପାଣି ପଟ୍ଟନାୟକଙ୍କ ସହ। 'ସୁଲୋଚନା ମାଧବ' ନାମକ ସଂସ୍କୃତ ମହାକାବ୍ୟ ଓ ଓଡିଆ ଭାଷାରେ 'ରସ କଲ୍ପଲତା' ନାମକ କାବ୍ୟର ପ୍ରଣେତା ଏହି ପଣ୍ଡିତ ପୁରୀ ଗଜପତିଙ୍କ ରାଜସଭାରୁ ଆଶୁ କବିତ୍ୱ ନିମିତ୍ତ 'ବକ୍ରବାକ୍' ଉପାଧି ପାଇଥିଲେ। ୧୮୧୦ ମସିହାରେ ଦୁହିଁଙ୍କର ସାକ୍ଷାତ୍କାର । ପିତାଙ୍କ ନିଧନ ପରେ ରାଜସଭା ଅଭିମୁଖେ କାଁ ଭାଁ ଗସ୍ତ କରନ୍ତି ଯଦୁମଣି । ଚକ୍ରପାଣିଙ୍କୁ ଚିହ୍ନି ନ ପାରି ଜଣେ ଦୀର୍ଘକାୟ ଏକାନ୍ତ ଆଡମ୍ବରବନ୍ତ ପ୍ରୌଢଙ୍କୁ ଦେଖି ରସିକ ଯଦୁମଣି ପଚାରିଲେ - "ଆପଣ କିଏ ? ନାମ

କଣ?" ଚକ୍ରପାଣି ଯୁବକଟିକୁ ଅନାଇଁ ବୋଇଲେ , "କୋଷଗ୍ରନ୍ଥର ବିଷ୍ଣୁ ପର୍ଯ୍ୟାୟରେ ମୋ ନାମ ପାଇବ ।" ହଠାତ୍ ବିରାଟ ଜୁଡାଧାରୀ କୁଣ୍ଡଳବନ୍ତ କୃଷିକାରୀ ବେଶ ପରିହିତ ଯଦୁମଣି କହି ବସିଲେ - "ଓହୋ ! ଆପଣଙ୍କ ନାମ 'ଗୁହ' !" ଏହା କହି ନାକରେ ହାତ ଦେବାରୁ ଚକ୍ରପାଣି ହସି ହସି ରହିଗଲେ । ତୁରନ୍ତ ବାହୁ ସେହି ସୁନ୍ଦର ଶବଳିତ ଯୁବକର ମସ୍ତକରେ ଥୋଇ ଆଶୀର୍ବାଦ ବର୍ଷଣ କରି କହିଲେ - " ଯଦୁମଣି। " ଯଦୁମଣି କହିଲେ- "ଆଜ୍ଞା ଏ ଅକିଞ୍ଚନ କଣ ଆପଣଙ୍କ ଠାରେ ପରିଚିତ ?" ଚକ୍ରପାଣି କହିଲେ - ବାପ ! ଜାଣ ତ କାନନ କନ୍ଦର ମଧ୍ୟସ୍ଥ ପ୍ରସ୍ଫୁଟିତ ପୁଷ୍ପ କିପରି ନିଜ ସୌନ୍ଦର୍ଯ୍ୟ ପ୍ରତି ପଥିକକୁ ଆକୃଷ୍ଟ କରେ ।" ଏହି ଚକ୍ରପାଣି ପୁଣି ଯଦୁମଣିଙ୍କ ସହ ଶାସ୍ତ୍ରଚର୍ଚ୍ଚା ପାଇଁ କହିଥିଲେ। ଆଉ ଏହି ଆଲୋଚନାର ଅୟମାରମ୍ଭ କିଛି ଏହି ପରି ହୁଏ : ସହର୍ଷ ମୁଖରେ ବକ୍ରବାକ୍ ପାଦପୂରଣ ଲାଗି ପ୍ରଶ୍ନ କଲେ : 'ପ୍ରମତ୍ତ କେଶରୀ ଗଜ କପୋଳକୁ ନିରେଖଇ କଦାଚିତେ' । ଯଦୁମଣି ଈଷତ୍ ହାସ୍ୟରେ ସଙ୍ଗେ ସଙ୍ଗେ ଉତ୍ତର ଦେଲେ : 'ମହିଷାର ରଥ ଗଣନାଥ ମାଥ କଇଳାସ ପରବତେ ।' ପୁଣି ପ୍ରଶ୍ନ ହେଲା - 'କିବା ପ୍ରଶଂସିବା ପ୍ରଶଂସା ପଦବୀ ଅଛି ବୋଲି ବଳା ରାତିରେ। ' ଉତ୍ତରରେ ଆସିଲା , "ମୂକ କରିଅଛି ଯେ ବାଳାମଣିର ଶ୍ରୀଚରଣ ବଳା ରାତିରେ। " ଏହି ରସିକତାପୂର୍ଣ୍ଣ ଉତ୍ତରରେ ସଭାସଦ୍ ଚମକିତ ହୋଇ ଉଠିଲେ । ବିଦ୍ୟୁତ୍ ବେଗେ ସମସ୍ତ ପ୍ରଶ୍ନର ଉତ୍ତର ଦେଇ ଚାଲିଲେ ଯଦୁମଣି । ଆନନ୍ଦ ଓ ଉତ୍କଣ୍ଠାର ସମ୍ମିଶ୍ରଣରେ ସଭାସଦ୍ ପ୍ରପୂର୍ଣ୍ଣ । ବକ୍ରବାକ୍ ଚକ୍ରପାଣି ପରାଜୟ ସ୍ୱୀକାର କରି ଯଦୁମଣିଙ୍କୁ ଆଶୀର୍ବାଦ ଘେନା କରାଇ ବୋଇଲେ , "ତୁମେ ଦିନେ ଏ ଉତ୍କଳ ଦେଶରେ ଏକାନ୍ତ ଶ୍ରେଷ୍ଠତମ ନିଧି ହେବ, ଯାହାର ପଦ ଗୌରବ କହି ଲୋକେ ନିଜକୁ ଧନ୍ୟ ମଣିବେ। " ବକ୍ରବାକ୍ ସସମ୍ମାନେ ମହାସମାରୋହରେ ବିଦାକି ଗ୍ରହଣ କରିଥିଲେ ମାତ୍ର ଯଦୁମଣିଙ୍କ ଈର୍ଷଣୀୟ ମହନୀୟତା ପ୍ରତି ପଣ୍ଡିତମାନେ ଅସହିଷ୍ଣୁ ହୋଇ ଉଠିଲେ । ଆଉ ଏହା ହିଁ ହେଉଛି ସେହି ଆଦ୍ୟଲଗ୍ନ ଯେ ସମୟରେ ଯଦୁମଣି ରାଜା ବିନାୟକ ସିଂହ ମାନଧାତାଙ୍କୁ ନିଜର ପ୍ରତ୍ୟୁତ୍ପନ୍ନମତିତାର ଏକ ପ୍ରତ୍ୟକ୍ଷ ଧାରଣା ପ୍ରଦାନ କରନ୍ତି : ରଜା ଦରବାର ସାରି କବିଙ୍କୁ ଅନ୍ୟମନସ୍କ ଦେଖି ପଚାରିଲେ -- "ରସିକ କବିଙ୍କ ହରସ ନାହିଁ , ନୂଆ କଥା ଏବେ ଦେଖୁଛି ମୁହିଁ ।" କବି ଟିକେ ମୁଣ୍ଡ ଆଉଁଶି କହିଲେ - ଧର୍ମ ଅବତାର ସତ୍ୟ ନଜର ଅନ୍ନ ଚିନ୍ତା ଲାଗଇ ଚମତ୍କାର କହିଛନ୍ତି ଗୃହେ ଗୃହିଣୀ ମୋର ବଜାରରୁ କିଣିନେବି ଚାଉଳ ଅନ୍ୟ ଚିନ୍ତା କରି ଗଲେ ମୁଁ ଭୁଲି ବରଷି ଗଲେ ଘରେ ମୁଁ ଗାଳି। ରଜା ହସିଦେଇ କହିଲେ - ଆଚ୍ଛା। କବି ତୁମେ ଏତେ ସାହାଯ୍ୟ ନେଉଛ ଘରେ କଣ ଅସୁବିଧା ଦୂର କରିପାରୁନ? କବିଙ୍କ କଷ୍ଟ ଯଦି ଅନ୍ନ ଚିନ୍ତା ରହେ ତେବେ କଲମର ରସାଳତା ପ୍ରକାଶ ପାଇବ କିପରି? ତୁମକୁ ତ ସବୁମତେ ସାହାଯ୍ୟ କରିବାର ଆମର ଇଚ୍ଛା। ଏବେ କୁହ କଣ ତୁମର ହେଲେ ତୁମେ ନିଶ୍ଚିନ୍ତ ହେଇ ପାରିବ? କବି କହିଲେ - ଗୁହାରି ଛାମୁରେ କରିବା ସାର ସାନ ପ୍ରତି ସଦା ଏ ଅବିଚାର କହି କହି ମୁହଁ ହୁଏ ଥୋବରା ରଜା ଅବୁଝା ଏ ଜଗତ ସାରା କହି ଭୁଲଉ ଯେ..... ମୋଟ କଥାରୁ ପେଟ ମଣନ୍ତି। କବି ଏହା ପୂର୍ବରୁ ଅନେକ ଥର ରାଜାଙ୍କୁ ଜମିବାଡି କଥା ସୂଚାଇଥିଲେ। ରଜା ସେ ପ୍ରତି ଗୁରୁତ୍ୱ ଦେଇନାହାନ୍ତି। ଆଜି ସେଇ କଥା ଉପରେ ଗୁରୁତ୍ୱ ଦେବାକୁ ଯାଇ କବି କବିତା ପ୍ରସଙ୍ଗରେ ଅଭିମାନ ଛଳରେ କହି ପକାଇଲେ। ରଜା ବୁଝିଲେ କଥାର ମର୍ମ। ଛାମୁ କରଣକୁ ଡକାଇ ଯଦୁମଣିଙ୍କୁ ଖଣ୍ଡେ ଚାଷ ଜମି ଦେବାକୁ ଆଦେଶ ପ୍ରଦାନ କଲେ। ରଜା ପାରିଷଦବର୍ଗ ଓ କର୍ମଚାରୀମାନେ ଚାହାନ୍ତି ପାରିତୋଷିକ ଓ ଖୋସାମତ। ଯଦୁମଣି ସିଧାସଳଖ ଶ୍ରୀଛାମୁରୁ ଏମିତି କିଛି ପାଇଯିବାକୁ ସେମାନେ ପସନ୍ଦ କରୁନଥିଲେ। ତେଣୁ ଛାମୁ କରଣ ଆଦେଶ ପାଳନ କରିବାକୁ ଯାଇ ଏକ

ପଥୁରିଆ , ଟାଙ୍ଗୁରିଆ ଭୂଇଁକୁ ପଟ୍ଟା କରିଦେଲେ। କିଛିଦିନ ପରେ ନଗର ରକ୍ଷୀକୁ ନେଇ ଉକ୍ତ ଜମି ଚିହ୍ନଟ କରିବାକୁ ବାହାରି ପଡିଲେ ଯଦୁମଣି। ଜମିର ଅବସ୍ଥା ଦେଖି ମନଦୁଃଖରେ ଫେରି ଆସି ରାଜସଭାରେ ରାଜାଙ୍କୁ ଏକ କବିତା ଲେଖି ଉପହାର ଦେଇ କହିଲେ - " ଛାମୁ ଯାହା ଦେଲେ ହରଷେ ପାଉ ପାଉ ଗଲା ବରଷେ ବାଛି ଦେଉଛନ୍ତି ଭଲ ପଡିଆ ଶ୍ରାବଣ ମାସରେ ଭାଙ୍ଗେ ନଡିଆ ଏମନ୍ତ ଭୂଇଁ ଚାକୁଣ୍ଡା ବୁଣିଲେ ଉଠଇ ନାହିଁ।" କବିଙ୍କର ସରଳ ଭାବିତ ମର୍ମରାଜା ବୁଝିଥିଲେ। ଛାମୁ କରଣ ହିଁସାରେ ଯଦୁମଣିଙ୍କୁ ଠକାଇଛନ୍ତି। କବିତାରେ ଦତ୍ତ ଜମିର ଟାଙ୍ଗର ବର୍ଣ୍ଣନା ପାଠ କରି ଭିତିରି ଲୋକ ଦ୍ୱାରା ତଦନ୍ତ କରାଇ ଦିନେ କଚେରୀର କରଣ ବେବର୍ତ୍ତାଙ୍କୁ ଡକାଇ ଆଣି ଶୀଘ୍ର ଆଦେଶ କରିଲେ ଯେ ଏକ ବାଟୀ ଦୋଫସଲ ଜମି ଯଦୁଯଣି ନାମ ରେ ପଟ୍ଟା କରିଦିଆଯାଉ । ଭୟଭୀତ ବେବର୍ତ୍ତା ତହୁଁ ତ୍ୱରିତ୍ ଏକ ବାଟୀ ମୂଲ୍ୟବାନ ଜମିର ପଟ୍ଟା କରିଦେଲା ଯାହା ଯଦୁମଣି ଅତି ଆନନ୍ଦର ସହ ପ୍ରାପ୍ତିପୂର୍ବକ ପ୍ରସ୍ଥାନ କରନ୍ତି । ଆଉ ଯଦୁମଣିଙ୍କର ପ୍ରତ୍ୟୁତ୍ପନ୍ନମତିତା ପାଇଁ ସେ ବିନାୟକ ସିଂହ ମାନଧାତାଙ୍କ ସଭା ମଧ୍ୟରେ ଯଥାଯୋଗ୍ୟ ଆସନ ପାଇଲେ । ଏକଦା ଯଦୁମଣି ନୀଳମଣି ନାମକ ଏକ ଦୁଶ୍ଚରିତ୍ର ମାଳାକାର ଠାରୁ ଶଶି ନାମ୍ନୀ ବେଶ୍ୟାର ବେଶ ପରିପାଟୀ କଥା ଶୁଣି ପ୍ରଲୁବ୍ଧ ହୋଇ ପଡିଥିଲେ । ଖଞ୍ଜଣାକୁ ସେ ନିୟତ ନୃତ୍ୟ ଗୀତ ତାଙ୍କ ସମୀପେ ପ୍ରଦର୍ଶନ କରିବାକୁ କହିଲେ। ଶଶୀର ଚିନ୍ତାରେ ତଲ୍ଲୀନ ହୋଇ ପଡିଥିବା ଯଦୁମଣି ଚାଲିଗଲେ ସେହି ବେଶ୍ୟା ନିକଟକୁ । ହେଲେ ଶଶୀ ଯଦୁମଣିଙ୍କ ରସିକତା ଓ ସ୍ପଷ୍ଟବାଦିତାର ଭୟରେ ତାଙ୍କୁ ଗୃହାଗତ କରାଇବାକୁ ସୁଯୋଗ ଦେଲା ନାହିଁ। ଅହୋରାତ୍ର ଜଗୁ ଜଗୁ ପରିଶେଷରେ ଅନୁତପ୍ତ ଯଦୁମଣି ସ୍ୱୀୟ ଖଞ୍ଜଣାଙ୍କ ପଦତଳେ କାମୋଦ୍ଦୀପନା ଜନିତ ବୁଦ୍ଧି ରେ ପଡି ସେ ଯେଉଁ ତ୍ରୁଟି କରିଥିଲେ , ସେହି ତ୍ରୁଟିକୁ ଖଞ୍ଜଣାଙ୍କ ଶୁଦ୍ଧ ଅନୁକମ୍ପା ଭୁଲାଇଦିଏ । ସେ ଲେଖିଲେ : "ଜାଣୁ ଜାଣୁ ଖଣାରେ ମୁଁ ପଡିଲିରେ ଜଣାଶୁଣା ସରଣୀ ଯା ଛାଡିଲିରେ । ୦ । ଉଣା ଟିଣା ବୁଦ୍ଧିରେ ତେଲ ଘଣା ମଧ୍ୟରେ ଚଣା ପେଷାଇ ବଣା ଅଡିଲିରେ । ୧ । × × × ରାତ୍ରିଟି ଉଜାଗର ନିଦ୍ରାରେ ଗରଗର ହୋଇ ଉଛେ ମୁଁ ଯେତେ ରଡିଲିରେ । ୭ । ନ ଶୁଣିଲା ମୋ ଗିର ଯଦୁମଣି ଉତ୍ତର କର୍ମଦୋଷରୁ ଏହା ବିଡିଲିରେ । ୮ ।" ଆଉ ଏହି ସମୟରେ ଉପଗତ ହୋଇଛି ୧୮୧୭ ର ଦୁର୍ଦ୍ଧର୍ଷ ପାଇକ ବିଦ୍ରୋହର ରଣହୁଙ୍କାର ! ବକ୍ସି ଜଗବନ୍ଧୁ ବିଦ୍ୟାଧର ଏବଂ ଦେବାନ୍ କୃଷ୍ଣଚନ୍ଦ୍ରଙ୍କୁ ବାଉଁଶିଆପଡା ନିକଟସ୍ଥ ଏ ଅରଣ୍ୟରେ ପାଇ ରାଜା ବିନାୟକ ସିଂହ ମାନଧାତାଙ୍କୁ ଅବଗତ କରି ପ୍ରଭୂତ ସାହାଯ୍ୟ ପ୍ରଦାନ କରିଥିଲେ । ଯଦୁମଣିଙ୍କ ସ୍ଥିତଧୀ ଗୁଣ ଓ ସ୍ପଷ୍ଟଭାଷିତା ନିମନ୍ତେ ରାଷ୍ଟ୍ରର କର୍ମଚାରୀମାନଙ୍କ ଭିତରେ ଦୌରାତ୍ମ୍ୟ ଏକାନ୍ତ ହ୍ରାସ ପାଇବା ସହ ରଣପୁର ଓ ନୟାଗଡ଼ ରଜା ଙ୍କ ସହ ମିଶି ନିର୍ଭୀକରେ ପାଇକ ବାହିନୀକୁ ଆସବାବ ଯୋଗାଇ ଆସୁଥିଲେ । ଆଉ ସେତେବେଳେ ନାନାବିଧ ଚକ୍ରାନ୍ତ ସତ୍ତ୍ୱେ ଯଦୁମଣିଙ୍କ ପ୍ରତି ରଜାଙ୍କର ସ୍ନେହ ହ୍ରାସ ପାଇନଥିଲା । ବରଂ ସକଳ ଚକ୍ରାନ୍ତ ସତ୍ତ୍ୱେ ବିନାୟକ ସିଂହ ମାନଧାତାଙ୍କ ସହ ଅତି ନିବିଡ ହେଇ ସାରିଥିଲେ । ଏକଦା ସଭାସଦ୍ ମାନଙ୍କ ଗହଣରେ ଯଦୁମଣି ବିଚକ୍ଷଣ ପାଣ୍ଡିତ୍ୟ ପ୍ରଦର୍ଶନ ପୂର୍ବକ ସମସ୍ତ ପ୍ରଖ୍ୟାତ ପଣ୍ଡିତଙ୍କୁ ତଟସ୍ଥ କରି ସାରିଥିଲେ । ପ୍ରଶ୍ନରେ ଜର୍ଜରିତ କରିବା ଇଚ୍ଛାରେ ଥିବା ପଣ୍ଡିତ ମାନେ ବରଂ ଯଦୁମଣିଙ୍କର ତୀକ୍ଷ୍ଣ ମେଧା ଆଗରେ କ୍ଳାନ୍ତିପରବଶ ନୀରବ ହୋଇଗଲେ। ଏଥର ପାଳି ପଡିଲା ଯଦୁମଣିଙ୍କର । ରାଜ ନିର୍ଦ୍ଦେଶ ମତେ ଏଥର ଯଦି ଯଦୁମଣିଙ୍କ ପ୍ରଶ୍ନକୁ ପଣ୍ଡିତମାନେ ସଠିକ୍ ଭାବେ ଉତ୍ତର ପ୍ରଦାନ ନ କରିବେ , ତେବେ ଯଦୁମଣି ନୟାଗଡର ସର୍ବଶ୍ରେଷ୍ଠ ପଣ୍ଡିତ ଓ ସଭା କବିର ସମ୍ମାନ ପାଇବେ । ଯଦୁମଣି ଉପସ୍ଥିତ ସମସ୍ତଙ୍କର ଅନୁମତି ଘେନା କରି ପୁଛିଲେ : "ପାଣି ବୁହା ଡାକ ଶୁଣି ପର୍ବତେ ଘୋଡା-ଗୋଡ଼-ଖିଆ ନାଚିଲେ ମତ୍ତେ ।

କଳାପିଠିଆ ଡାକ ଦେଲେ ତହିଁ ପ୍ୟା ପାନ ଖିଆମାନ ଆସିଲେ ନାହିଁ କହିଲେ ତୁ ତ ପୁଅ କାଖିଆ ଆମେ ତା ବୋପା ମୁଣ୍ଡେ ହୋଇଥାଉ ଠିଆ।" ନିରୁତ୍ତର ପଣ୍ଡିତମନ୍ୟ । ଶେଷରେ ରାଜା ବିନାୟକ ସିଂହ ମାନଧାତାଙ୍କ ଅନୁରୋଧରେ ଏହାର ଉତ୍ତର ପରିପ୍ରକାଶ ଏହିପରି କରିଲେ ଯଦୁମଣି : ମେଘ ପର୍ବତ ଉପରେ ଉଦୟ ହେବାରୁ 'ଘୋଡା-ଗୋଡ-ଖିଆ' ଅର୍ଥାତ୍ ଗୂଢ଼ପଦ ବା ସର୍ପ ଭକ୍ଷଣ କରୁଥିବା ମୟୂରମାନେ ଉନ୍ମତ୍ତ ହୋଇ ଉଠିଲେ । ପୁଚ୍ଛ ବିସ୍ତାରପୂର୍ବକ ସେ ଷଡ଼ଜ ତାନରେ ନୃତ୍ୟ କରିଲେ । ପ୍ୟା ଅର୍ଥାତ୍ ପବନ , ଭକ୍ଷଣକାରୀ ସର୍ପଗଣ ବାହାରିଲେ । ମୟୂରମାନଙ୍କୁ ଥଟ୍ଟା କରି ସର୍ପମାନେ କହୁଥିଲ, "ତୁମେ ତ ସବୁ କାଖିଆ-ବାହନ ଅର୍ଥାତ୍ କାର୍ତ୍ତିକଙ୍କର ବାହନ ହେଲେ ଆମେ ତ ତାଙ୍କ ପିତା ମହାଦେବଙ୍କ ଶିରମଣ୍ଡନ କରୁ ।" ପଣ୍ଡିତମାନେ ଯଥାର୍ଥତଃ ପରାଜୟ ବରଣ ପରେ ଶୂଦ୍ର ବୋଲି ପ୍ରତାଡିତ ଯଦୁମଣି ରାଜସମ୍ମାନ ଲାଭ କରିଲେ । ୧୮୧୦ ମସିହାରେ ରାଜାଙ୍କର ବୟସ୍ୟ ବା ବିଶ୍ୱସ୍ତ ସଖା ରୂପେ ରହିଲେ ଯଦୁମଣି । ଜାତିରେ ବର୍ଦ୍ଧକୀ ବା ବଢେଇ ହୋଇଥିଲେ ସୁଦ୍ଧା ସମସାମୟିକ ଓଡ଼ିଶାର ସାମନ୍ତ ରାଜାମାନେ ଯଦୁମଣିଙ୍କୁ ଯେପରି ବାକ୍ୟର ଅନର୍ଗଳତା ପାଇଁ ସ୍ୱାଧୀନତା ଦେଇ ଥିଲେ ଓ ସେମାନଙ୍କୁ ଭର୍ତ୍ସନା ସୁଦ୍ଧା କଲେ ମଧ୍ୟ ପ୍ରତିଭାବାନ୍ ଲୋକଙ୍କୁ ସମ୍ମାନ ଦେବା ସମୟରେ ଉତ୍କଳୀୟତାର ଏକ ଉନ୍ନତ ଧରଣର ସାଂସ୍କୃତିକ ପରିବେଶର ଶାଶ୍ୱତ ପ୍ରମାଣ ବହନ କରେ। ଏକଦା ବ୍ରିଟିଶ ରାଜକର୍ମଚାରୀ ନୂଆଗଡରେ ଘଟିତ ପ୍ରଜାମେଳି ବିଷୟରେ ପଚାରନ୍ତେ କବି ନିର୍ଭୀକ ହୋଇ ବୋଇଲେ : "ଗୋଡ଼ ଗାଡ଼ ସଂସର୍ଗରେ ଯେ ପଟୁ। ତାଙ୍କର ସୁନା ଖଡୁ ପଟୁ-ତଟୁ ।। ଅଶୁଭରେ ଶୁଭ ହୋଇଲା ଦେଖା । ତାଙ୍କର ଆଢେଣୀ ପାଲିଙ୍କି ଛତା । ଏହି ସକାଶରୁ କରି ଯେ, ଛତ୍ରାକାରଲିଙ୍ଗ-ଉଭବ-ମେଦିନୀ ହୋଇଗଲା ହତଶିରୀ ଯେ ।।" ତନ୍ତୀ ଶ୍ରେଣୀର ଲୋକଙ୍କ ବିପର୍ଯ୍ୟସ୍ତ ଅବସ୍ଥାର ତାତ୍କାଳିକ ବର୍ଣ୍ଣନା ମାଧ୍ୟମରେ କାଳେ କାଳେ ଅଯୋଗ୍ୟ ଅଭାଜନମାନଙ୍କ ଶାସନ ଓ ଅଭ୍ୟୁଦୟରେ ରାଜ୍ୟର ଶାସନ ଓ ସଂସ୍କୃତି କିପରି ଛିନ୍ନ ଭିନ୍ନ ବିଶୃଙ୍ଖଳ ହୋଇ ଉଠେ ସମଗ୍ର ଓଡିଆ ସାହିତ୍ୟରେ କବି ଯଦୁମଣିଙ୍କର ଏହି ଷଟ୍-ପଦ ବିଶିଷ୍ଟ କବିତା ତାହା ଦେଖାଇ ଦେବା ଏକ ବଳିଷ୍ଠ ପଥ । ଉତ୍କଳୀୟ ସଂସ୍କୃତିକୁ କବିତ୍ୱରେ ଫୁଟାଇବା ସହ ଉତ୍ତର ଭାରତରେ "ବୀରବଲ୍" ଙ୍କ ପରି ଓଡିଶାରେ ପ୍ରତ୍ୟୁତ୍ପନ୍ନମତିତ୍ୱ ସହ ନର୍ମବାକ୍ ହେବାର ଏକ ଚିର ଆନନ୍ଦଦାୟକ ଅଥଚ କିମ୍ବଦନ୍ତୀ ଚରିତ୍ରରେ ପରିଣତ ହୋଇଛନ୍ତି ଯଦୁମଣି ମହାପାତ୍ର । ଆଉ "ଯଦୁମଣି ରହସ୍ୟ" ନାମକ ଯେଉଁ ରହସ୍ୟ ସବୁ ଏତେ ପରିଚିତ ତାହାର ବର୍ଣ୍ଣନା ସର୍ବଜନବିଦିତ । ଶ୍ଳେଷାର୍ଥରେ ଅଭ୍ୟସ୍ତ ଯଦୁମଣି ଏକଦା ରାଜାଙ୍କ ଉତ୍ତରରେ ଯେତେବେଳେ କହିଥିଲେ । ରାଜା ପରାଜୟ ଜନିତ ବିରାଗରେ ଆଉ ଦୁଇ ମାସ ପର୍ଯ୍ୟନ୍ତ ଯଦୁମଣିଙ୍କ ମୁଖ ଚାହିଁ ନଥିଲେ କି ରାଜସଭାକୁ ଡାକି ନଥିଲେ । ଅଣସରରେ ଏଥର ମହାପ୍ରଭୁଙ୍କ ଚିତ୍ର ଯଦୁମଣି କରିଦେଲା ପରେ ଶ୍ରୀଗୁଣ୍ଡିଚା ଆଗତ ହେବାରୁ ରଥ ସହ ରାଜା ବିଜେ ହବାର କଥା ହେଲେ ଏଥର ରଜା ଅଭିମାନବଶ ବିଜେ ହୋଇନଥିଲେ । ବୁଦ୍ଧିମାନ୍ ଯଦୁମଣି କୌଶଳ କରି ପରମପୂଜ୍ୟ ରାଜଗୁରୁଙ୍କ ଗୃହରେ ଲୁଚି ତାଙ୍କର ଗୋଟିଏ ଅଲେଣା ବାଉଁଶ ପାତିର ଡୋଲିକୁ ମୁଣ୍ଡାଇ ରଥ ସହିତ ଚାଲିଲେ । ରଜା ଛତିଶା ନିଯୋଗରେ ବିଜେ କରିଥିଲେ । ଡୋଲିର ଗତି ଦେଖି ସେଠି ସମସ୍ତେ ବିସ୍ମୟର ତ କେହି କେହି ହାସ୍ୟରୋଳରେ ଗଡି ଯାଉଛନ୍ତି ।ରଜା ଭାବୁଥିଲେ ଯେ ପାରିଷଦବର୍ଗଙ୍କ କଥା ବ୍ୟତୀତ ଆଉ କିଛି କଥା ତ ନିଶ୍ଚେ ରହିଛି । ସାରୁ ଭିତର ମାରୁ କଥା ରଜାଙ୍କ ଜ୍ଞାତସାରକୁ ଆସି ସାରିବାକୁ ବସେ । ରାଜା ହଠାତ୍ ପଟୁଆର ଚଳାଇ ଯାଉ ଯାଉ ପାଖ ଲୋକଠାରୁ ବୁଝିଲେ ଯେ ରାଜା ଯଦୁମଣିଙ୍କ ମୁଖ ଦେଖିବାକୁ ମନା କରିଥିବାରୁ ଏବଂ

ଠାକୁରଙ୍କ ପାଖରେ ଚିତ୍ରକର ରହିବାର ବିଧି ଥିବାରୁ ସେ ଏପରିକା ବିଚିତ୍ର ବେଶରେ ରହିଛନ୍ତି । ଯଦୁମଣିଙ୍କୁ ସେ ଡୋଲି ଭିତରୁ ବାହାରି ଆସିବା ପାଇଁ ଆଦେଶ କରିଲେ । କେହି କେହି ଯଦୁମଣିଙ୍କ ମୁଣ୍ଡକାଟ ହେବ ଭାବି ନିସ୍ପନ୍ଦ ରହିଗଲେ । ହେଲେ ଯଦୁମଣି ମୁଖନତ କରି ଡୋଲି ଭିତରୁ ବାହାରି ସ୍ତବ କରିଲେ : "ଅମଳ କମଳ ଦଳ ଲୋଚନ କୁଣ୍ଡଳାଙ୍କୃତ ଶୁଭ୍ର ଦର୍ଶନ କଥ୍ୟ କଥନକୁ ଦୃଢ ସଂଯମ ବିଚ୍ୟୁତ ବିଚିତ୍ର କି ବିଘଟନ ନବଦୁର୍ଗରାଣ ଇଷ୍ଟ ଦେବତା ପରି ଆଚରଣ ।" ଉକ୍ତ କବିତାରେ ରାଜାଙ୍କ ସୁନ୍ଦର ବେଶ ବର୍ଣ୍ଣନା କରି ଯଦୁମଣି ତାଙ୍କୁ ମିଷ୍ଟଭାଷୀ ବୋଲି ମଧ ବର୍ଣ୍ଣିତ କରନ୍ତି । ସେ ଏଥି ସହ ବୋଇଲେ ଯେ ଟିକିଏ ମାତ୍ର କଥାରେ ବିଘଟନ ବା ବିରୋଧାଭାସ ଜନ୍ମିଲେ ଚରିତ୍ରରେ ବିଚିତ୍ର ବିଚ୍ୟୁତି ପରିଲକ୍ଷିତ ହୁଏ । ହେଲେ (ପ୍ରବାଦ ମତେ)ଇଷ୍ଟଦେବୀ ବାଉରୀ ଠାକୁରାଣୀଙ୍କ ସମାନ ଈଷତ୍ ଉଗ୍ର ଓ କ୍ଷଣକୋପୀ ହେବା କଣ ରାଜାଙ୍କର ଏ ଶୋଭା ପାଖରେ ସମୀଚୀନ ? ଏହି କବିତା ମାଧମରେ ରାଜା ନିଜର ତ୍ରୁଟି ବୁଝିପାରି ଆଡମ୍ବରବନ୍ତ ପୁଷ୍ପମାଳକୁ ଯଦୁମଣିଙ୍କ ଗ୍ରୀବାରେ ଲମ୍ବାଇ ଦେଲେ । ହସ୍ତୀରେ ବସାଇ ଏଥର ମହା ସମାରୋହରେ ରଥଯାତ୍ରାରେ ଯାଇଥିଲେ ରାଜା ଓ ଯଦୁମଣି । ହେଲେ ଏକଦା ଏକ ଦୁଃଖଦ ଘଟଣାକ୍ରମେ ଜନୈକ ଭଣ୍ଡ ବ୍ରାହ୍ମଣମାନଙ୍କ ଶାପଭରା କଣ୍ଠ ବାଣୀକୁ ସତ ହେଇ ଥିବାର ଦେଖି ସେ ଭାଙ୍ଗିପଡିଲେ । ଏକମାତ୍ର ପୁତ୍ର କପିଧ୍ୱଜ ଅପରିପକ୍ୱ ବୟସରେ ବଜ୍ରପାତରେ ଚାଲିଗଲା । ସେତେବେଳେ ସେ ଚାଲିଗଲେ ନୀଳଚଳ ଧାମ । ସେଠାରେ ସେ ଗାଇଦେଲେ , "ନୀଳାଚଳ କଳାକାର ତାରଣ ମାରଣ/ ଧୀର କହ ପ୍ରଭୁ ସତ କି ଏ ମିଛ / ଦେଲ ଯାହା ନେଲ ତାହା ଏଥକୁ କିମ୍ପାଇଁ / ମହା ଦାତା ପଣେ ପତାକା ବାନ୍ଧିଛ " । ଏହି ନୀଳାଚଳ ଧାମରେ ପୁଣି ସମସ୍ୱର ଦେଇ ନିବେଦି ଥିଲେ 'ସର୍ପ ଜଣାଣ' ମାଧମରେ କବିସୂର୍ଯ୍ୟ ବଳଦେବ ରଥ । ଆଉ ଦୁହେଁ ଭଣତି କରି ସାରି ପରସ୍ପରକୁ କୋଳେଇ ନେଇଥିଲେ । ଦୁଇ ବାଣୀପ୍ରାଣଙ୍କ ମିଳନ ! ଗୃହାଗତ ହେବାରୁ ପାଟ ମହାଦେଇଙ୍କ ଆଜ୍ଞାରୁ ସେ ଆରମ୍ଭ କରିଥିଲେ "ରାଘବ ବିଳାସ" କାବ୍ୟର ରଚନା । ରାଜମାତାଙ୍କ ବିୟୋଗ ସମୟରେ ସେ ଅପମାନିତ ବ୍ରାହ୍ମଣଙ୍କ ଅସନ୍ତୋଷର କ୍ଷତି ହେବାରୁ ସେମାନଙ୍କ ବିରାଗ ଭାଜନ ପାଇଁ ଗ୍ରନ୍ଥ ଆଦ୍ୟରେ ଲେଖିଲେ : "ପ୍ରଥମୁଁ ବନ୍ଦଇ ଭୂଦେବ ଅଂଘ୍ରି ଅଘାରି ବକ୍ଷେ । ସପତ ସାଗର ଶୋଷକ ବଂଶ ଧ୍ୱଂସି ଅଲକ୍ଷେ ।।" ବନ୍ଦେ ରସାସୁତା-ପତିର ଧରାଧର ଶୟନ । ନିର୍ଜରା-ପରବିନାଶନ ସନ୍ଥଜନ ପାଳନ ।। ଗରିଷ୍ଠ ଦଶା ଏ ରାଷ୍ଟ୍ରର କଷ୍ଟ ଫେଡ଼ ଦୁସ୍ତର । ଚକ୍ର ପେଷି ଶକ୍ରବାହନ-ଭ୍ରାତ-ଅରି ସଂହାର ।।" ପ୍ରଥମେ ସାତ ସମୁଦ୍ର ଶୋଷି ନେଇଥିବା ଅଗସ୍ତି ମୁନିଙ୍କର ବଂଶଧର ସହ ଅକସ୍ମାତ୍ ଯଦୁବଂଶର ଧ୍ୱଂସର କାରଣ ଯେଉଁ ବ୍ରାହ୍ମଣମାନଙ୍କ ପଦ ବିଷ୍ଣୁଙ୍କର ବକ୍ଷ ମଣ୍ଡନ କରୁଛି , ତାହାଙ୍କୁ ବନ୍ଦନା କରୁଥିବାର ଲେଖିଛନ୍ତି। ଏଥି ସହ ସୀତାପତି ରାମଚନ୍ଦ୍ରଙ୍କର ଅସୁର ବିନାଶକାରୀ ଓ ସନ୍ଥଜନ ପାଳକ ଅନନ୍ତ ଶୟନ ମୂର୍ତ୍ତିର ବନ୍ଦନା କରୁଅଛୁ। ପ୍ରଥମ ଥର ପାଇଁ କବି ମଙ୍ଗଳ ବାଚନା ମଧରେ ନିଜ ରାଷ୍ଟ୍ର ଉତ୍କଳରେ ବିଘଟିତ ୧୮୧୭ର ଜଟିଳାବସ୍ଥା ଉତ୍କଳର ଅବସ୍ଥାକୁ ଦୁଃସ୍ଥ କରିଦେଇଥିବାରୁ ମଙ୍ଗଳସ୍ତବରେ ସେହି ହସ୍ତୀକୁ ଗ୍ରାହ କବଳରୁ ରକ୍ଷା କରିଥିବା ବିଷ୍ଣୁଙ୍କୁ ରାଜ୍ୟର ଦୁସ୍ତର କଷ୍ଟ ନିବାରଣ ପାଇଁ ଭକ୍ତିର ସହ ନିବେଦନ ଜଣାଉଛନ୍ତି । 'ରାଘବ ବିଳାସ' କବିଙ୍କର ୫୨ ଛାନ୍ଦ ବିଶିଷ୍ଟ କାବ୍ୟ । ବିନାୟକ ସିଂହ ମାନଧାତାଙ୍କ ନାମରେ ଭଣତି କରି ସେ ରଚନା କରିଛନ୍ତି ଏକ ଅନ୍ୟତମ ପଥିକୃତ ରଚନା । ପାଲାଗାୟକ ମାନଙ୍କ ମଧରେ ଏହାର ପ୍ରସିଦ୍ଧି ରହିଛି । ହେଲେ ଦୁର୍ଯୋଗବଶତଃ ଛାନ୍ଦ ଲେଖା ଚାଲିଥିବା ବେଳେ ବିନାୟକ ସିଂହ ମାନଧାତାଙ୍କର ଦେହାନ୍ତ ଘଟେ ଓ ଲେଖାଟି ଅପୂର୍ଣ୍ଣ ରହିଯାଏ । ସ୍ୱୟଂ ପାଟରାଣୀ ଏହାକୁ

ଠାକୁର ଘରେ ରଖି ପୂଜା କରୁଥିଲେ। ପ୍ରତି ବର୍ଷ ଚୈତ୍ର ମାସର ରାମ ନବମୀଠାରୁ ୨୧ ଦିନ ପର୍ଯ୍ୟନ୍ତ ଲୀଳାକାରରେ ଏହା ପଠିତ ହେବା ସହ ସହସ୍ରାଧିକ ଜନତା ଏହାକୁ ଶୁଣି ପୁଣ୍ୟାର୍ଜନ କରୁଥିଲେ। ହେଲେ ଗୃହଦଗ୍ଧ ହେବାରୁ ପାଣ୍ଡୁଲିପି ମଧ୍ୟ ଧ୍ୱଂସ ହେଇଗଲା । ଅନେକ ଛାନ୍ଦ ସଂଗୃହୀତ ହୋଇ ଥିବାର ଜଣାଯାଏ , ହେଲେ ପୁନଃ ଲେଖନ ହୋଇଛି କି ନାହିଁ, ତାହା ଅଦ୍ୟାବଧି ମଧ୍ୟ ଅଜ୍ଞାତ । ଧନଞ୍ଜୟ ଭଞ୍ଜଙ୍କ 'ରଘୁନାଥ ବିଳାସ' ଓ ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାସ' ଭଳି ଏଥିରେ ରାମ ଚରିତ ବିବୃତ । ମାତ୍ର ଶୈଳୀଗତ ବୈଶିଷ୍ଟ୍ୟ ହେତୁ ଏହା ପୂର୍ବୋକ୍ତ ଗ୍ରନ୍ଥ ଦ୍ୱୟଙ୍କ ଠାରୁ ଉତ୍କୃଷ୍ଟତର ବୋଲି ଅନେକ ଆଲୋଚକ ମତ ଦିଅନ୍ତି। ଏହାର ରସାଭିବ୍ୟକ୍ତି ସହ ଚାତୁର୍ଯ୍ୟସମ୍ପନ୍ନ ଆଳଙ୍କାରିକ ରଚନାର ଅପୂର୍ବ ସମାବେଶ ଏହାକୁ ବାସ୍ତବରେ ଏକ ଅନବଦ୍ୟ ସ୍ଥାନ ଦିଏ। ଗ୍ରନ୍ଥ ଆରମ୍ଭରେ ମଙ୍ଗଳବାଚନା କରିସାରି ରାବଣର ଦୌରାତ୍ମ୍ୟ , ଋଷ୍ୟଶୃଙ୍ଗ ବୃତ୍ତାନ୍ତ, ସୀତା ଜନ୍ମ, ରାମଚନ୍ଦ୍ରଙ୍କ ଯଜ୍ଞରକ୍ଷା, ଶିବଧନୁ ଭଙ୍ଗ, ରାମସୀତା ବିବାହ, ସ୍ୱତନ୍ତ୍ର ଶିବିରରେ ସୀତାଙ୍କ ମଧୁଶଯ୍ୟା, ରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାଗମନ, ସୀତା ହରଣ, ସୁଗ୍ରୀବ ସହ ଶ୍ରୀରାମଙ୍କ ମିତ୍ରତା ଭଳି ବିବରଣୀମାନ ପ୍ରସଙ୍ଗ କ୍ରମେ ସୁଗଠିତ। ଛାନ୍ଦମାନଙ୍କରେ ଅନୁପ୍ରାସ, ଶ୍ଳେଷ, ରୂପକ, ଚ୍ୟୁତାକ୍ଷର, ଯମକ ଆଦିର ଅପୂର୍ବ ବିନ୍ୟାସ ଏହାକୁ ରସାମୋଦୀ ମଧ୍ୟ କରିଛି । ଆଉ ଏହି କାବ୍ୟର ଛାନ୍ଦମାନଙ୍କ ଶବ୍ଦପାଣ୍ଡିତ୍ୟରେ ମନୋହର ସଂଗୀତଧର୍ମିତା ପରିଲକ୍ଷିତ କରିହୁଏ । ତୃତୀୟ ଛାନ୍ଦରୁ ତାଙ୍କ ଶବ୍ଦସମ୍ଭାର ସହ ସମାନୁରୂପେ ଅର୍ଥଗୌରବ ମଧ୍ୟ ବର୍ଣ୍ଣନା ଚାତୁରୀରେ ସନ୍ନିବେଶିତ ହୋଇପାରିଛି । ଚତୁର୍ଥ ଛାନ୍ଦରେ ସେହିପରି ପ୍ରଥମ ଦୁଇପାଦ ପ୍ରାନ୍ତ ଯମକ ଏବଂ ଅନ୍ୟାନ୍ୟ ୧୭ ପଦତକ ଆଦ୍ୟ ଯମକରେ ସବୁ ବିରଚିତ । ପଞ୍ଚମ ଛାନ୍ଦରେ ଭଞ୍ଜଙ୍କ ଶୈଳୀ କ୍ରମଶଃ ସ୍ପଷ୍ଟତର ହୋଇ ଆସିଛି । ଦଶରଥ ଋଷ୍ୟଶୃଙ୍ଗଙ୍କ ଦ୍ୱାରା ଯଜ୍ଞାନୁଷ୍ଠାନ ପୂର୍ବକ ରାମାଦି ଚାରିପୁତ୍ରଙ୍କୁ ଲାଭ କରିବାର ବର୍ଣ୍ଣନା ପଞ୍ଚମ ଛାନ୍ଦରେ ସମାବେଶିତ । ଭଞ୍ଜଙ୍କ 'ଲାବଣ୍ୟବତୀ'ର 'ଦେଖରେ ନଳିନି ! ନଳିନୀ ନଳିନୀରେ ପୂରିତ' ଅନୁରୂପ ଏଥିରେ ଅଛି : " ବିଂଶୈକ ଦିନ ନାରୀ ଚତ୍ୱରେ ରୁଣ୍ଡ ଶୁଦ୍ଧ ସଲିଳେ ଶୁଦ୍ଧ କରାଇ ପିଣ୍ଡ ଯେ , ଅଙ୍ଗରେ ଚତୁଃସମ କଲେ ଲେପନ ବଶିଷ୍ଠ ବଶୀଷ୍ଟାଦି ନାମକରଣ ଯେ । ଯାତକ ଯାତକରେ ଜାତକ ଦେଲେ ନୀଳକମଳ କାନ୍ତି ଶ୍ରୀରାମ ଭାଲେ ଯେ , ଗାତ୍ରେ ଅଷ୍ଟାବ୍ଜ ଶୋଭା ଶୋଭା ଶୋଭା ଯେ ଭ୍ରମେ ଭ୍ରମର ଭ୍ରମୁଛନ୍ତି ଉଲ୍ଲାସେ ଯେ ।" ରୀତିଯୁଗୀୟ ଶେଷ କବି ହେଉଛନ୍ତି ଯଦୁମଣି ମହାପାତ୍ର । ରୀତିଯୁଗୀୟ ଆଙ୍ଗିକ ଓ ଆତ୍ମିକ ଗଠନ କଳା ଦୃଷ୍ଟିରୁ ଏହାର ସମୟ ସୀମା ୧୫୮୦ ରୁ ୧୮୭୦ ମଧ୍ୟରେ ସୀମିତ ଅଟେ । ଏହି ମଧ୍ୟରେ ଯଦୁମଣିଙ୍କ କାଳଖଣ୍ଡ ଟିରେ ତାଙ୍କ ରୀତିଯୁଗୀୟ କବି । ପୁନଶ୍ଚ ସଂସ୍କୃତର କାବ୍ୟାଦର୍ଶ ପ୍ରେରିତ ଯଦୁମଣି ନିଜର ସାହିତ୍ୟାନୁରାଗ ମଧ୍ୟରେ ସ୍ୱଦେଶବତ୍ସଳତାକୁ ମଧ୍ୟ ତଦନୁରୂପ ପ୍ରତିଫଳିତ କରିଛନ୍ତି । ଯଶସ୍ୱାମୀ ବାମନତୁଲ୍ୟ କବିମାନଙ୍କ ବ୍ୟତୀତ ଯଦୁମଣିଙ୍କ କାବ୍ୟର ନିଷ୍କଳଙ୍କ ଦିଗକୁ ସେ ଦର୍ଶାଇବାକୁ ଯାଇ 'ରାଘବ ବିଳାସ' ରେ ସୁଚାରୁରୂପେ ଲେଖିଛନ୍ତି । ଆହାରୀ ଛନ୍ଦରେ ଲିଖିତ ଷଷ୍ଠ ଛାନ୍ଦରେ ସୀତାଙ୍କର ଜନ୍ମ ସହ ରାମଙ୍କ ମିଥିଳା ଆଗମନର ବାର୍ତ୍ତା ବହି ଲେଖିଛନ୍ତି : "ଶୁଣ ସୁବିଦୁଷ ସକଳ କିଲ୍ୱିଷ ଅଙ୍ଗରୁ ହୋଇ ଦହନ ଜନକ ମୁନୀଶ କାଶ୍ୟପୀକି ଚାଷ କରନ୍ତେ କର୍କଶ ବହନ ସକାଳେ, ସଭିଶାପେ ଖରେ ଅପ୍ସରା ଖରେ ଯାଉଁ ଯତି ଦେଖି ବିଚାରନ୍ତି ଦୁହିତା ହୋନ୍ତାଏ ମୋ ପରା । × × × କାନ୍ତିକି ଲକ୍ଷିତ ଲକ୍ଷଣେ ସଂଯୁକ୍ତ ଲକ୍ଷଣେ ସୁକ୍ଷେଣ ସୁଗତି ଦୀନଜନ ନିଧି ପାଇଲା ଅବଧି ସୁଧାପତି ସିଦ୍ଧି ପ୍ରାପତି ତତ୍କାଳେ, ପବିତ୍ରାଙ୍ଗି ଘେନି ସଦନେ ସୀମନ୍ତିନୀ-ସୀମନ୍ତିନୀ ଭୂଷା ମର୍ମେ ହୃଦୟାନନ୍ଦ ସେ ତେସନେ ।"

ସେହିପରି ତାଙ୍କର ଅନ୍ୟତମ ପ୍ରସିଦ୍ଧ କାବ୍ୟର ନାମ "ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର" । ପ୍ରଥମ କାବ୍ୟଟି ରାମଚରିତ ଉପରେ ଥିବାବେଳେ ଦ୍ୱିତୀୟଟି ଶ୍ରୀକୃଷ୍ଣଙ୍କ ଉପରେ ଆଧାରିତ। ସେ ଗୌଡୀୟ ବୈଷ୍ଣବ ଧର୍ମଦୀକ୍ଷା କରି ନିଷ୍ପାପ ହେବା ଦିଗରେ ଷୋଡଶ କଳା ବିଶିଷ୍ଟ ରୁକ୍ମିଣୀଙ୍କ ଶୁଭପରିଣୟ ପର୍ଯ୍ୟନ୍ତ ଲମ୍ବିତ ଏହି ଗ୍ରନ୍ଥ "ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର" । ଏହି କାବ୍ୟର ଅନ୍ୟତମ ବିଶିଷ୍ଟତା ହେଉଛି ଯେ କବି ଶୃଙ୍ଗାର, ଶାନ୍ତ, କରୁଣ, ରୌଦ୍ର, ବୀର, ବୀଭତ୍ସ, ଅଦ୍ଭୁତ, ହାସ୍ୟ , ଭୟାନକ ରସମାନଙ୍କୁ ସ୍ଥଳବିଶେଷରେ ଅତି ନିପୁଣତାର ସହକାରେ ବସାଣ କରିଛନ୍ତି । ସେ ଅଭିମାନବଶତଃ ନିଜ ନାମରେ ବି ଅନେକତ୍ର ଉଲ୍ଲେଖ ଦେଇଛନ୍ତି। ପ୍ରଥମ ଛାନ୍ଦରେ ନିଜର ପ୍ରଖର ଆତ୍ମବିଶ୍ୱାସ ବଳେ ସେ କହୁଛନ୍ତି : "ଶୂଦ୍ରମୁଖୁଁ ଏ ହୋଇଛି ବାହାର ରୌଦ୍ରତା ବହି କେହି ନ ବିଚାର ବିଧୁ ବିଧୁନ୍ତୁଦ ଉଚ୍ଛିଷ୍ଟ ଜଣା ଶିବେ ବାଜେ ଚନ୍ଦ୍ରଚୂଡ଼ ବାଜଣା ଯେ ପଦ୍ମାପତିଙ୍କର ପଦ ଯେ ସମ୍ଭବ ସମ୍ପଦ ପଦାର୍ଥରେ ବ୍ୟର୍ଥ ଖଣ୍ଡିବାର ଅପବାଦ ଯେ ।" (ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର - ୧ମ କଳା- ୭) "ଜଣେ ଶୂଦ୍ର (ବଢେଇ ଜାତି ହେତୁ) ମୁଖନିଃସୃତ କାବ୍ୟ ବୋଲି ପଣ୍ଡିତମନ୍ୟ ରୌଦ୍ରତା ବା କୋପ ପ୍ରକାଶ ନ କରନ୍ତୁ । କାରଣ ଯେପରି ରାହୁଙ୍କର ଉଚ୍ଛିଷ୍ଟ ହୋଇ ସୁଦ୍ଧା ଚନ୍ଦ୍ରକୁ ଶିବ ନିଜ ମସ୍ତକରେ ଧାରଣ କରିପାରନ୍ତି , ସେହିପରି ଏହି ବିଷୟମାନ ବିଷ୍ଣୁ ବିଷୟକ ପରମ ପଦାର୍ଥତୁଲ୍ୟ ପଦମାନ ଅଟନ୍ତି। ଏଥିରେ ମିଥ୍ୟା ଅପବାଦ ଆଣିବା ବ୍ୟର୍ଥତା ମାତ୍ର । " ସଂସ୍କୃତ ରୀତିର ପ୍ରବଳତା ସହ ମାଘ କାବ୍ୟର ନିଦର୍ଶନ ସମାନୁରୂପେ ପରିଲକ୍ଷିତ କରାଯାଏ । 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ରେ ଉତ୍କଳୀୟ ସାହିତ୍ୟକୁ ସଂସ୍କୃତ ସାହିତ୍ୟ ସମତୁଲ୍ୟ ଅଳଙ୍କାରର ପ୍ରାଧାନ୍ୟ ଦେଇ ଏହାକୁ ବେଶ୍ ଉପଭୋଗ୍ୟ କରିପାରିଛନ୍ତି । ଆଉ ଏଥିରେ ମଧ୍ୟ ସେ ନିଜର ରସିକତା ପ୍ରଦାନ ପୂର୍ବକ ଏହାକୁ ଜନପ୍ରିୟ କରାଇ ପାରିଛନ୍ତି । ଯଦୁମଣି ତାଙ୍କ ଗ୍ରନ୍ଥରେ ରୁକ୍ମିଣୀଙ୍କ ମଧ୍ୟରେ ହାସ୍ୟରସର ଅତୀବ ଉଚ୍ଚକୋଟୀର ଅବଧାରଣା କରିଛନ୍ତି । ହାସ କ୍ରୀଡାରତ ରୁକ୍ମିଣୀ ରାଜଦରବାରର ସବୁ କାର୍ଯ୍ୟତକ ଲକ୍ଷ୍ୟ କରି ଏକଦା ଏକ ଭାଟର ଚତୁରତାଭରା କୁଶଳ କଥାମାନ ଶୁଣି ଏପରି ଅପାଙ୍ଗ ଢାଳିଲେ ଯେ ସଖୀଗଣ କହିଲେ, "ଜେମା ସେ ତ ଏଠାରେ ନାହିଁ, ଏହା କଥା ମାତ୍ର । ତୁ ଏପରି ଭାବରେ ଅପାଙ୍ଗ ଢାଳିଲୁ ଯେ ସେ ପୁରୁଷଟି ଏଠି ଥିଲେ ତ ତାହା ଦେଖି ମରି ଯାଇ ଥାନ୍ତା । ' କିନ୍ତୁ କବିଙ୍କ ଅନ୍ୟ କଳାରେ ରହିଛି ରୁକ୍ମିଣୀଙ୍କ ହାସ୍ୟର ଅତି ଚମତ୍କାର ବର୍ଣ୍ଣନା : "କ୍ଷୀରସାଗର ଉଦର ଆଦରିଛି ନବମୁଦିର ଜ୍ୟୋତିସଙ୍ଗ ଚଣ୍ଡୀ ନିଶିଧବ ଧବଳେ ମିଶିଛି ଅଧବଳ ବିଷ କୁରଙ୍ଗ । ହାସେ ରାମାର ନୀଳିମାର ନାହିଁ ସଞ୍ଚାର, ଏପରି ବିଦଗ୍ଧ କୀର୍ତ୍ତି ଯାର ଶୁଦ୍ଧ ସେହି ଏହି କଳା ବିଚାର ।" ( ତୃତୀୟ କଳା, ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର, ରାଗ - ଆହାରୀ ) କ୍ଷୀର ସାଗର ମଧ୍ୟରେ ନବମେଘ ଜ୍ୟୋତି ସମ୍ପନ୍ନ ବିଷ୍ଣୁ ଅଙ୍ଗ ଅନନ୍ତ ଶୟନରେ ଥିବାରୁ ତାହା ସମ୍ପୂର୍ଣ୍ଣ ଧବଳ ହୋଇନପାରି ଧବଳତା ଭ୍ରଷ୍ଟ ହୋଇଛି । ପାର୍ବତୀକାନ୍ତ ଶିବ ମଧ୍ୟ ରଜତଗିରିନିଭ ଧବଳ ରଙ୍ଗ ହୋଇଥିଲେ ମଧ୍ୟ ତାଙ୍କର କଣ୍ଠ ବିଷ ଦ୍ୱାରା ସୁନୀଳିମ ହେତୁ ସେ ମଧ୍ୟ ସମ୍ପୂର୍ଣ୍ଣ ଧବଳ ନୁହଁନ୍ତି। ନିଶିଧବ ଅର୍ଥାତ୍, ନିଶାକର ଚନ୍ଦ୍ରମା ସମ୍ପୂର୍ଣ୍ଣ ଧବଳ ହେଇ ମଧ୍ୟ କୃଷ୍ଣରଙ୍ଗର ଅଙ୍କ ଧରିଥିବାରୁ ସେ ମଧ୍ୟ ସମ୍ପୂର୍ଣ୍ଣ ଧବଳ ନୁହେଁ। ହେଲେ ରମଣୀ ଜେମା ରୁକ୍ମିଣୀଙ୍କ ହାସ୍ୟରେ ସେହିପରି ନୀଳିମାର ସଂଚାର ମାତ୍ର ନାହିଁ, ଅର୍ଥାତ୍ ରୁକ୍ମିଣୀଙ୍କ ହାସ୍ୟ ଏତେ ଶୁଦ୍ଧକୀର୍ତ୍ତି ଧାରଣ କରେ ଯେ ତାହା ଅମଳିନ ଓ ସେହିପରି ଅମଳିନ ହସକୁ ଧାରଣ କରି ଥିବା ବିଶୁଦ୍ଧ ମନସ୍କ ହିଁ ଛାନ୍ଦର କଳା ବିବେଚନା କରିବେ । ଯଦୁମଣି ମହାପାତ୍ରଙ୍କର ଅନେକ ପଦମାନଙ୍କର ଭାବରେ ଆତ୍ମାଭିମାନର ଦୃଷ୍ଟାନ୍ତ ଥିଲେ ମଧ୍ୟ ଏହା ଅପେକ୍ଷା ଆଭିଜାତ ରାଜଗୁରୁ ଗୃହରେ ଅହଂକାର ଅତି ଅଧିକ ସେତେବେଳେ ଥିଲା। ଏକଦା ରାତ୍ର ଆଉ ଶତ୍ରୁମାନଙ୍କୁ ମୁହଁ ନ ଦେଖାଇ ଯତ୍ ସାମାନ୍ୟ ବିଦାକି ନେଇ

ଗୃହାଭିମୁଖେ ରାଜଗୁରୁଙ୍କ ବଳଦ ଗାଡିରେ ଚଢି ମହାନଦୀ ଘାଟଯାଏଁ ଚାଲିଗଲେ। ଅବା ସେ ଦୁଇଦିନ ରହିଥାନ୍ତେ, କିନ୍ତୁ ସେହି ଗ୍ରାମରେ ତାଙ୍କ ଶତ୍ରୁଙ୍କ ଘର ଥିଲା। ବିଶେଷରେ ସମସ୍ତ ଘଟଣା ଜାଣି ପାରିଥିବାରୁ ଲାଞ୍ଛିତ ସ୍ଥାନରେ ଏ ଦୁର୍ବଳ ଶରୀର ଘେନି ମୁହୂର୍ତ୍ତେ ରହିବାକୁ ଇଛା କରି ନ ଥିଲେ। ସମସ୍ତ ଗୁମାନ ଫିଙ୍ଗି ଦେଇ ସହସ୍ରାଧିକ କୋଶ ଦୂରରେ ସେ ଶତ୍ରୁମାନଙ୍କ ପାଶ ଛାଡି ଚାଲି ଆସିଲେ ପରମ ପବିତ୍ର ପୁରୁଷୋତ୍ତମ କ୍ଷେତ୍ରକୁ। ବହୁ କଷ୍ଟରେ ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ସାମାନ୍ୟ ଜ୍ୱର ହେଲା। ଶ୍ରୀ ଗୁଣ୍ଡିଚା ଦିନ ସେ ଅଗଣାର ଚଉଁରା ମୂଳେ ନିଃସହାୟ ଦୁଃଖାର୍ତ୍ତ ଭାବରେ ଦୁର୍ବଳ ଦେହକୁ ଗୋଟିଏ ବତୀ ଦିଆ ଖୁଣ୍ଟିକୁ ଆଉଜାଇ ଗାଉଥିଲେ - " ଓଜଶୀଳ ଭୋଜରାଜ ଜୀବନ ହରଣେ ତେଜ ଅର୍ପଣ କଲ କୃପଣ ନୋହି ।" ଗୀତଟି । ଆଖିରୁ ଲୁହ ବୋହି ଯାଉଥାଏ। ପୁଅ ତାଳଧ୍ୱଜ ପ୍ରସାଦ ଧରି ଘରେ ପହଞ୍ଚନ୍ତେ ସେ ପଚାରିଲେ - "ବାପା, ଠାକୁର କେଉଁଠି ?" ପୁଅ କହିଲେ- ଠାକୁରେ ରଥକୁ ବିଜେ ହେଉ ଅଛନ୍ତି। କ୍ଷୀଣ ସ୍ୱରରେ ଶୁଭିଲା- " ପାତକୀ ମୁକୁଟ ଶ୍ରେଣୀ ଶିରୋମଣି ଯଦୁମଣି ମନ ତିଳେ ନେଇ ନ ପାରିବ।" ପଶ୍ଚିମକୁ ମୁଖ କରି ଦୁଇ ହାତ ବଢାଇଥାନ୍ତି। ହଠାତ୍ ଅସ୍ପଷ୍ଟ ଧ୍ୱନି ଶୁଭିଲା। ସେ ଖୁଣ୍ଟି ଆଶ୍ରାରୁ ତଳେ ପଡିଗଲେ। ପୁଅ ବୋହୂ ଯାଇ ଧରିପକାଇ ଦେଖିଲେ ସେ ଆଉ ନାହାନ୍ତି । ସେଦିନ ୧୮୬୬ ମସିହା। ଆଷାଢ ଶୁକ୍ଳ ଦ୍ୱିତୀୟା , ଶ୍ରୀଗୁଣ୍ଡିଚା। ୨/୭/୧୮୬୬ ମସିହା ୧୨୭୩ ସାଲ୍ ଦିବ୍ୟସିଂହ ଦେବଙ୍କ ୮ ଅଙ୍କ ରବିବାରରେ ଏହି ମହା ମନସ୍ୱୀ ଢଳିପଡିଲେ। ସହସ୍ରାଧିକ ଲୋକ ଜମିଗଲେ । କାତର ଧ୍ୱନି ଚଉଦିଗରେ ମାଡି ଚାଲିଲା। ଅରଣ୍ୟ ତୁଳସୀ ଛଅ ଖଣ୍ଡି କାଠରେ ମୁହୂର୍ତ୍ତକେ ପାଉଁଶ ମୁଠାଟିଏ ରେ ପରିଣତ ହେଲେ। ଘରେ ଘରେ ଶୁଣାଗଲା - "ପରମ ପାତକୀ ଶ୍ରେଣୀ ଶିରୋମଣି ଯଦୁମଣି ମନ ତଳେ ନେଇ ନ ପାରିବ ଏହି ଉଦ୍ଧାରଣେ ଯେବେ ଚିତ୍ତ ଦେଇପାର ଲବେ ତେବେ ସିନା ଦାତା ବୋଲାଇବ ନୀଳାଚଳ କଳାକାର ସତ କି ଏ ମିଛ ? ଦେଲ ଯାହା ନେଲ ତାହା ଏଥକୁ କିପାଇଁ ମହା ଦାତାପଣେ ପତାକା ବାନ୍ଧିଛ?" ଜାତିର ଏକ ମହାପ୍ରଦୀପ ସେ ସେହି ଶ୍ରୀଗୁଣ୍ଡିଚା ଦିବସରେ ଲିଭି ଯାଇଥିଲା- ଏବେ ମଧ୍ୟ ସେଦିନର ସ୍ମୃତି ଜାତୀୟ ଜନତା ଉପଲବ୍ଧି କରିପାରି ନାହାନ୍ତି। ସେପରି ମଧ୍ୟ ଅତୀତର ମହାନ ଜାତି ନିର୍ମାତାଙ୍କୁ ବିଦେଶୀ ବୋଲି ପ୍ରମାଣ କରିବାକୁ କୁଚକ୍ରାନ୍ତକାରୀମାନେ ଜୀବନମୂର୍ଚ୍ଛା ଲଢୁଛନ୍ତି । କିସ ପୁଣି ଦେଖା ନ ଯାଏ ! ହାୟରେ ହତଭାଗ୍ୟ ଅବିଜିତ ସାହସିକ ବୀରେନ୍ଦ୍ର କେଶରୀ ଜାତି ! ଆଜି ସିନା ଆମେ ପାଳୁଛେ ଯଦୁମଣିଙ୍କ ଜନ୍ମଦିବସ । ହେଲେ ଆଜି ଓଡିଆ ଜାତିର ବିଶ୍ୱଜନୀନ ଭାବଧାରା ସହ ଆଜି ଏହା ଆମ୍ଭର ନିତାନ୍ତ ପାଥେୟ ହେବା ଆବଶ୍ୟକ , ପୂଜ୍ୟପୂଜାର ଧର୍ମ ଓ ମର୍ମ ଏହାର ଅନୁଷ୍ଠାନରେ ନୁହେଁ, ବରଂ ପାଥେୟ କାମ୍ୟ ମହନୀୟତାରେ ଅବହିତ ହୁଏ । ଯଦୁମଣିଙ୍କ ଅକୁତୋଭୟ ସ୍ୱଭାବ ସହ ଉତ୍କଳୀୟ ମାଟିରେ ସ୍ୱକୀୟ ପ୍ରତିଭା, ପ୍ରତ୍ୟୁତ୍ପନ୍ନମତିତା ତଥା ବାଣୀ-ନିରାଜନାରେ ଜୀବନ ଅବଗାହନର ମନ୍ତ୍ର ଫୁତ୍କାର ଆଜି ଶତପ୍ରାଣକୁ ଉଦ୍ଦୀପିତ କରୁ — ଏହା ଗୋଟିଏ ଅଧମାଧମ ତରୁଣର ପାଥେୟ ହେଉ ।

**୨୩୭, ଫେଜ୍ -୨, କାନନ ବିହାର, ପଟିଆ,**
**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୪**

# ସାମ୍ପ୍ରଦାୟିକ ପନ୍ଥବାଦୀ ଚେତନା ଓ ଉତ୍କଳଗୌରବ ମଧୁସୂଦନ

ଅଂଶୁମାନ ମହାରଣା



ଓଡ଼ିଆ ଜାତୀୟତାବାଦର ଭୀଷ୍ମ ପିତାମହ ଭାବରେ ପରିଚିତ ଶ୍ରଦ୍ଧେୟ ମଧୁବାବୁ ଖଣ୍ଡବିଖଣ୍ଡିତ ଉତ୍କଳ ଜନନୀକୁ ଏକତ୍ର କରାଇବା ଲାଗି ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ, ସେଇ ସଂଗ୍ରାମ କାରଣରୁ ଜୀବିତ ଅଛି ଓଡ଼ିଆ ବିଶେଷଧାରୀ ଜାତି । ଅସ୍ତିତ୍ୱ ହରାଇ ବିଛିନ୍ନାଂଚଳ ପାଲଟି ଯାଇଥିବା ଓଡ଼ିଶାକୁ ପୂର୍ଣ୍ଣାଙ୍ଗ ରପ ପ୍ରଦାନ କରିବାରେ ସେ ସଫଳ ହେଲେ ସତ ମାତ୍ର ସେଇ ପୂର୍ଣ୍ଣାଙ୍ଗ ଓଡ଼ିଶାକୁ ସ୍ୱଚକ୍ଷୁରେ ଦେଖିବା ତାଙ୍କ ଭାଗ୍ୟରେ ନଥିଲା । ୦୪ ଫେବୃଆରୀ ୧୯୩୪ ମସିହାରେ ଇହଧାମ ତ୍ୟାଗ କରିଥିଲେ ମଧୁବାବୁ । ଉତ୍କଳ ଗୌରବ ଭଳି ମହାନ ଯଶ ଉପାଖ୍ୟାଧାରୀ ହେଲେ ସିନା କିନ୍ତୁ ତାଙ୍କର ସାମ୍ପ୍ରଦାୟିକ ପନ୍ଥବାଦୀ ଚେତନାକୁ ସୃଷ୍ଟି ହୁଏ ପ୍ରଶ୍ନବାଚୀ । ଉତ୍କୃଷ୍ଟ କଳାର ଦେଶ ଉତ୍କଳ, ଯାହାର ମୁରବୀ ସ୍ୱୟଂ ମହାପ୍ରଭୁ ଶ୍ରୀ ଜଗନ୍ନାଥ । ମାତ୍ର ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ ଯେ ହିନ୍ଦୁ ସାଂସ୍କୃତିକ ପରମ୍ପରାର ଗନ୍ତାଘର ପବିତ୍ର ଉତ୍କଳ ମାଟିର ନବନିର୍ମାଣର ସୁତ୍ରଧର ମଧୁସୂଦନ ଦାସ ପରିତ୍ୟାଗ କରିଥିଲେ ହିନ୍ଦୁ ଧର୍ମ । ଖ୍ରୀଷ୍ଟିଆନ ଧର୍ମାନ୍ତରିତ ହୋଇଥିଲେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ । ଯଦିଓ ନୈଷ୍ଠିକ ମୌଳବାଦୀ ମାନେ ମଧୁବାବୁଙ୍କୁ ବିରୋଧ କରି ଏହି ପ୍ରସଙ୍ଗରେ ଓଡ଼ିଆ ଜାତୀୟତାବାଦୀ ମାନଙ୍କୁ ଘେରିଥାନ୍ତି ତଥାପି ବି ଓଡ଼ିଆଙ୍କ ମନରେ ଆଜିବି ଏହି ପ୍ରଶ୍ନ ଉଙ୍କିମାରେ ଏମିତି କଣ ହେଲା ଯେଉଁଥି ପାଇଁ ମଧୁବାବୁ ଗ୍ରହଣ କରିଥିଲେ ଖ୍ରୀଷ୍ଟଧର୍ମ?



ମଧୁବାବୁ କାହିଁକି ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ, ଏ ସମ୍ପର୍କରେ ସବିଶେଷ ବିବରଣୀ ମିଳେ ଐତିହାସିକ ସୁରେନ୍ଦ୍ର ମହାନ୍ତିଙ୍କ ରଚିତ "ଶତାବ୍ଦୀର ସୂର୍ଯ୍ୟ" ଗ୍ରନ୍ଥରେ । ଅତ୍ୟନ୍ତ ଧର୍ମନିରପେକ୍ଷବାଦୀ ମଧୁବାବୁଙ୍କ ମତରେ ମାନବିକତାର ବିକାଶରେ ଯାହା ସହାୟକ ହୁଏ ତାହା ହିଁ ଧର୍ମର ପ୍ରକୃତ ସଂଜ୍ଞା । ଇଂରେଜ ମାନଙ୍କ ଓଡ଼ିଶା ଆଗମନ ପୂର୍ବରୁ ଯେବେ ଉଭୟ ମୋଗଲ ଓ ମରହଟ୍ଟା ମାନଙ୍କ ଦ୍ୱାରା ଶାସିତ ହେଉଥିଲା, ସେମାନଙ୍କର ଅତ୍ୟଧିକ ନୈଷ୍ଠିକ ଧର୍ମାନ୍ଧତା ସାଜିଥିଲା ଓଡ଼ିଶା ପାଇଁ ମହାକାଳ । ପଠାଣ ସୁଲତାନ, ମୋଗଲ ଶାସକ ମାନେ ଅଣମୁସଲମାନଙ୍କ ଠାରୁ ଯେଉଁ ଜିଜିଆ ତୀର୍ଥଯାତ୍ରୀ କର ନେଉଥିଲେ ସେଥିରୁ ବାଦ ପଡ଼ିନଥିଲା ପୁରୀ ଶ୍ରୀମନ୍ଦିର । ଛତ୍ରପତି ଶିବାଜୀଙ୍କ ଦେହାବସାନ ପରେ ଅତ୍ୟନ୍ତ ସ୍ୱେଚ୍ଛାଚାରୀ ହୋଇ ପଡ଼ିଥିବା ମରହଟ୍ଟା ମଧ୍ୟ କର ଆଦାୟରେ ପଠାଣ ମୋଗଲଙ୍କୁ ବଳି ପଡ଼ିଥିଲେ। ଫକୀରମୋହନଙ୍କ ଲଛମା ଉପନ୍ୟାସରେ ମରହଟ୍ଟା ମାନଙ୍କ ଅଠରନଳା ଘାଟିରେ ହେଉଥିବା କର

ଆଦାୟ ସମ୍ପର୍କରେ ସୂଚନା ମିଳେ । ଅବଶ୍ୟ ସେସମୟରେ ସମଗ୍ର ହିନ୍ଦୁକୂଳ ମଧ୍ୟ କୁସଂସ୍କାର ଭିତରେ ବୁଡ଼ି ରହିଥିଲା । ଏଣେ ଇଂରେଜ ମାନେ ବି ଚଢାଦରରେ କର ନେବା ଆରମ୍ଭ କରିବାରୁ ଓଡ଼ିଶାର ଅର୍ଥନୀତିରେ ପଡ଼ିଥିଲା ପ୍ରତିକୂଳ ପ୍ରଭାବ । ନଅଙ୍କ ଦୁର୍ଭିକ୍ଷର କରାଳ ଦୃଶ୍ୟ ମଧୁବାବୁଙ୍କୁ ବ୍ୟଥିତ କରିଥିଲା । ଓଡ଼ିଶାର ଅର୍ଥନୀତିରେ ସୃଷ୍ଟି ହୋଇଥିବା ପ୍ରତିକୂଳ ପରିସ୍ଥିତି ପାଇଁ ସୁଲତାନ, ମୋଗଲ ଏବଂ ମରହଟ୍ଟା ମାନଙ୍କୁ ଦାୟୀ କରିଥିଲେ । ଉଭୟ ଧର୍ମର ଧର୍ମାନ୍ଧତାକୁ ଗଭୀର ଭାବରେ ଘୃଣା କରିଥିଲେ ମଧୁବାବୁ । ଧାର୍ମିକ କୁସଂସ୍କାର ମଧୁବାବୁଙ୍କ ମନରେ ଆଙ୍କି ଦେଇଥିଲା ସାମ୍ପ୍ରଦାୟିକ ପନ୍ଥବାଦ ପ୍ରତି ଖରାପ ଚିତ୍ର ।

ଖ୍ରୀଷ୍ଟଧର୍ମ ପ୍ରତି ମଧୁବାବୁଙ୍କର ଆଗ୍ରହ ବଢେ ବାଲେଶ୍ୱରରେ ଶିକ୍ଷକତା କରୁଥିବା ସମୟରେ । ଉଚ୍ଚଶିକ୍ଷା ସେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ମାତ୍ର ଦୁଇ ଟଙ୍କ ଦରମାରେ ଶିକ୍ଷକତା କରୁଥିବା ମଧୁବାବୁ ଗଡ଼ଗଡ଼ିଆ ଘାଟରେ ସନ୍ଧ୍ୟା ବେଳିଆ ଯେଉଁ ଆଲୋଚନାରେ ବସୁଥଲେ ସେଇଥିରୁ ଖ୍ରୀଷ୍ଟଧର୍ମ ସମ୍ପର୍କରେ ସକରାତ୍ମକ ଅବଗତ ହୋଇଥିଲେ । କଲିକତାରେ ଏଫ୍,ଏ. ପଢୁଥିବା ସମୟରେ ମଧୁସୂଦନ ଗୁରୁ ଅମ୍ବିକା ପ୍ରସାଦ ହାଜରାଙ୍କ ସହ ନିୟମିତ ଯାଉଥିଲେ ବାଇବେଲ କ୍ଲାସ । ତାଙ୍କୁ ବହୁବାର ଖ୍ରୀଷ୍ଟିଆନ ହେବା ପାଇଁ ଗୁରୁ ଅମ୍ବିକା ପ୍ରସାଦ ପରାମର୍ଶ ଦେଇଥିଲେ । ସେତେବେଳର କୁସଂସ୍କାରଗ୍ରସ୍ତ ହିନ୍ଦୁ କୂଳକୁ ଚଟକଣା ପକାଇବା ପାଇଁ ଖ୍ରୀଷ୍ଟଧର୍ମ ଗ୍ରହଣ ଏକ ଉଦ୍ଦେଶ୍ୟ ମୂଳକ ଉପଚାର ମାତ୍ର । ଖ୍ରୀଷ୍ଟଧର୍ମ ଗ୍ରହଣ ସେସମୟରେ ଏକ ଫେଶନ ବୋଲି କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ଏଫ୍,ଏ. ପାସ କରି ବି.ଏ. ରେ ନାମ ଲେଖାଇଥିବା ମଧୁସୂଦନଙ୍କ ଖ୍ରୀଷ୍ଟଧର୍ମ ଗ୍ରହଣ ସମ୍ପର୍କରେ ଉତ୍କଳ-ଦୀପିକାରେ ବାହାରିଥିବା ସମ୍ବାଦ ପଢିବା ପରେ କ୍ଷୁବ୍ଧ ଥିବା ପିତା ଚୌଧୁରୀ ରଘୁନାଥ ଦାସ ପୁତ୍ର ସହ ଯେମିତି ଛିଣ୍ଡାଇ ସାରିଥିଲେ ସବୁ ସମ୍ପର୍କ । ପ୍ରିନସିପାଲ ଜେ ବି ଅଷ୍ଟ୍ରନ ପିତାମାତାଙ୍କ ଅଜ୍ଞାତସାରରେ ଧର୍ମାନ୍ତରିତ ହେବା ପାଇଁ ଅନୁମତି ନ ଦେବାରୁ ଖ୍ରୀଷ୍ଟିଆନ ହେବା ପାଇଁ ପ୍ରାୟତଃ ମନସ୍ଥ କରି ସାରିଥବା ମଧୁବାବୁ ପରିବାରକୁ ଅବଗତ କରାଇବା ନିମନ୍ତେ ଖ୍ରୀଷ୍ଟଧର୍ମ ଗ୍ରହଣ ନିଷ୍ପତି ନେଇ ପଠାଇଥିଲେ ଚିଠିଟିଏ । ବୋଉ ପାର୍ବତୀ ଦେବୀଙ୍କ ଅନୁରୋଧ କ୍ରମେ ମଧୁସୂଦନଙ୍କୁ ଫେରାଇ ଆଣିବାକୁ କଲିକତା ଯାଇଥିଲେ ଚୌଧୁରୀ ରଘୁନାଥ । ନଛୋଡ଼ବନ୍ଧା ମଧୁସୂଦନ କିଛି ମାନିବାକୁ ନାରାଜ ହେବାରୁ ପିତା ଫେରି ଆସିଥିଲେ ନିଜର ଜ୍ୟେଷ୍ଠପୁତ୍ରକୁ କୁଳାଙ୍ଗାର ଉପାଧି ପ୍ରଦାନ ସହ ତ୍ୟଜ୍ୟପୁତ୍ର କରି । ନିଜ ନିଷ୍ପତିରେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବା ହେତୁ ମଧୁବାବୁଙ୍କୁ ପରିବାର ଠାରୁ ଅଲଗା ହେବାକୁ ପଡ଼ିଥିଲା । ଏପରିକି ସ୍ନେହମୟୀ ଜନନୀ ପାର୍ବତୀ ଦେବୀ ମଧ୍ୟ ପାଖକୁ ଯାଇ ପାରୁନଥିଲେ । ଦୂରରୁ ଦେଖି ଯାଉଥିଲେ ଗେହ୍ଲାପୁଅ ଗୋବିନ୍ଦକୁ ।

ପିତାଙ୍କ ଠାରୁ କୁଳାଙ୍ଗାର ଉପାଧି ପାଇବା ସହ ତ୍ୟଜ୍ୟପୁତ୍ର ହୋଇଥିବା ଖ୍ରୀଷ୍ଟିଆନ ମଧୁସୂଦନ ଯେ ଦିନେ ହିନ୍ଦୁଧର୍ମର ସର୍ବଶ୍ରେଷ୍ଠ ଧାମ ପୁରୀ ଶ୍ରୀମନ୍ଦିରର ଅଧିକାରକୁ ବ୍ରିଟିଶ କବଳରୁ ଛଡ଼ାଇ ଆଣି ପୁଣି ଗଜପତି ମହାରାଜାଙ୍କ ହାତରେ ନ୍ୟସ୍ତ କରିଥିଲେ, ଏ ବିଶ୍ୱାସ ତତକାଳୀନ ଓଡ଼ିଶାରେ କାହାରି ନ ଥିଲା । ପୁରାତନ ଉତ୍କଳ ତଥା ଆଜିର ଓଡ଼ିଶାର ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପୁରୀ ଶ୍ରୀମନ୍ଦିର ଉପରେ ମୋଗଲ ମରହଟ୍ଟା ମାନଙ୍କ ଭଳି ବ୍ରିଟିଶ ସରକାରଙ୍କ ମଧ୍ୟ ପଡ଼ିଥିଲା ଲୋଲୁପ ଦୃଷ୍ଟି । ଇଂରେଜ ମାନେ ମଧ୍ୟ ରାଜସ୍ୱ ଲୋଭରେ ତତକାଳୀନ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କୁ ମିଥ୍ୟା ହତ୍ୟା ଅଭିଯୋଗରେ ଫସାଇ କଳାପାଣି ସଜା ପରେ ସହଜରେ ଶ୍ରୀମନ୍ଦିରକୁ ନିଜ ଅଧିକାରକୁ ନେଇଗଲେ ବ୍ରିଟିଶ ସରକାର । ନିକଟରେ ଘଟିଯାଇଥିବା ଝାନସୀ, ଗ୍ୱାଲିଓର ରାଜ୍ୟର ଅବସ୍ଥା ଆଶଙ୍କା କରି ଦିବ୍ୟସିଂହଦେବଙ୍କ ମାତା ସୂର୍ଯ୍ୟମଣି ପାଟମହାଦେଇ

ତାଙ୍କର ନାବାଳକ ପୁତ୍ର ମୁକୁନ୍ଦଦେବଙ୍କୁ ଗଜପତି ଭାବରେ ରାଜ୍ୟାଭିଷେକ କଲେ । ମାତ୍ର ଏହାକୁ ପ୍ରତ୍ୟାଖ୍ୟାନ କରି ଶ୍ରୀମନ୍ଦିରକୁ ନିଜ ଅଧିକାରକୁ ନେଇ ଜଣେ ରିସିଭରଙ୍କୁ ନିଯୁକ୍ତ କରିଥିଲେ ବ୍ରିଟିଶ ସରକାର । ଇଂରେଜଙ୍କ ଅଧିକାରକୁ ଆସିବା ପରେ ଶ୍ରୀମନ୍ଦିର ପରମ୍ପରା କ୍ଷୁର୍ଣ୍ଣ ହେବାରୁ ଆର୍ଥିକ ଅନଟନ ଦେଇ ଗତି କରୁଥିବା ସୂର୍ଯ୍ୟମଣି ପାଟମହାଦେଇ ମଧୁବାବୁଙ୍କୁ ଅନୁରୋଧ କରିଥିଲେ ଏ କ୍ଷେତ୍ରରେ ଆଇନଗତ ସହଯୋଗ ପାଇଁ । ସିପାହୀ ବିଦ୍ରୋହ, ଝାନସୀ ତଥା ଓଡ଼ିଆ ପୁଅ ଚାଖି ଖୁଂଟିଆଙ୍କ ପ୍ରସଙ୍ଗ ମଧୁବାବୁଙ୍କ କାନରେ ପଡ଼ିଥିଲା । ତେଣୁ ବିଳମ୍ବ ନକରି କଲିକତା ହାଇକୋର୍ଟରେ ପିଟିସନ ଦାଖଲ କରିବା ସହ ମାମଲା ଲଢିବା ପାଇଁ ବ୍ରିଟିଶ ଓକିଲଙ୍କୁ ନିଯୁକ୍ତି କରିଥିଲେ ମଧୁବାବୁ ।

କଲିକତା ହାଇକୋର୍ଟରେ ମଧୁବାବୁଙ୍କ ଶ୍ରୀମନ୍ଦିର ପିଟିସନ ଦାଖଲ କରିବା ମାମଲା ଯିଏ ଶୁଣିଲା ସିଏ ତାଙ୍କୁ ପାଗଳର ଆଖ୍ୟା ଦେଲା । ପ୍ରସଙ୍ଗଟି ଥିଲା ହିଁ ସେମିତି, କାହିଁକିନା ବ୍ରିଟିଶ ନିୟନ୍ତ୍ରଣରେ ଥିବା ଅଦାଲତ ଯେ ବ୍ରିଟିଶ ସରକାର ବିପକ୍ଷରେ ରାୟ ଦେବ ଏ ବିଶ୍ୱାସ କାହାର ବି ନଥିଲା । ଶ୍ରୀମନ୍ଦିର ପିଟିସନ ମାମଲା ପ୍ରତି ସମସ୍ତଙ୍କର ସନ୍ଦେହ ଥିବା ବେଳେ କେବଳ ସୂର୍ଯ୍ୟମଣି ପାଟମହାଦେଇଙ୍କ ସମର୍ଥନ ହିଁ ମଧୁବାବୁଙ୍କୁ ଯୋଗାଇଥିଲା ଅସୀମିତ ଆଗ୍ରହ ଓ ଜିଦ । ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ମଧ୍ୟ ଓଡ଼ିଶା ଇତିହାସ ଓ ସଂସ୍କୃତିର ମୂର୍ତ୍ତିମନ୍ତ ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଭକ୍ତି ଅତୁଟ ରହିଥିଲା । ତେଣୁ ଶିକ୍ଷିତ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ ତଥା ତାଙ୍କୁ ପାଗଳ ବୋଲି ସମ୍ବୋଧନ କରୁଥିବା ସମସ୍ତଙ୍କ ଉଦ୍ଦେଶ୍ୟରେ ମଧୁବାବୁ ଉତ୍କଳ-ଦୀପିକାର ସମ୍ପାଦକଙ୍କୁ ପତ୍ର ସ୍ତମ୍ଭରେ ଦୁଇଟି ପତ୍ର ପ୍ରକାଶନ କରି ଶ୍ରୀମନ୍ଦିର ପିଟିସନ ସପକ୍ଷରେ ନିର୍ମାଣ କରିଥିଲେ ଆଧାର । ସେକେଣ୍ଡ ହ୍ୟାଣ୍ଡ ତଥ୍ୟ ସଂଗ୍ରହକୁ ଘୃଣା କରୁଥିବା ହେତୁ ସକାଳ ବୁଲା ସମୟରେ ରାସ୍ତାରେ ଗଡୁଥିବା ଛିଣ୍ଡା ଟୁକୁରା କାଗଜ ସବୁକୁ ଗୋଟାଇବାରେ ମାହିର ମଧୁବାବୁ ସଂଗ୍ରହ କରୁଥିଲେ ଜନମତ ଗୁଡ଼ିକର ଅଂଶବିଶେଷ । ଶ୍ରୀମନ୍ଦିର ପିଟିସନ ସପକ୍ଷରେ ସଂଗ୍ରହର ଏହା ଥିଲା ଅନ୍ୟତମ ଉତ୍ସ । ତା ସାଙ୍ଗକୁ ଏହା ଥିଲା ଶ୍ରୀମନ୍ଦିର ପରମ୍ପରା ସପକ୍ଷରେ ଜନଜାଗରଣର ଅନ୍ୟ ଏକ ମାଧ୍ୟମ । ପରିଶେଷରେ କଲିକତା ହାଇକୋର୍ଟରେ ଦୀର୍ଘଦିନ ଧରି ଏହି ମାମଲା ଚାଲିବା ପରେ ଶ୍ରୀମନ୍ଦିର ପାଇଁ ରିସିଭର ନିଯୁକ୍ତି ନେଇ କୌଣସି ଆବଶ୍ୟକୀୟ କାରଣ ନ ଦର୍ଶାଯିବାରୁ ଶ୍ରୀମନ୍ଦିରର ଅଧିକାର ଫେରି ଆସିଥିଲା ଗଜପତି ମହାରାଜଙ୍କ ନିକଟକୁ । ମଧୁବାବୁଙ୍କୁ ପାଗଳର ଆଖ୍ୟା ପ୍ରଦାନ କରିଥିବା ସମାଲୋଚକ ମାନେ ବାଧ୍ୟ ହୋଇଥିଲେ ତାଙ୍କୁ ପ୍ରଶଂସା କରିବାକୁ ।

ପନ୍ଥବାଦୀ ଚେତନାକୁ ନେଇ ମଧୁସୂଦନଙ୍କ ଜୀବନୀ ସମ୍ପର୍କିତ ଦୁଇଟି ଘଟଣା - ପ୍ରଥମରେ ଖ୍ରୀଷ୍ଟଧର୍ମ ଗ୍ରହଣ ଓ ଦ୍ୱିତୀୟରେ ଶ୍ରୀମନ୍ଦିରର ଅଧିକାରକୁ ବ୍ରିଟିଶ କବଳରୁ ଛଡ଼ାଇ ଆଣି ପୁଣି ଗଜପତି ମହାରାଜାଙ୍କ ହାତରେ ନ୍ୟସ୍ତ କରିବା ଘଟଣାକୁ ବିଚାର କଲେ ଏହା ସ୍ପଷ୍ଟ ଦିଶେ ଯେ ଅତ୍ୟନ୍ତ ଧର୍ମନିରପେକ୍ଷବାଦୀ ମଧୁବାବୁ ଘୃଣା କରୁଥିଲେ ଧାର୍ମିକ କୁସଂସ୍କାରକୁ । ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ସୁଦ୍ଧା ନା କେବେ ସେ ଖ୍ରୀଷ୍ଟଧର୍ମର ଧର୍ମର ପ୍ରଚାର ପ୍ରସାର କରିଥିଲେ, ନା କେବେ କୌଣସି ଓଡ଼ିଆଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇଥିଲେ । କାରଣ ସେ ଜାଣିଥିଲେ ହିନ୍ଦୁ ସଂସ୍କୃତି ଓ ଓଡ଼ିଆ ଜାତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି । ଅପରପକ୍ଷରେ ଖ୍ରୀଷ୍ଟିଆନ ହୋଇଥିଲେ ସୁଦ୍ଧା ହିନ୍ଦୁ ସଂସ୍କୃତିକୁ ମନରୁ ପାସୋରିପାରିନଥିଲେ ମଧୁବାବୁ । ଖ୍ରୀଷ୍ଟିଆନ ପରେ ମଧ୍ୟ ପ୍ରତିଦିନ ମନ୍ଦିର ଦୂରରୁ କୂଳଦେବତା ରାଧାମାଧବ ଏବଂ ଚାଟେଶ୍ୱର ମହାଦେବଙ୍କୁ ଦର୍ଶନ କରୁଥିବାର ଜନଶ୍ରୁତି ଆଜି ବି ସତ୍ୟଭାମାପୁର ଗାଁରେ ଶୁଣିବାକୁ ମିଳେ । କେବଳ ଧାର୍ମିକ କୁସଂସ୍କାରରୁ ନିଜକୁ ନିବୃତ ରଖିବା ପାଇଁ ହିନ୍ଦୁଧର୍ମ ପରିତ୍ୟାଗ

କରିଥିବାର ଅନୁଶୋଚନା କରୁଥିବା ମଧୁବାବୁ ନିଜ ଆତ୍ମଜୀବନୀ ପୁସ୍ତକରେ ସ୍ୱୀକାର କରିଛନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଥିଲା ତାଙ୍କର ଅସୀମ ଭକ୍ତି । ସେହି ଭକ୍ତି ହିଁ ତାଙ୍କୁ ଶକ୍ତି ଯୋଗାଇଥିଲା ଶ୍ରୀମନ୍ଦିର ମାମଲାରେ ବିଜୟୀ ହେବା ପାଇଁ । ଯଦି ମଧୁବାବୁଙ୍କ ପନ୍ଥବାଦୀ ଚେତନାକୁ ବିଚାର କରାଯାଏ ତେବେ ଗୋଟିଏ କଥା ମୁକ୍ତକଣ୍ଠରେ ସ୍ୱୀକାର କରାଯାଇପାରେ "ଖ୍ରୀଷ୍ଟିଆନ ଧର୍ମାନ୍ତରିତ ହୋଇଥିଲେ ସୁଦ୍ଧା ମାନସିକ ଭାବରେ ସଚ୍ଚା ହିନ୍ଦୁ ଥିଲେ ଉତ୍କଳଗୌରବ ମଧୁସୂଦନ" ।

**ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟ**

**ବାରିପଦା**



# ସାକ୍ଷାତକାର



## ସାକ୍ଷାତକାର : ଯୁବ ବୈଜ୍ଞାନିକ ଐଶ୍ୱର୍ଯ୍ୟା ମିଶ୍ର

ଐଶ୍ୱର୍ଯ୍ୟା ମିଶ୍ର ଆଜିର ଯୁବପିଢ଼ିଙ୍କ ପାଇଁ ଏକ ପ୍ରେରଣା । ନିଜର ପ୍ରତିଭା ମାଧ୍ୟମରେ କେବଳ ଓଡ଼ିଶା ନୁହେଁ ବରଂ ସାରା ଦେଶ ପାଇଁ ଗୌରବ ର ପରିଚୟ । ଏତେ କମ୍ ବୟସରୁ ଲୋକପ୍ରିୟ ଖାଦ୍ୟ ପ୍ରକ୍ରିୟାକରଣ ବହୁରାଷ୍ଟ୍ରୀୟ କମ୍ପାନୀ ବ୍ରିଟାନିଆରେ ଯୁବ ବୈଜ୍ଞାନିକ ଭାବେ ଯୋଗ ଦେଇଛନ୍ତି ଐଶ୍ୱର୍ଯ୍ୟା । ଦଶମରେ ରାଜ୍ୟ ସ୍ତରରେ ନବମ ସ୍ଥାନ, BTech ସମୟରେ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି କେନ୍ଦ୍ର ସରକାରଙ୍କ ଠାରୁ ୧ଲକ୍ଷ ଟଙ୍କାର ଶିକ୍ଷାବୃତ୍ତି ତଥା ସରକାରୀ ଅନୁଦାନରେ ଉଚ୍ଚତର ଗବେଷଣା ପାଇଁ କାନାଡା ଗସ୍ତ ଏବଂ ସ୍ନାତକ ସମୟରେ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ ଗ୍ରହଣ ସହ ବିଭିନ୍ନ ସମ୍ମାନର ଅଧିକାରୀ ହେଉଛନ୍ତି ଐଶ୍ୱର୍ଯ୍ୟା । ତେବେ ଚିରାଚରିତ ଡାକ୍ତରୀ ବା ଇଞ୍ଜିନିୟରିଂ ବ୍ୟତୀତ ଖାଦ୍ୟ ପ୍ରକ୍ରିୟାକରଣ ପରି ଦିଗରେ ମଧ୍ୟ ଭବିଷ୍ୟତ ଗଢ଼ିହେବ, ଏହାର ଉଦାହରଣ ହେଉଛନ୍ତି ଐଶ୍ୱର୍ଯ୍ୟା।

ତେବେ ଶୁଭଦୃଷ୍ଟି ପରିବାର ପକ୍ଷରୁ ଓଡ଼ିଶାର ଏହି ପ୍ରତିଭାବାନ ଯୁବ ବୈଜ୍ଞାନିକ ଐଶ୍ୱର୍ଯ୍ୟାଙ୍କୁ ଆମେ ପଚାରିଥିଲୁ କିଛି ପ୍ରଶ୍ନ।

**ପ୍ରଶ୍ନ : ଆପଣଙ୍କ ପିଲାବେଳ ଓ ପାଠପଢ଼ା ବିଷୟରେ ପାଠକଙ୍କୁ କିଛି ସୂଚନା ଦିଅନ୍ତୁ ।**

**ଉତ୍ତର** : ମୁଁ ପିଲାବେଳେ ବହୁତ ଦୁଷ୍ଟ ଥିଲି ସ୍କୁଲକୁ ନ ଯାଇ ବାହାନା କରି ଲୁଚେ । କିନ୍ତୁ ଅଷ୍ଟମ ଶ୍ରେଣୀ ପରେ ମୁଁ ମୋର ପାଠରେ ଉନ୍ନତି ଆଣିବାକୁ ଚେଷ୍ଟା କଲି । ମୋର ହାଇସ୍କୁଲ ଶିକ୍ଷା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ବରମୁଣ୍ଡା, ଭୁବନେଶ୍ୱରରୁ ଶେଷ କରିଥିଲି । ମାଟ୍ରିକ ପରୀକ୍ଷାରେ ୯୬% ପ୍ରତିଶତ ନମ୍ବର ରଖି ପାସ କରି ସାରିବା ପରେ ମୁଁ ଯୁକ୍ତ ୨ ବିଜ୍ଞାନ ବିଜେବି କଲେଜ, ଭୁବନେଶ୍ୱରରୁ ଶତକଡା ୮୭% ନମ୍ବର ରଖି ପାସ୍ କରିଥିଲି । ପରେ ପରେ JEE(Mains)ର ସର୍ବଭାରତୀୟ ସ୍ତରରେ କୃତିତ୍ୱର ସହ ଉନ୍ନୀତ ହେବା ସହ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଲାଭ କରିଥିବା ଶିକ୍ଷା ଅନୁଷ୍ଠାନ ଜାତୀୟ ଖାଦ୍ୟ ପ୍ରଦ୍ୟୋଗିକି ଓ ପ୍ରବନ୍ଧନ ସଂସ୍ଥାନ(National Institute of Food Technology & Management, New Delhi)ରୁ B.Tech କରିଥିଲି; ସେଠାରୁ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରି କେନ୍ଦ୍ରୀୟ ଖାଦ୍ୟ ଗବେଷଣାଗାର (Central Food Technological Research Institute, Mysore) ରୁ ସ୍ନାତକ ଡିଗ୍ରୀ ଶେଷ କରିଛି ।

**ପ୍ରଶ୍ନ : ଆରମ୍ଭରୁ ଏପର୍ଯ୍ୟନ୍ତ ଆପଣ ଦଶମରେ ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ପାଇବା, କେନ୍ଦ୍ର ସରକାରଙ୍କ ବୃତ୍ତି ତଥା ବର୍ତ୍ତମାନ ବ୍ରିଟାନିଆରେ ଗବେଷକ ପର୍ଯ୍ୟନ୍ତ ଆପଣଙ୍କ ଏ ଯାତ୍ରାରେ ଆପଣଙ୍କୁ କଣ ନୂଆ ଶିଖିବାକୁ ମିଳିଛି?**



**ଉତ୍ତର** : ମୋର ଏ ଯାତ୍ରା ମୋତେ ଜୀବନରେ ବହୁତ କିଛି ଶିଖେଇଛି । ପାଠ ପଢିବା ସଙ୍ଗେ ସଙ୍ଗେ ଜୀବନ ବଞ୍ଚିବାର ଶୈଳୀ, ସମୟାନୁବର୍ତ୍ତିତା, ଅଧ୍ୟବସାୟ କଠୋର ପରିଶ୍ରମ ହିଁ ସଫଳତାର ମୂଳମନ୍ତ୍ର ବୋଲି ମୁଁ ବିଶ୍ୱାସ କରେ । ମୋର ଦିଲ୍ଲୀରେ ପାଞ୍ଚ ବର୍ଷ ପାଠପଢା, କାନାଡା ଗସ୍ତ ମୋତେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ବହୁ ପ୍ରସିଦ୍ଧି ଆଣି ଦେଇଛି ପାଶ୍ଚାତ୍ୟ ଦେଶର ଚାଲି ଚଳଣି ସହ ବିଦେଶରେ ନିଜକୁ କିପରି ଖାପ ଖୁଆଇ ଚଳିବାକୁ ହେବ ତାହା ମୁଁ ଶିଖିଛି ।

**ପ୍ରଶ୍ନ : ଆପଣ ଡାକ୍ତର ହେବା ପାଇଁ ଅନେକ ପରିଶ୍ରମ କରୁଥିଲେ କିନ୍ତୁ ଏବେ ଅନ୍ୟ କ୍ଷେତ୍ରକୁ ଆସି ଭୁଲ୍ କରିଛନ୍ତି କି ବୋଲି ଭାବିଛନ୍ତି କି ?**

**ଉତ୍ତର** : ମୋର ଯୁକ୍ତ ୨ ସରିବା ପରେ ବର୍ଷେ ପାଇଁ ଡାକ୍ତରୀ ପ୍ରବେଶିକା ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲି; କିନ୍ତୁ ସେହି ବର୍ଷ ଦୁର୍ଭାଗ୍ୟବଶତଃ ୨୦୧୫ NEET ପରୀକ୍ଷା ବାତିଲ ହୋଇଯାଇଥିଲା ଏବଂ ମୋତେ JEE(Mains) ର




ସର୍ବଭାରତୀୟ ରାଙ୍କରୁ NIFTEMରେ B.Tech କରିବାର ସୁଯୋଗ ମିଳିଥିଲା । ତାହା କେନ୍ଦ୍ର ସରକାରଙ୍କ ଅନୁଦାନରେ ପରିଚାଳିତ ବିଶ୍ୱବିଦ୍ୟାଳୟ ସ୍ତରୀୟ ସମ୍ପୂର୍ଣ୍ଣ ଭାବେ ଏକ ନୂଆ ପାଠ୍ୟକ୍ରମ ଥିଲା । ତେଣୁ ମୁଁ ମୋ ଜୀବନର ସବୁଠାରୁ ବଡ ନିଷ୍ପତି ନେଇଥିଲି NIFTEMରେ ଯୋଗ ଦେଇ କି, ମୋର ସେହି ନିଷ୍ପତି ଏବଂ ତାହା ସହ ଜଡିତ ହୋଇ ଥିବା ସବୁ ପ୍ରକାର ଆହ୍ୱାନକୁ ମୁଁ ଏକ ସକାରାତ୍ମକ ରୂପରେ ଗ୍ରହଣ କରିଥିଲି ଯାହା କି ଏହି ପାଠ୍ୟକ୍ରମ ମୋତେ ଆଜି ଆଣି ବହୁତ ଭଲ ସ୍ଥାନରେ ଅବସ୍ଥାପିତ କରାଇପାରିଛି । ସୁତରାଂ, ମୁଁ ମୋର ଏହି ନିଷ୍ପତି କୁ ଭୁଲ ନୁହେଁ ବରଂ ଜୀବନ ର ଚିରାଚରିତ ଗତି ପଥକୁ ବଦଳେଇବାର ଗୋଟେ ମହତ୍ୱପୂର୍ଣ୍ଣ ଦିଗ ବୋଲି ଭାବେ ।

**ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ପରିବାରର ପ୍ରଭାବ ରହିଥାଏ, ଆପଣଙ୍କ ଜୀବନରେ ଆପଣଙ୍କ ପରିବାରର ପ୍ରଭାବ କିପରି ରହିଥିଲା ?**

**ଉତ୍ତର** : ମୋ ଜୀବନରେ ମୋ ପରିବାରର ଭୂମିକା ବହୁତ ମହତ୍ୱ ରଖେ । ମୋ ପରିବାର ର ସହଯୋଗ,ସହାୟତା ତଥା ସେମାନେ ମୋ ଉପରେ ରଖିଥିବା ବିଶ୍ୱାସ ଏବଂ ସର୍ବୋପରି ପ୍ରଭୁ ଜଗନ୍ନାଥଙ୍କ କରୁଣା ହିଁ ମୋତେ ସଫଳତା ଆଣି ଦେଇଛି ।

**ପ୍ରଶ୍ନ : ଆପଣ କାହାକୁ ଆଦର୍ଶ ବୋଲି ମାନନ୍ତି / ଆପଣଙ୍କ ପ୍ରେରଣା କିଏ ?**

**ଉତ୍ତର** : ମୁଁ ମୋ ବାପା ଶ୍ରୀ ତପନ ପ୍ରସାଦ ମିଶ୍ର(ସହକାରୀ ଯନ୍ତ୍ରୀ, ଓଡିଶା ସରକାର )ଙ୍କୁ ମୋର ଆଦର୍ଶ ଭାବେ ଗ୍ରହଣ କରିଛି । ସେ ମୋତେ ପରିଶ୍ରମୀ, ଆତ୍ମନିର୍ଭର ଓ କର୍ତ୍ତବ୍ୟନିଷ୍ଠ ହୋଇ ବଞ୍ଚିବାର କଳାକୁ ଶିଖାଇଛନ୍ତି । ତାଙ୍କର କର୍ତ୍ତବ୍ୟ ପରାୟଣତା ଓ ଆଗକୁ କିଛି ନୂଆ କରିବାର ତତ୍ପରତା ହିଁ ସବୁବେଳେ ମୋ ପାଇଁ ପ୍ରେରଣାର ସ୍ରୋତ ହୋଇ ରହି ଆସିଛି । ମୋର ପାଠ ପଢାରେ ମୋ ମା ଶ୍ରୀମତୀ ସୁଜାତା ମିଶ୍ର(ଗୃହିଣୀ)ଙ୍କର ଅବଦାନ ଅତୁଳନୀୟ । ସେ ନିଜର ସ୍ୱାସ୍ଥ୍ୟକୁ ଅବହେଳା କରି ମୋ ଶିକ୍ଷାକୁ ଅଗ୍ରାଧିକାର ଦେଇଛନ୍ତି; ସେଥିପାଇଁ ଆଜି ମୁଁ ଯେଉଁଠି ବି ପହଞ୍ଚି ପାରିଛି ସେ ସବୁର ଶ୍ରେୟ ମୁଁ ମୋ ପିତା ମାତାଙ୍କୁ ହିଁ ଦେବି ।



**ପ୍ରଶ୍ନ : ଆପଣଙ୍କୁ କେବେ ଅଧିକ ପ୍ରଶଂସା ମିଳିଥିଲା? ଯାହାକୁ ଆପଣ ଜୀବନସାରା ମନେ ରଖିବେ।**

**ଉତ୍ତର** : ମୋର ଦଶମ ବୋର୍ଡ ପରୀକ୍ଷାରେ ରାଜ୍ୟସ୍ତରରେ ନବମ ସ୍ଥାନ ଅଧିକାର କରିବା ମୋ ଜୀବନର ପ୍ରଥମ ସଫଳତା ଥିଲା । ପରେ B.Tech ପଢିବା ସମୟରେ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଏକ ଲକ୍ଷ ଟଙ୍କାର କେନ୍ଦ୍ରୀୟ ସ୍କଲାରସିପ୍ ପାଇ ପ୍ରାୟ ଦୁଇମାସ ପାଇଁ କାନାଡା ଯାତ୍ରା କରିବା ଏବଂ ସ୍ନାତକ ପଢିବା ସମୟରେ ସ୍ୱର୍ଣ୍ଣ ପଦକ ବିଜୟିନୀ ହେବା ଆଦି ମୋ ପାଇଁ ସବୁବେଳେ ସ୍ମରଣୀୟ ହୋଇ ରହିବ ।

**ପ୍ରଶ୍ନ : ନିଜ କାମ ବ୍ୟତୀତ ଆପଣଙ୍କୁ ଫାଙ୍କା ସମୟରେ ଆଉ କଣ କରିବାକୁ ଭଲ ଲାଗେ ?**

**ଉତ୍ତର** : ମୁଁ ଛୋଟବେଳୁ ନୃତ୍ୟ ଓ ଚିତ୍ର ଆଙ୍କିବାରେ ଆଗ୍ରହ ରଖିଛି । ଏହା ବ୍ୟତୀତ ଖାଲି ସମୟରେ ମୁଁ ମହାପୁରୁଷ ଯେପରି ସ୍ୱାମୀ ବିବେକାନନ୍ଦ, ଅବଦୁଲ କାଲାମ ସାହିତ୍ୟିକ ମନୋଜ ଦାସ, ସରୋଜିନୀ ନାଇଡୁ, ରମାଦେବୀ, ଥୋମାସ ଏଡିସନ ଆଦିଙ୍କର ଆତ୍ମଜୀବନୀ ଆଦି ପଢି ନିଜକୁ ଆଗାମୀ ଭବିଷ୍ୟତ ପାଇଁ ପ୍ରସ୍ତୁତ କରେ ।

**ପ୍ରଶ୍ନ : ଆପଣଙ୍କର ଆଗକୁ ଲକ୍ଷ୍ୟ କଣ ଅଛି ?**

**ଉତ୍ତର** : ବର୍ତ୍ତମାନ ମୁଁ ଲୋକପ୍ରିୟ ଖାଦ୍ୟ ପ୍ରକ୍ରିୟାକରଣ ବହୁରାଷ୍ଟ୍ରୀୟ କମ୍ପାନୀ ବ୍ରିଟାନିଆ ରେ ଯୁବ ବୈଜ୍ଞାନିକ ଭାବେ ଯୋଗ ଦେଇଛି । ଏବେ ମୁଁ ଅଧିକାଂଶ ସମୟ ଗବେଷଣାରୁ ଶିଖିବା ସହିତ ଅଭିଜ୍ଞତା ସାଉଁଟୁଛି । ଭବିଷ୍ୟତରେ ଆମ ଦେଶରେ ଖାଦ୍ୟ ପ୍ରକ୍ରିୟାକରଣର ବହୁତ ଭଲ ସୁଯୋଗ ରହିଛି । ତେଣୁ ଅଧିକ ଜ୍ଞାନ ଆହରଣ ପାଇଁ ବିଦେଶରେ କିଛି ବର୍ଷ ପାଇଁ PhD କରିସାରି ମୋ ରାଜ୍ୟ ଓଡିଶାକୁ ଆସି ଏଠି ଯୁବପୀଢିଙ୍କୁ ଏ ଦିଗରେ ସାହଯ୍ୟ, ସହଯୋଗ କରିବାର ଲକ୍ଷ୍ୟ ରଖିଛି ।

**ପ୍ରଶ୍ନ : ଜଣେ ଓଡ଼ିଆ ମାଧମ ବିଦ୍ୟାଳୟର ଛାତ୍ରୀ ହୋଇ ମଧ ଆପଣ ଏତେ ସଫଳତାର ଅଧିକାରୀ ହୋଇପାରିଛନ୍ତି, ତେବେ ବର୍ତ୍ତମାନର ଓଡ଼ିଆ ମାଧମରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆପଣଙ୍କ ବାର୍ତ୍ତା କଣ ରହିବ?**

**ଉତ୍ତର** : ମୁଁ ଓଡିଆ ମାଧ୍ୟମ ଛାତ୍ରୀ ବୋଲି ନିଜକୁ ଗର୍ବ ଅନୁଭବ କରେ । ଛାତ୍ର ଜୀବନରେ ବିଦ୍ୟାଳୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ମନରେ ଦୃଢ ସଂକଳ୍ପ, ନୂଆ କିଛି କରିବାର ଇଚ୍ଛା, ଆଗକୁ ଯିବାର କ୍ଷୁଧା ଅଛି ତେବେ ଇଂରାଜୀ କିମ୍ବା ଓଡିଆ ମାଧ୍ୟମ ର କୌଣସି ତଫାତ୍ ପଡି ନ ଥାଏ । ପାଠକେ ଲକ୍ଷ୍ୟ କରିଥିବେ; ଆମ ରାଜ୍ୟର ଅନେକ ଜ୍ଞାନୀଗୁଣୀ ଲୋକ ଓଡିଆ ଭାଷାରେ ପଢି କି ବି ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଲାଭ କରିଛନ୍ତି । ଜୀବନ ର ଚଲାପଥରେ



କିଛି ନା କିଛି ଆହ୍ୱାନ ସବୁବେଳେ ଆସିଥାଏ ଜଣେ ଉଦ୍ୟମୀ ଛାତ୍ର ହିଁ ଏ ସବୁ କୁ ଗ୍ରହଣ କରି ଆଗ କୁ ବଢିଥାଏ; ସେଥିପାଇଁ ଦରକାର ନିରନ୍ତର ପ୍ରଚେଷ୍ଟା ଓ ଅଧ୍ୟବସାୟ । ବିଦ୍ୟାଳୟର ମାଧ୍ୟମ କୁ ଗୁରୁତ୍ୱ ନ ଦେଇ ନିଜର ଜ୍ଞାନ ଆହରଣ ର ପିପାସା କୁ ବଢେଇ ପାରିଲେ ହିଁ ଯେ କୌଣସି ପିଲା ସେ ଓଡିଆ ହେଉ କି ଇଂରାଜୀ ହେଉ ଜୀବନରେ ସଫଳତା ର ଶୀର୍ଷକୁ ନିଶ୍ଚିତ ଭାବେ ଛୁଇଁ ପାରିବ ।

**ପ୍ରଶ୍ନ : ବହୁତ ନୂଆ ପ୍ରତିଭା ଏ ଦିଗରେ ଆଗକୁ ଆସି କିଛି ନୂଆ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଆପଣ କଣ କହିବେ ?**

**ଉତ୍ତର** : ଆଜିର ସମୟ ହେଉଛି କମ୍ପ୍ୟୁଟର, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ର; ତେଣୁ ସମୟ ସହିତ ତାଳ ଦେଇ ନୂଆ ପିଲାମାନେ ଖାଦ୍ୟପ୍ରକ୍ରିୟା କରଣ କ୍ଷେତ୍ରରେ ଏକ ସୁନ୍ଦର କ୍ୟାରିୟର ଗଠନ କରିପାରିବେ । ଚିରାଚରିତ ଡାକ୍ତରୀ, ଇଞ୍ଜିନିୟରିଂ ପାଠ୍ୟକ୍ରମରୁ ବାହାରକୁ ଯାଇ ମଧ୍ୟ ଅନେକ ସଫଳତା ହାସଲ କରିହେବ ଯେପରି ମୋ କ୍ଷେତ୍ରରେ ହୋଇଛି । ମିଳୁଥିବା ସୁଯୋଗ ର ସଦୁପଯୋଗ ଏବଂ ନିଷ୍ଠାର ସହିତ ପରିଶ୍ରମ କଲେ ସଫଳତା ଅବଶ୍ୟମ୍ଭାବୀ । ମୁଁ ଆଜିର ପିଲାମାନଙ୍କୁ ଏତିକି କହିବି ଯେ ନିଜକୁ ଅନ୍ୟ ସହିତ ତୁଳନା କର ନାହିଁ । ନିଜ ଉପରେ ଓ ଈଶ୍ୱରଙ୍କ ଉପରେ ଭରସା କରି ପରିଶ୍ରମ କରି ଚାଲ । ଲୋକପ୍ରିୟ ହିନ୍ଦୀ ସିନେମା ଥ୍ରୀ ଇଡିଅଟ୍ ଅମୀର ଖାନ୍ ଙ୍କର ଗୋଟେ ସଂଳାପ ହିସାବରେ "କାମୟାବୀ ଝକ୍ ମାରକେ ତେରେ ପିଛେ ଆୟେଗୀ" ।

**ଏଇ ସାକ୍ଷାତକାର ପାଇଁ ନିଜର ସମୟ ଦେଇଥିବାରୁ ଶୁଭଦୃଷ୍ଟି ପରିବାର ତରଫରୁ ଐଶ୍ୱର୍ଯ୍ୟାଙ୍କୁ ଅଶେଷ ଧନ୍ୟବାଦ ।**



# ସାହାଯ୍ୟ

ସରିତଦିପ ଶତପଥୀ



ବାବୁ... ବାବୁ... କିଛି ସାହାଯ୍ୟ କରନ୍ତୁ। ମୋ ମା'କୁ ପ୍ରବଳ ଜର... ନିଶ୍ୱାସ ନେଇ ପାରୁନି...। ଏକାରାହାରେ ଏମିତି କହି ଧଇଁସଇଁ ହୋଇ ମୋ ଆଡ଼କୁ ଦୌଡ଼ି ଆସୁଥିଲା ରାଜୁ। ସକାଳଟାରୁ କିଏ ଏଡ଼େଟା ପାଟି କରୁଛି ଭାବି ମୁଁ ମୋ ଅଫିସ୍ କୋଠରୀରୁ ବାହାରକୁ ଆସିଲି।

ଟା' ପିଉ ପିଉ ମୁଁ ପଚାରିଲି 'ଆରେ କ'ଣ ହେଲା, କାହିଁକି ଏମିତି ବିକଳ ହୋଇ ଡାକୁଛୁ?'

କାନ୍ଦ କାନ୍ଦ ହୋଇ ରାଜୁ କହିଲା, 'ମୋ ମା ଦେହ ବହୁତ ଖରାପ... ଆପଣ ଟିକେ ଆସନ୍ତୁ।'

ମୁଁ କହିଲି, ଆରେ କ'ଣ ହୋଇଛି ତୋ ମା'ର। ଆଉ ମୋ ପାଖକୁ କ'ଣ ଆସିଛୁ ଡାକ୍ତରଖାନା ନେଉନୁ।

ସେ କହିଲା, 'ବାବୁ ପାଖରେ ଟଙ୍କାଟିଏ ବି ନାହିଁ ଆପଣ କିଛି ସାହାଯ୍ୟ କରନ୍ତୁ।'

କରୋନା ସମୟ... ମୁଁ ଆଉ ବାହାରକୁ ନ ଯାଇ ଆମ୍ବୁଲାନ୍ସକୁ ଫୋନ କଲି। ରାଜୁ ହାତକୁ ୨୦୦ ଟଙ୍କା ବଢ଼େଇ ଦେଇ କହିଲି, ଯା' ତୋ ମା'କୁ ଡାକ୍ତରଖାନାକୁ ନେଇଯାଆ। ଆମ୍ବୁଲାନ୍ସକୁ ଡକେଇ ଦେଇଛି। ସେ ଆସୁଥିବ। ରାଜୁ ମୋ ହାତରୁ ଟଙ୍କାତକ ଛଡ଼ାଇ ନେଇ ଗୋଟେ ନିଶ୍ୱାସରେ ତା' ମା' ପାଖକୁ ଧାଇଁଲା।

ରାଜୁ... ସାତ କି ଆଠ ବର୍ଷର କୁନି ଛୁଆଟିଏ। ମୋ ଅଫିସ ପାଖ ବସ୍ତିରେ ସେ ଓ ତା ମା' ଜରିପାଲ ବାନ୍ଧି ରୁହନ୍ତି। ମୁଁ ଜଣେ ସାମ୍ବାଦିକ ହୋଇଥିବାରୁ ବସ୍ତି ଲୋକଙ୍କ ସହ ମୋର ଚିହ୍ନା ପରିଚିତ। ବସ୍ତି ଲୋକଙ୍କର ଯାହା ବି କିଛି ଅସୁବିଧା ହୁଏ, ମୋ ପାଖକୁ ଆସନ୍ତି ଓ ମୁଁ ଯେତିକି - ପାରେ ସାମର୍ଥ୍ୟ ଅନୁସାରେ ସାହାଯ୍ୟ କରେ। ବସ୍ତିରେ ରାସ୍ତା କାମଠାରୁ ପାନୀୟ ଯୋଗାଣ ଆଦିର ମୁଁ ନିଉଜ କଲା ପରେ ସରକାରଙ୍କ ତରଫରୁ ସେ ସବୁ ସୁବିଧା ମିଳି ଯାଇଥିବାରୁ, ସେମାନେ ମୋତେ ବେଶ୍ ମାନନ୍ତି। ରାଜୁ ଓ ତା' ମା'କୁ ରାଜୁ ବାପା... ଘରୁ ବାହାର କରି ଆଉ ଜଣଙ୍କୁ ବାହା ହୋଇରହିଛି। ତେଣୁ ରାଜୁ ଓ ତା' ମା ପାଖ ବସ୍ତିରେ ଏକା ରୁହନ୍ତି। ତାଙ୍କ ବିଷୟରେ ମୋତେ ଆଉ କିଛି ଜଣାନାହିଁ। ରାଜୁର ମା' ପାଖ ଆପାର୍ଟମେଣ୍ଟର ଲୋକଙ୍କ ଘରେ ପାଇଟି କରି ପରିବାର ଚଳାଏ। କରୋନା ପାଇଁ ରାଜୁ ମା'କୁ କାମକୁ ଆସିବାକୁ ମନା କରି ଦେଇଛନ୍ତି ତା' ମାଲିକମାନେ ବୋଲି ଦିନେ କଥା ପ୍ରସଙ୍ଗରେ ସେ କାମ କରୁଥିବା ଘରର ମାଲିକ ବେହେରା ବାବୁ କହିଥିଲେ। ହଁ... କରୋନା ବଡ଼ ସଙ୍କଟ ସମୟ ନେଇ ଆସିଛି ଆମ ପାଇଁ। ଆଉ କ'ଣ ବା କରିପାରିବା? ମୁଁ ସେ ବିଷୟରେ ଆଉ ନ ଭାବି ମୋ କାମରେ ବ୍ୟସ୍ତ ହୋଇଗଲି।

ଏ ଭିତରେ ୧୦ କି ୧୨ ଦିନ ବିତିଗଲାଣି। ହଠାତ୍ ଦିନେ ରାଜୁ ଦେଖା ହେଲା... ତାହା ପୁଣି ସହରର ଏକ ପ୍ରମୁଖ ଟ୍ରାଫିକ ଛକରେ ଭିକ ମାଗୁଥିବା ଅବସ୍ଥାରେ। ମୁଁ ଆଶ୍ଚର୍ଯ୍ୟ ହୋଇଗଲି... କିନ୍ତୁ ଜରୁରି

କାମ ଥିବାରୁ ଆଉ ତା' ସହ କଥା ହୋଇ ପାରିନଥିଲି। ଭାବିଲି ରାତିରେ ତାକୁ ଡାକି ସବୁ କଥା ବୁଝିନେବି। ରାତିରେ ଘରକୁ ଫେରିବା ବାଟରେ ତାକୁ ଦେଖିଲି... ସେ ସେହି ଫୁଟ୍‌ପାଥ୍ ରେ ବସିଛି। ମୁଁ ଗାଡ଼ି ରଖି ତା' ପାଖକୁ ଗଲି, ଆଉ ପଚାରିଲି 'ଆରେ ତୁ ଏଠି କ'ଣ କରୁଛୁ? ଆଉ ତୋ ମା କେମିତି ଅଛି?'

ସେ ମତେ ଦେଖି ଆଖି ଛଳଛଳ କରି କହିଲା, ମା' କଥା ମୁଁ ଜାଣିନି। ତାକୁ କୁଆଡ଼େ କରୋନା ହେଇଛି ବୋଲି ଲୋକମାନେ କହୁଛନ୍ତି। କିଛି ଲୋକ ଆସି ତାକୁ ଡାକ୍ତରଖାନା ନେଇଗଲେ। ତା' କଥା କିଏ ଆଉ କିଛି ମୋତେ ଜଣାଇଲେନି। କାଲି ସେ ଡାକ୍ତରଖାନକୁ ଯାଇଥିଲି, ସେମାନେ କହିଲେ ତୋ ମା' ଦୁଇ ଦିନ ହେବ ମରି ସାରିଲାଣି ଆଉ ମୁନିସିପାଲଟି ବାଲା ତାକୁ ନେଇ ପୋଡ଼ି ଦେଲେ। ମୋ ମା' କୁ କରୋନା ହେଇଥିଲା କହି, ବସ୍ତି ଲୋକ ମୋତେ ବସ୍ତିରେ ପୁରାଇ ଦେଲେନି। ମୁଁ ଏହି ଫୁଟ୍‌ପାଥ୍ ରେ ରହୁଛି। ସେମାନେ ଦେଇଥିବା ତା' ମା' ର ପୁଟୁଳିକୁ ମୋତେ ତା' ବ୍ୟାଗରୁ କାଢ଼ି ଦେଖେଇଲା। ମୁଁ ନିର୍ବାକ ହୋଇ ତାକୁ ଚାହିଁଥାଏ। ତା' ପିଠିରେ ଆଶ୍ୱାସନାର ହାତ ବୁଲେଇ ଆଣି ଦେଖିଲା ବେଳକୁ ତା' ଦେହ ତାତିରେ ଖଇ ଫୁଟୁଛି। ରହି ରହି କାଶ ବି ହେଉଛି। ତାକୁ କିଛି ଖାଇବାକୁ ଦେଇ, ମୁଁ ଆସିଲି ମୋ ରୁମକୁ। ଆସିଲା ବେଳେ ସେ କହିଲା 'ବାବୁ ଆଜି କିଛି ଲୋକ କଥା ହେଉଥିଲେ ଟିଭି ଆଉ ଖବରକାଗଜରେ ଖବର ବାହାରିଲା ବୋଲି ଅମ୍ରିତ ବୋଲି କାହାକୁ ଗୋଟେ ବହୁତ ଲୋକ ସାହାଯ୍ୟ କଲେ। ସେ ଏବେ ଭଲ ହେବାକୁ ବଡ଼ ଡାକ୍ତରଖାନା ଯାଇଛି। ପୁଣି ଓଡ଼ିଶା ବାହାରକୁ। ମୋ ପାଇଁ କିଛି ଲେଖନ୍ତେନି! ମୋ ଦେହ ବହୁତ ଖରାପ, ନିଶ୍ୱାସ ନେଇ ହେଉନି... ଜରୁଆ ଜରୁଆ ଲାଗୁଛି। ମୁଣ୍ଡ ବି ବିନ୍ଧୁଛି। ମୁଁ ମୁଣ୍ଡ ଟୁଙ୍ଗାରିଲି... କହିଲି 'କାଲି ସକାଳୁ ଆସିବୁ, ଡାକ୍ତରଖାନା ଯିବା।'

ପିଲାଟା ଅନାଥ ହୋଇଗଲା, ଅଥଚ ମୁଁ କିଛି କରିପାରିଲିନି? ମନକୁ ଗୋଟେ ଅପରାଧବୋଧ ଖାଇ ଯାଉଥିଲା। ମନେ ମନେ ନିଜକୁ ଧିକ୍କାର କଲି। ମୁଣ୍ଡ ସ୍ଥିର କଲି... ରାତିରେ ବସି ତା' ସାହାଯ୍ୟ ପାଇଁ ଖବର କଲି। ସକାଳେ ସେ ଆସିଲା ତା' ବ୍ୟାଙ୍କ ପାସବୁକ ଧରି ମୁଁ ତା' ଆକାଉଣ୍ଟ ନମ୍ବର ସହ ଆବଶ୍ୟକୀୟ ତଥ୍ୟ ଦେଇ ଖବରଟିକୁ ପ୍ରସାରଣ ପାଇଁ ଦେଲି। ତାକୁ ନେଇ ଡାକ୍ତରଖାନା ଗଲି। କରୋନା ପରୀକ୍ଷା କରାଇଲି। ସେ କରୋନା ପଜିଟିଭ ଥିଲା। ସେ ଘରେ ସଙ୍ଗରୋଧରେ ରହିବାକୁ ଡାକ୍ତର କହିଲେ ଓ କିଛି ଔଷଧ ବି ଲେଖିଦେଲେ। ମୁଁ ବି କରୋନା ସଂକ୍ରାମିତ ଚିହ୍ନଟ ହେଲି। ମୁଁ ମୋ ଘରେ ରହିଲି। ଆଉ ରାଜୁର ଖବରଟି ଦୁଇ ଦିନ ପରେ ଆମ ଖବରକାଗଜରେ ପ୍ରକାଶିତ ହେଲା। ତୃତୀୟ ଦିନ ଅନ୍ୟ ଖବରକାଗଜର ପ୍ରଥମ ପୃଷ୍ଠାରେ ତାହାରି ଫଟୋ ଥିଲା ଆଉ ଲେଖାଥିଲା 'ରାସ୍ତା କଡ଼ରୁ ସହରର ଧନୀ ଶିଶୁ ଭିକାରୀର ମୃତ୍ୟୁ; ବ୍ୟାଙ୍କ ଜମା ଖାତାରୁ ମିଳିଲା ୫ ଲକ୍ଷରୁ ଅଧିକ ଟଙ୍କା।'

**କ୍ୟାପିଟାଲ ଲ କଲେଜ୍**



# ଜୀବନସ୍ମୃତି

## ଅନସୂୟା ପଣ୍ଡା



ଦ୍ୱାପର ଯୁଗର କଥା। ବିବାହ ପରେ ଅର୍ଜୁନ ସୁଭଦ୍ରାକୁ ଧରି ଆସି ପହଞ୍ଚିଲେ ଇନ୍ଦ୍ରପ୍ରସ୍ଥରେ। ମହାରାଣୀ ଦ୍ରୌପଦୀ ଜାଣି ଯାଇଥାନ୍ତି, ଅର୍ଜୁନ ଶ୍ରୀକୃଷ୍ଣଙ୍କ ଅଲିଅଳି ଭଉଣୀ ସୁଭଦ୍ରାକୁ ବାହା ହେଇ ସାଙ୍ଗରେ ଧରି ଆସିଛନ୍ତି। ମନ ଭିତରେ କ୍ରୋଧର ଦାବାନଳ। ତାଙ୍କର ସବୁଠୁ ପ୍ରିୟ ପାଣ୍ଡବଯେ ସୁଭଦ୍ରାକୁ ଧରି ଆସିଲେ। ସାଧାରଣତଃ ନାରୀ ଜାତିର ସ୍ୱଭାବ ସେ ତା ସ୍ୱାମୀକୁ କାହା ସହିତ ବାଣ୍ଟିବାକୁ ରାଜି ହୁଏନି। କିନ୍ତୁ ଅର୍ଜୁନ ଯୁଆଡେ ଯାଇଥିଲେ ସିଆଡେ ଜଣେଲେଖାଏ ପତ୍ନୀ ଛାଡି ଆସିଥିଲେ। ସତେରେ ଯେମିତି ପୁରୁଷଟାଏ ସବୁ ପ୍ରକାର ଅନୀତି କରି ପାରିବ। ନାରୀର ବି ଗୋଟେ ମନ ଅଛି। ସେଥିରେ ବି ନାନାରଙ୍ଗର ଫୁଲ ଫୁଟେ। ସମସ୍ତ ପତ୍ନୀଙ୍କୁ ଅର୍ଜୁନ ଛାଡି ଆସିଥିଲେ ସେମାନଙ୍କ ରାଜ୍ୟରେ। ହେଲେ ଏଥର ସୁଭଦ୍ରାଙ୍କୁ ନେଇ କାହିଁକି ଇନ୍ଦ୍ରପ୍ରସ୍ଥକୁ ଆସିଛନ୍ତି? ସବୁଠୁ ଜଟିଳ ସମସ୍ୟା ହେଲା ପାଞ୍ଚାଳିଙ୍କୁ ସାମ୍ନା କରିବା। ଅନ୍ୟ ଚାରିପାଣ୍ଡବ ଭାଇମାନେ ହାତ ଟେକିଦେଲେ। କହିଲେ, "ଏଥିରେ ଆମେ କିଛିବି ସାହାଯ୍ୟ କରିପାରିବୁନି। ନିଜ ସମସ୍ୟାର ନିଜେ ସାମ୍ନା କର। ଦ୍ରୌପଦୀଙ୍କୁ ନିଜେ ଯାଇ ବୁଝା"। ଶେଷରେ ସାହସବାନ୍ଧି ଅର୍ଜୁନ ଗଲେ ଦ୍ରୌପଦୀଙ୍କ କକ୍ଷକୁ। ହେଲେ ଦୃଢମନା ଦ୍ରୌପଦୀ କୌଣସି କଥା ନ ହେଇ ସମୟ ମାଗିଲେ। କହିଲେ "ଯେବେ ମୋ କ୍ରୋଧ ଶାନ୍ତ ହେବ, ମୋ ମନ ସବୁକୁ ଗ୍ରହଣ କରିପାରିବ, ସେବେ ମୁଁ ମୋକକ୍ଷକୁ ଆସିବାକୁ ଅନୁମତି ଦେବି। ଏବେ ମତେ ଏକା ରହିବାକୁ ଦିଅ"। ଅର୍ଜୁନ ଫେରିଆସିଲେ ଦ୍ରୌପଦୀଙ୍କି ମନେଇ ନପାରିବାର କ୍ଷୋଭରେ। କିନ୍ତୁ କୃଷ୍ଣଙ୍କ ଇଙ୍ଗିତରେ ନିଜେ ସୁଭଦ୍ରା ଯାଇ ତାଙ୍କ ସରଳ ବ୍ୟବହାର ଓ ମାର୍ଜିତ ସମ୍ଭାଷଣରେ କୃଷ୍ଣାଙ୍କ ହୃଦୟ ଜୟକରିଥିଲେ। ନାରୀ ସଂସାର ଗଢିପାରେ ଓ ଉଜାଡି ବି ପାରେ।

ପୁରୁଷ ଜାତିଟାଯେ ଗୋଟେ ଅଜବ ଆକର୍ଷଣରେ ଟାଣି ହେଇଯାନ୍ତି। କିନ୍ତୁ ନାରୀମାନେ ଯେ ଉତ୍କଟ ଯନ୍ତ୍ରଣାରେ ଛଟପଟ ହୁଅନ୍ତି। ନାରୀ ଭାବେ ସଂସାରରେ ସ୍ୱାମୀଟି କେବଳ ତା'ରି ପାଇଁ। ସ୍ୱାମୀଙ୍କ ଏକାଧିକ ପତ୍ନୀ ଗ୍ରହଣରେ ମ୍ରିୟମାଣ ହେଇଯାଏ। ପୁରାଣରେ, ପ୍ରାୟ ରାଜାମାନେ ଅନେକ ପତ୍ନୀ ଗ୍ରହଣକରୁଥିଲେ। ସେତେବେଳେ କେତେ କଷ୍ଟ ପାଉଥିବ ପ୍ରଥମପତ୍ନୀ। ଯିଏ ଗୋଟେ ଦାମ୍ପିକତାରେ ଗୋଡ ଥାପିଥିଲା ରାଜପରିବାରରେ। ଅନ୍ୟ ସଉତୁଣୀ ଗ୍ରହଣପରେ, ସେମିତି ରାଣୀ ହେବାର କଣ ବା ଖୁସି। ତ୍ରେତୟାରେ ରାଜା ଦଶରଥ ତିନିଜଣ ରାଣୀଙ୍କୁ ଆଣି ଗୋଟିଏ ଘରେ ରଖିଥିଲେ। ମହାରାଜ ଶାନ୍ତନୁ ତ ଆଉ ଗୋଟିଏ ସ୍ତ୍ରୀ ପାଇଁ, ପ୍ରିୟପୁଅ ଦେବବ୍ରତକୁ ମୋହରା ବନେଇ ଥିଲେ। ଶ୍ରୀକୃଷ୍ଣ, ତାଙ୍କକଥା ନ କହିଲେ ଭଲ। ଅଷ୍ଟପାଟବଂଶୀଙ୍କର ପାଣିଗ୍ରହଣ କରିଥିଲେ। କେମିତି ଥିଲେ ସେ ସ୍ତ୍ରୀ ଲୋକମାନେ। କ'ଣ ଥିଲା ସେମାନଙ୍କ ମାନସିକତା? ଏବେ ତ କେତେ ନିୟମକାନୁନ୍ ବଳରେ ଏକ ପତ୍ନୀବ୍ରତ ହେଇଅଛନ୍ତି ପୁରୁଷ ଲୋକମାନେ ସ୍ତ୍ରୀ ପାଖରେ, ସମାଜରେ। ତଥାପି ନାରୀ ମାନସିକ ସ୍ତରରେ କଷ୍ଟ ପାଉଛି। ଜୋର୍ ଜବରଦସ୍ତ ସିନା ମଣିଷକୁ ବନ୍ଧା ଯାଇପାରିବ। କିନ୍ତୁ ମନକୁ କ'ଣ ଜଣେ ବାନ୍ଧି ପାରିବ ତା ନାଲି ଆଖିର ପଘାରେ ! ମନର ତ ଡେଣା ଥାଏ । ସେ

ବିଜୁଳି ଠାରୁ ଚଞ୍ଚଳ ବିଚରଣ କରିପାରେ ଅଦୃଶ୍ୟରେ। ଏମିତି ଗୋଟେ ସାଂପ୍ରତିକ ମହାବିଷମ ପରିସ୍ଥିତିର ଅବତାରଣା କରାଯାଇପାରେ।

ସେଦିନ କେଶବ ବାବୁ ସେମିତି ନିଜକୁ ବାନ୍ଧି ରଖିପକାଇଥିଲେ ତାଙ୍କ ସ୍ତ୍ରୀଙ୍କ କଡା କଟକଣାର ରଶିରେ। ଇଛା ଆଉ ଆବେଗର ଫର୍ଦ୍ଦସବୁକୁ ଚିରି ଦେଇଥିଲେ ସମସ୍ତଙ୍କ ଦେଖିବାରେ। କିନ୍ତୁ ମନ ସେଇ ତିରିଶି ବର୍ଷ ତଳେ ଲଟିକିଥିଲା ଗୋଟେ ଅବସୋସର ବରଗଛରେ। ଜୀବନ ଅପେକ୍ଷା କରେନି, ଦଉଡେ ଆଉ ଛାଡିଛାଡି ଯାଏ, କେତେ ଯନ୍ତ୍ରଣା ହସ ଖୁସି ବିଡମ୍ବନାରେ।

ଆଜିକୁ ତିରିଶି ବର୍ଷ ତଳେ ତାଙ୍କର ଦେଖା ହେଇଥିଲା ସୁନ୍ଦର ଓ ଅପରୂପ ଲାବଣ୍ୟମୟୀ ସହପାଠିନୀ ଅନୁରାଧା ସହ। ବଢିଥିଲା ଆତ୍ମୀୟତା, ସମ୍ପର୍କ ଆଉ ପ୍ରେମ। ଉଦ୍ଭାସିତ କରିଥିଲା ପ୍ରାଣାକାଶ। କିନ୍ତୁ ମିଳନାତ୍ମକ ଯନ୍ତ୍ରଣା ସହ କ୍ରୂର ସମୟ ବାଧ କରିଥିଲା ଅଲଗା ଅଲଗା ରାସ୍ତା ବାଛିବାପାଇଁ ଦୁହିଁଙ୍କୁ। ମନରେ ପଥର ରଖି ଯିଏ ଯାହା ବାଟରେ ଚାଲିଗଲେ। କାଳଜୟୀ ସମୟ ଆଉ ମନ ଦୁଇଟାଯାକ ଏମିତି ଜିନିଷ, କିଛି ଦିନ ପରେ ସବୁ ଭୁଲେଇ ଦିଅନ୍ତି। ଆଉ ଦେହସୁହାବି କରିଦିଅନ୍ତି ସବୁକୁ। ଜୀବନ ଗୋଟେ ଉଚ୍ଛୃଙ୍ଖଳ ରାସ୍ତାରେ ଆଗକୁ ଘୁଷୁରୁଥାଏ। ମନ ପୁଣି ଖୋଜେ କେମିତି ଅଛନ୍ତି ଦୁଇଜଣ। ଭାରି ମନହେଲା ଖବର ନେବାକୁ। ଭିନ୍ନ ଏକ ଚରିତ୍ର ବିଭୁ ପଢିବାବେଳେ ଭାରି ଘନିଷ୍ଠ ଥିଲା ଏ ଦୁଇଜଣଙ୍କର। ଅନୁରାଧା, ବହୁତ ଫେସବୁକ, ଟ୍ୱିଟର, ଇନଷ୍ଟାଗ୍ରାମ ଉଣ୍ଡାଳିଲା। ବିଭୁର ଠିକଣା ପାଇଯାଇ, ତାକୁ କେଶବ ବିଷୟରେ ପଚାରିଲା। ବିଭୁ କେଶବର ନମ୍ବର ବି ଧରେଇ ଦେଲା। ଅନୁରାଧା ପ୍ରଥମେ ଫୋନ୍ କଲା। ଦୁହେଁ ଖୁବ୍ ବ୍ୟସ୍ତ ଓ ଜଞ୍ଜାଳମୟ ଜୀବନ ଅତିବାହିତ କଲେବି, କେହି କାହାକୁ ଭୁଲି ନାହାଁନ୍ତି। ଟ୍ୟାପ୍ ଖୋଲିଲେ ଯେମିତି ପାଣି ନିଗିଡେ, ଠିକ୍ ସେମିତି ଖୁସି ନିଗିଡିଗଲା ଦୁହିଁଙ୍କର। ବୟସଟା ଜାଙ୍ଗମିକମନକୁ ତାଙ୍କର ନିସ୍ପନ୍ଦ କରିପାରି ନଥିଲା। ସେମିତି ବାଇଶିବର୍ଷର କରି ରଖିଥିଲା। ସମୟ ମିଳିଲେ କେଶବ ଓ ଅନୁରାଧା ବହୁତ ସମୟରେ କଥାହୁଅନ୍ତି। ସୁଖଦୁଃଖ, ଆଶାନିରାଶା, ଅବସୋସ ସବୁକୁ ନିଃଶଙ୍କୋଚରେ ଗପନ୍ତି। ବାଇଶିବର୍ଷରେ କଲେଜ ଜୀବନରେ ଜୀବନ କ'ଣ, ଭୁଲଠିକ୍, ସମ୍ପର୍କ ଗଢା, ସ୍ୱାମୀସ୍ତ୍ରୀ ବିବାହ ସମ୍ପର୍କରେ କିଏ ବି ଜାଣି ନ ଥାଏ। ସେତେବେଳେ ଭେଟହେବା, ସାଙ୍ଗମାନଙ୍କ କଥା ଗପିବା, ବହିଖାତା ମାଗିବା, କେବେ କେହି ନ ଜାଣିବା ପରି ଆଇ ଲଭ ୟୁ ଲେଖିବା ଛଡା ଆଉ କିଛି ଅଧିକା ଜାଣି ନଥାନ୍ତି। ଆଜିକାଲି ଟିଭି, ସିନେମା ,ମୋବାଇଲ, ଗୁଗଲ, ୟୁଟ୍ୟୁବ, ଦେଖି ପିଲାମାନେ ଓଳିଆରୁ ପଡି ଗଜା। କଥା କଥାକେ ନିର୍ଲକ୍ଷରେ କହନ୍ତି, ତୁ ସେ ପୁରୁଣା କାଳିଆ କଥା ଆଉ ଶୁଣାନା।, ତୁ କ'ଣଟା ଜାଣିଛୁ କହିଲୁ। ରୋଷେଇ ତୁମ ବେଳର କିଏ ଖାଇବ? ଏବେ ୟୁଟ୍ୟୁବ ଦେଖି ରୋଷେଇ କର। ସତେରେ ମୂର୍ଖଙ୍କ ପରି ଆଁ କରି, ସେମାନଙ୍କ କଥା ଶୁଣିବାକୁ ପଡେ।

ଅନୁରାଧାର ଗୋଟିଏ ବୋଲି ଝିଅ। ସେ ଭାରି ଶାନ୍ତ ଓ ଚୁପଚାପ୍। ଏତେ ଚାଲାକ୍ ନୁହେଁ। କାହା ସହିତ ମିଶି ପାରେନି। ତେଣୁ ଅନୁରାଧା ସବୁବେଳେ ମନ ଦୁଃଖ କରି ଅବଶୋଷ କରେ। ବଡ ହେଲେ ଝିଅଟି କଣ କରିବ ଚଳଚଞ୍ଚଳ ଦୁନିଆରେ, ଭାବି ବ୍ୟସ୍ତ ବିବ୍ରତ ହୁଏ। ପେଟ କେମିତି ପୋଷିବ। ଯେତେ କଷ୍ଟ ପଡୁପଛେ, ଅନୁରାଧା ଅଫିସରୁ ଫେରି ଝିଅକୁ ପଢାଏ। ପ୍ରତି କାମରେ ତା ସହିତ ହାତ ମିଳାଏ। କେବେ କ୍ୟାରମ୍ ତ, କେବେ ବ୍ୟାଡମିଣ୍ଟନ୍ ଖେଳେ। କେବେ ଗପ କହେ ତ କେବେ ଗୀତା ଶୁଣାଏ। ପୁରାସମୟ ଝିଅ ସହିତ କଟାଏ ମା ଅନୁରାଧା। ,

ଅନୁରାଧା କେବେ କେଶବ ଆଗରେ ତା ସ୍ୱାମୀ ସୁବ୍ରତ ବାବୁଙ୍କ କଥା କୁହେନି। ସ୍ୱାମୀଙ୍କ କଥା ପଡିବା ମାତ୍ରେ କଥା ବାଆଁରେଇ ଦେଇ ଅନ୍ୟକଥା କୁହେ। ହେଲେ ହଠାତ୍ କେଶବ ରାଣ ପକେଇ ସୁବ୍ରତବାବୁଙ୍କ କଥାପଚାରିଲା। ଅନୁରାଧା ବାଷ୍ପାକୁଳ କଣ୍ଠରେ କହିଲା,

" ସୁବ୍ରତ ସ୍ୱପ୍ନା ବୋଲି ମୋଠାରୁ ଅନେକ ବୟସରେ ସାନ ଝିଅକୁ ବାହା ହେଇ ଆଣି ଘରେ ରଖିଛନ୍ତି। ମୁଁ ଆଉ ମୋ ଝିଅ ସେଠି ଉପରଘରେ ରହୁ। ମତେ କୋଉ କଥାରେ କିଛି ପଚାରନ୍ତିନି କି ପଇସାପତ୍ର ଦିଅନ୍ତିନି। ଏ ଚାକିରି ଖଣ୍ଡକ ଲାଗି ମୁଁ ବଞ୍ଚିଯାଇଛି। ସୁବ୍ରତ ସାଙ୍ଗରେ ଲଢିବାକୁ ଇଛା ହେଲାନି କି ଛାଡିଯିବା ପାଇଁ ଗୋଡ ଗଲାନି। ସ୍ୱାମୀଛଡା ହୋଇ ସମାଜର କଟାକ୍ଷ ବରଦାସ୍ତ କରିବାକୁ ଡରିଲି। ବାପଘର କଥାତ ଜାଣିଛ। ଭାଇ ଭାଉଜ କେତେ ଟୀକା ଟିପ୍ପଣି କରିବେ। ଲୋକଙ୍କ ପାଟିକି ବା କଣ ରୋକି ପାରିବି ? ଝିଅଟାକୁ ବାହା କେମିତି କରିବି। ଝିଅର ବାପା ଏମିତି ଜାଣିଲେ କିଏ କ'ଣ ଅସୁବିଧା କରିବେ। ସଉତୁଣୀ ସ୍ୱପ୍ନାର ସୁଭଦ୍ରାଙ୍କ ଭଳି ମାର୍ଜିତ ସମ୍ଭାଷଣ ଓ ସରଳିଆ ଦିଦି ଡାକରେ ଅସନ୍ତୁଷ୍ଟ ନହେଇ, ସିନ୍ଦୁର ସୀମନ୍ତରେ ଭରି ସେମିତି କୃଷ୍ଣାଙ୍କ ଭଳି ବଡଭଉଣୀ ହେଇ ରହିଗଲି ଏଠି। କେବଳ ମୋ ଝିଅର ସୁନ୍ଦର ଭବିଷ୍ୟତ ପାଇଁ ଏଠି ସନ୍ନ୍ୟାସିନୀର ଜୀବନ ବିତାଉଛି। ଅବଶୋଷର ଜୀବନତରୀ ମୋର। ଯନ୍ତ୍ରଣା ଜର୍ଜରିତ। ଘଟଣା ଦୁର୍ଘଟଣାର ଫେଣ୍ଟାଫେଣ୍ଟି ଚିତ୍ର। ସର୍ବଦା ଆଖିରେ ଲୁହ, ମନରେ କୋହ। ଅନ୍ତରଙ୍ଗ ଲୋକଟିଠାରୁ ପାଇଛି ମୁଁ ତିକ୍ତାନୁଭୂତି "। ଗଭୀର ଭାବପ୍ରବଣତା ସହିତ ଅନୁରାଧା ଗପି ଚାଲିଥାନ୍ତି। ଆଶ୍ଚର୍ଯ୍ୟ ଆଉ ହତବାକ୍ ହେଇ ଶୁଣୁଥିଲା କେଶବ। କିଛି ବୁଝେଇବା ପାଇଁ ଯେମିତି ଶବ୍ଦ ନଥିଲା ତା ପାଖରେ। ଅନୁରାଧାର ଜୀବନରେ ଯେମିତି ଦୁଃଖର ଲହଡି ପିଟିପକାଉଛି। ଭାଗ୍ୟର ବିଡମ୍ବନା ପାଖରେ ଲଢିବାକୁ ମନ ହେଉଥିଲା। ନେପୋଲିୟନଙ୍କ ପରି ହାତର ପାପୁଲି କାଟି ଗୋଟେ ନୂଆ ଭାଗ୍ୟ ରେଖା ତିଆରି କରିବାକୁ ଭାରି ଇଚ୍ଛାହେଉଥିଲା କେଶବର ଆଜି। ଏସବୁ କେବଳ କଥାରେ ହୁଏ କାମରେ ହେଇପାରେନି। ସେବେଠାରୁ ଅନୁରାଧାକୁ କେଶବ ଆଶ୍ୱାସନାରେ କହେ, "ତୁମ ଝିଅ କଣ ମୋ ଝିଅ ନୁହେଁ। ମୁଁ ସବୁ ତା କଥା ବୁଝିବି। ତୁମେ ଜମା ବି ବ୍ୟସ୍ତ ହେବନି"। ପ୍ରତିବଦଳରେ ଅନୁରାଧା ହସିଦେଇ କହେ ମତେବି ଦୁଇଟା ପୁଅ ମିଳିଗଲେ ,କାରଣ କେଶବର ଦୁଇଟା ପୁଅ।

ଅନୁରାଧା ବସିବସି ଭାବେ ଆମ ଦୁଇଜଣଙ୍କର କୌଣସି ସମ୍ପର୍କ ନାହିଁ। ପୁଣି କାହିଁକି କେଶବ ଭାରି ନିଜର ଲାଗନ୍ତି ମତେ। କେଶବ ବି ଠିକ ସେଇଆ ଭାବୁଥାଏ ଅନୁରାଧା ଯେମିତି ତା'ର। କିନ୍ତୁ କେଶବ ସବୁବେଳେ କଥାରେ କଥାରେ ମୋ ଅନୁରାଧା କହେ। ହେଲେ ଅନୁରାଧା ସେମିତି ସମ୍ବୋଧନରେ କହିପାରେନି। ନାରୀର ଲଜ୍ଜା ତା ପାଟିକି ବାନ୍ଧିପକାଏ। ସମୟ ଗଡିଚାଲେ। ସବୁବେଳେ ସୁରୁଖୁରୁରେ ଯାଏନି। ସଂସାର ଆଖିରେ ଆମେ ଜଣେ ବୋଲକରା ମାତ୍ର। ପ୍ରଥମେ ପ୍ରଥମେ ମୃଦୁ ଯୁକ୍ତିତର୍କ କେଶବର ତା ସ୍ତ୍ରୀ ସୀମା ସହ। ସୀମା ଏବେ ଦେଖୁଛି ଗୋଟିଏ ନମ୍ବରକୁ କେଶବ କାହିଁକି କିଛିଦିନ ହେଲା ବାରମ୍ବାର ଫୋନ୍ କରୁଛି। ସେ ରେକର୍ଡିଙ୍ଗ କରିଦେଇ ଶୁଣିଛି ସବୁ। ଯୁକ୍ତିତର୍କ ଧୀରେ ଧୀରେ ବଢିଲା। ଧୀରରୁ ଜୋର୍। ବୋଧହୁଏ ହାତ ଉଠାଉଠି ହେଲା। କାନ୍ଦଣା ଶୁଭିଲା। କେଶବ ଅଫିସ୍ ରୁ ଦିନେ ଫେରିଲା ବେଳକୁ ଘରେ ପୁରା ସୂଚନାବିହୀନ ଝଡଟେ। ତା ସ୍ତ୍ରୀ ସୀମା ଆତ୍ମହତ୍ୟା କରିବାକୁ ବାହାରିଛି। ଯାହାବି ହେଉ କେଶବ ବୁଝେଇ ଶୁଝେଇ ଏ ମହାବିପଦକୁ ସାମୟିକ ଭାବେ ଟାଳିଦେଇଛି। ଅସନ୍ତୁଷ୍ଟ ସୀମା ହଠାତ୍ ଅନୁରାଧାକୁ ଫୋନ୍ କଲା। ଅନୁରାଧା ଫୋନ ଉଠେଇଲା।

ସୀମା ପଚାରିଲା, "ଆପଣ ଅନୁରାଧା, ନା ରାଧା ନା ସତ୍ୟବତୀ? ମୁଁ ଆପଣଙ୍କ ଚାଲୁକୃଷ୍ଣ କେଶବବାବୁଙ୍କର ସ୍ତ୍ରୀ କହୁଛି। ଆଛା ମତେ ଟିକେ କୁହନ୍ତୁ। ଆମ ବାବୁଙ୍କର ତ ସରଳିଆ ପ୍ରକୃତି। ଯିଏ ନାହିଁ ସିଏ ତାଙ୍କୁ ଫସେଇ ଦେବ। ଆପଣଙ୍କର କେଉଁଠି ଦେଖା ହେଇଥିଲା। ଇଏତ ଅଫିସ କାମରେ

କେତେ କୁଆଡେ ଯାଆନ୍ତି। ଝିଅଟି କେବେ କେମିତି ଓ କେଉଁଠି ହେଲା। ତୁମରି ଭଳିଆ ସ୍ତ୍ରୀ ଲୋକମାନେ ଦେହଜୀବୀରେ ଗଣା ଯାଆନ୍ତି। ମୋ ପାଖରେ ପ୍ରଚୁର ବ୍ୟାଙ୍କ ବାଲାନ୍ସ ଅଛି। ମୁଁ ବହୁତ ଜ୍ଞାନୀ। ମୁଁ କାହାକୁ ଖାତିର କରେନି?"। ଅନୁରାଧା ନୀରବରେ କେବଳ ଶୁଣୁଥାଏ। ସତେରେ ଯେମିତି ଗୋଟେ ଆତ୍ମଘାତୀ ଶରବିଦ୍ଧ କିଏ କରିଚାଲିଛି। ଜୀବନ ଯାଉନି କି ସହିବି ହେଉନି। ମଣିଷକୁ ଭଗବାନ ଯେତେ କଷ୍ଟ ଦିଅନ୍ତି ସେତେ ସହିବାର ଶକ୍ତିବି ଦିଅନ୍ତି। ବିଚରା କେଶବକୁ ଏତେ ବର୍ଷ ପରେ ମୋ ଲାଗି କଷ୍ଟ ସହିବାକୁ ପଡିଲା। କ୍ଷତାକ୍ତ ଅନୁରାଧାର ପାଦତଳୁ ମାଟି ଯେମିତି ଖସିଯାଉଥିଲା। କେଶବ ପରିବାରରେ ଖୁସି ଫେରେଇବା ପାଇଁ ଚୁପ୍ ରହି କହିଥିଲା "ସବୁ ଭୁଲ୍ ମୋର। ମୁଁ ଜଗନ୍ନାଥଙ୍କ ନିୟମ କରୁଛି। ଆଉ କେବେ କେଶବ ସହିତ କଥା ହେବିନି"।

ସେବେଠାରୁ ଆଉ କାହାକୁ ମନ କଥା କହିନି ଅନୁରାଧା। ନିଜେ ସବୁ ସହିବାର ଅଭ୍ୟାସ ସମୟ କରେଇଦେଇଛି। ଝିଅ ବ୍ୟାଙ୍କରେ ଚାକିରି କଲାଣି। ଝଞ୍ଜାବର୍ତ୍ତ ଜୀବନ ଘୁଷୁରୁଛି ଅବଶୋଷରେ। ଏବେ ଝିଅ ପାଖରେ ରହୁଛି । କେବେ ସାଙ୍ଗଭଳିଆ ତ କେବେ ମାଆ ଭଳିଆ ବ୍ୟବହାର କରେ ତାକୁ। କେତେ କଥାରେ ଆକଟ ବି କରେ । ନିସଙ୍ଗରେ ମନରେ କିନ୍ତୁ ଆସେ, ମୁଁ ସୀମା ଭଳି ହୋଇଥିଲେ, ବୋଧହୁଏ, ମୋ ସ୍ୱାମୀ ସୁବ୍ରତ ଆଜି ଭୀଷ୍ମ ପିତା ଶାନ୍ତନୁଙ୍କ ଭଳି ହୋଇନଥାନ୍ତେ।

**ଇଞ୍ଜିନିୟରିଂ କଲେଜ, ବୁର୍ଲା, ସମ୍ବଲପୁର, ଓଡିଶା, ୭୬୮୦୧୮**



# ସ୍ପଟଲାଇଟ୍

**ଦୀପକ ଷଡଙ୍ଗୀ**





ଲେଖକ ପରିଚୟ : ସତ୍ୟଜିତ୍ ରାୟ (୧୯୨୧ - ୧୯୯୨) ବଙ୍ଗଳା ସାହିତ୍ୟ ଓ ସିନେମା ଦୁନିଆରେ ଜଣେ ବିରାଟ ବ୍ୟକ୍ତିତ୍ୱ । ସେ ଥିଲେ ଏକାଧାରରେ ଜଣେ ଔପନ୍ୟାସିକ, ଗାଳ୍ପିକ,ଚଳଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ , ଚିତ୍ରକର ଓ କବି । ସେ ଭେଟି ଦେଇ ଥିଲେ ଫେଲୁ ଦା, ପ୍ରଫେସର ଶଙ୍କୁ ଙ୍କ ପରି ବଙ୍ଗଳା ଉପନ୍ୟାସର ଚିର ସବୁଜ ଅନୁସନ୍ଧାନ ମୂଳକ  ଚରିତ୍ର  । ଯାହାକୁ ନେଇ ଆଜି ମଧ୍ୟ ବହୁ ଚଳଚ୍ଚିତ୍ର ଓ ନାଟକ ମାନ ପ୍ରସ୍ତୁତ କରାଯାଇ ପାରୁଛି । ବଙ୍ଗଳା ସାହିତ୍ୟର ତାଙ୍କର ଅବଦାନ ପାଇଁ ସେ ପାଇଛନ୍ତି ଅଜସ୍ର ସମ୍ମାନ ଓ ପୁରସ୍କାର ସେଥିମଧ୍ୟରୁ ବିଦ୍ୟାସାଗର ପୁରସ୍କାର ଓ ଆନନ୍ଦ ପୁରସ୍କାର ଅନ୍ୟତମ ।  ତାଙ୍କ ଦ୍ୱାରା ପ୍ରଯୋଜିତ ଓ ନିର୍ଦ୍ଦେଶିତ ୧୯୫୫ ର ବଙ୍ଗଳା ସିନେମା "ପୋଥେର ପାଞ୍ଚାଲି" ୧୧ଟି ଅନ୍ତଃରାଷ୍ଟ୍ରୀୟ ପୁରସ୍କାର ପାଇଥିଲା ଏବଂ କାନସ ଫିଲ୍ମ ଫେଷ୍ଟିଭାଲରେ ମଧ୍ୟ ପ୍ରଦର୍ଶିତ କରାଯାଇ ବହୁ ପ୍ରଶଂସା ଭାଜନ ହୋଇ ପାରିଥିଲା । ଏହି ଗଳ୍ପ "ସ୍ପଟଲାଇଟ୍" ଆନନ୍ଦ ପବ୍ଲିଶର ଦ୍ୱାରା ୧୯୮୧ ମସିହାରେ ପ୍ରକାଶିତ "ଗଳ୍ପ ୧୦୧" ପୁସ୍ତକ ର ଏକ କ୍ଷୁଦ୍ରଗଳ୍ପ ।

ଛୋଟନାଗପୁର ଅଞ୍ଚଳର ନେତରହାଟ୍ ହେଉଛି ଗୋଟିଏ ଛୋଟିଆ ସହର । ଆମେମାନେ ସାଧାରଣତଃ ଦୂର୍ଗାପୂଜାର ଛୁଟି କାଟିବା ପାଇଁ ଏଠିକି ପ୍ରାୟ ପ୍ରତିବର୍ଷ ଆସିଥାଉ । ଏ ଜାଗାର ପ୍ରକୃତିକ ଶୋଭା ହିଁ ଆମକୁ ଏଠିକି ଆସିବାକୁ ବାଧ୍ୟ କରିଥାଏ । ବାପା ନେତରହାଟ୍ ରେ ଗୋଟେ ଫାର୍ମ ହାଉସ୍ କିଣି ରଖିଥିଲେ ଯାହାର କି ଦେଖାଶୁଣା କରିବାର ଦାୟିତ୍ୱ ସେଠିକାର ଜଣେ ଲୋକକୁ ଦେଇ ଥିଲେ । ସବୁବର୍ଷର ଛୁଟି ଠାରୁ ଏ ବର୍ଷ ର ଛୁଟି ଥିଲା ଟିକେ ନିଆରା । କାରଣ ଏଥର ପୂଜା ଛୁଟି କାଟିବା ପାଇଁ ପଶ୍ଚିମବଙ୍ଗର ଲୋକପ୍ରିୟ ଅଭିନେତା ଅଂଶୁମାନ ଚାଟାର୍ଜୀ ଆସିଥିଲେ ନେତରହାଟ୍ କୁ । ମୋ ସାନ ଭଉଣୀ ମୀରା ଥିଲା ଅଂଶୁମାନ ବାବୁଙ୍କର ଜଣେ ବହୁତ ବଡ ଫ୍ୟାନ୍ । ସମ୍ବାଦପତ୍ର, ସିନେମା ପତ୍ରିକା ଓ ବିଭିନ୍ନ ମାଗାଜିନ୍ ଗୁଡିକରୁ ସେ ଅଂଶୁମାନର ଫୋଟୋ କାଟି କି ରଖିରଖି ସେ ପ୍ରାୟ ୨/୩ ଟା ଡାଏରୀ ଭର୍ତି କରି ସାରିଥିଲା । ମୋତେ ଯଦିଓ ଅଂଶୁମାନ ଏତେ ଭଲ ଲାଗୁ ନ ଥିଲା କିନ୍ତୁ ଆମ କଲେଜର ମୋର ବହୁତ ବନ୍ଧୁ ତା ଭଳିଆ ଚୁଟି କୁ ଷ୍ଟାଇଲ୍ ରେ ସଜାଉଥିଲେ, ତା'ରି ଭଳି ଟି ସାର୍ଟ ଓ ପ୍ୟାଣ୍ଟ ପିନ୍ଧୁଥିଲେ । ଏମିତିକି ତା'କୁ ନକଲ କରିବାକୁ ଯାଇ ତା'ରି ଭଳି ଭାରୀ ସ୍ୱରରେ ତା'ର ମିମିକ୍ରୀ ମଧ  କରୁଥିଲେ । ଅଂଶୁମାନ, ଆମେ ଯେଉଁଠି ରହୁଥିଲୁ ସେଇ ପାଖାପାଖି ଗୋଟେ ହୋଟେଲରେ ନିଜର ୩ ଜଣ ଚେଲାଙ୍କ ସହ ଆସି ରହୁଥିଲା । ହୋଟେଲର ବାହାରେ ତା'ର ନାମୀ ମର୍ଶିଡିଜ୍ କାର୍ ରଖା ହୋଇଥିଲା । ଯାହାକୁ କି ଖାଲି ଦେଖିବାକୁ ହୋଟେଲ ବାହାରେ ଲୋକ ମାନଙ୍କର ଭିଡ ଜମୁଥିଲା । ଏ ସବୁ ଦେଖି ବାପା ମୋର

କହିଲେ "ଏତେ ବଡ ଷ୍ଟାର୍ ଆମ ପାଖରେ ଅଛନ୍ତି ମୁଁ ଥରେ ଯାଇଁ ତାଙ୍କୁ ଦେଖା କରି ଆସନ୍ତି କାରଣ ଏ ସବୁ କଲିକତା ସହରରେ ତ କେବେବି ସମ୍ଭବ ହବନି" । ମୋ ମା ର ଇଚ୍ଛା କିନ୍ତୁ ଏକଦମ ଅଲଗା ଥିଲା । ସେ ମୀରା କୁ ଚାହିଁ କହିଲା "ଆଲୋ ତୁ ତ ଅଂଶୁମାନ ବିଷୟରେ ସବୁବଳେ ସିନେମା ପତ୍ରିକାରେ ପଢାପଢି କରୁ ତୁ କି ଜାଣୁ ସେ କଣ ସବୁ ଖାଇବାକୁ ଭଲ ପାଏ" ? ମୀରା ମା ଠାରୁ ଏ କଥା ଶୁଣି ପଣିକିଆ ମୁଖସ୍ଥ କଲା ଭଳିଆ ମା ଆଗରେ ଗାଇ ଗଲା "ମାଛ ବେସର,ଆଳୁ ପୋସ୍ତ,ଇଲିଶି ମାଛର ଝୋଳ,ମସୁର ଡାଲି, ଦହିଭାତ କିନ୍ତୁ ଅଂଶୁମାନଙ୍କୁ ସବୁଠାରୁ ବେଶୀ ଭଲ ଲାଗେ ଚାଇନିଜ୍" । ମା ମୀରା କଥା ଶୁଣି ଗୋଟେ ଦୀର୍ଘଶ୍ୱାସ ପକେଇଲା । ବାପା ସବୁ ବସି କି ଶୁଣୁ ଥାଆନ୍ତି ଟିକେ ରହି ଯାଇ କହିଲେ "ହଁ ଡାକିଲେ ବୋଧେ ଖାଇବାକୁ ଆସିବ ଅଂଶୁମାନ; କିନ୍ତୁ ତା ସାଙ୍ଗରେ ଯୋଉ ତିନିଟା ମୁସ୍ତଣ୍ଡା ଅଛନ୍ତି ସେମାନେ ଆସିଲେ ତ ମୁସ୍କିଲ" । ପାଖରେ ବସିଥିଲେ ମୋ ଶଙ୍କର ମାମୁଁ ଯିଏ କି କଲିକତାର ଗୋଟେ ନାମୀ ସମ୍ବାଦପତ୍ରରେ ରିପୋର୍ଟର ଭାବେ କାମ କରନ୍ତି ତାଙ୍କର ବି ଇଚ୍ଛା ଥିଲା ଅଂଶୁମାନ ଆମ ଘରକୁ ଆସୁ ବୋଲି ଏଇ ବାହାନାରେ ସେ ତା'ର ଗୋଟେ ଇଣ୍ଟରଭିଉ ବି ନେଇ ଯାଆନ୍ତେ ଯୋଉଟାକି ରବିବାର ସଂଖ୍ୟା ପାଇଁ ଗୋଟେ ଭଲ ମସଲା ହୋଇ ଯାଆନ୍ତା । ସେ କହି ଉଠିଲେ "ଲୋକଟା ବର୍ଷ କୁ ୩୬୫ ଦିନ ସିନେମା ସୁଟିଙ୍ଗ୍ କରିବାରେ ବ୍ୟସ୍ତ ରହୁଛି ପୁଣି ଏଇ ଛୁଟି ମନେଇବା ପାଇଁ ତା ପାଖରେ ସମୟ ଆସୁଛି କୋଉଠୁ? ଯୋଉଟାକି ଗୋଟେ ମୋ ପାଇଁ ବଡ ଷ୍ଟୋରି" । ଶଙ୍କର ମାମୁଁ ବଙ୍ଗଳା ଫିଲ୍ମ ଜମା ଦେଖନ୍ତିନି । ତାଙ୍କର ପସନ୍ଦ ହଲିଉଡ୍ , ଇଟାଲିୟାନ୍ ଜାପାନୀଜ୍ ଆଦି ସିନେମା । ଅଂଶୁମାନ ର ଗୋଟେ ସୁପରହିଟ୍ ଫିଲ୍ମ "ବିନିଦ୍ର ରଜନୀ" କୁ ସେ ମାତ୍ର ୧୦ ମିନିଟ୍ ରେ ଦେଖି ଦେଇ କହିଥିଲେ "ହେ ଏ ବଙ୍ଗାଳୀ ଗୁଡା ଜମା ସିନେମା କରି ଜାଣି ନାହାଁନ୍ତି" । ତାଙ୍କ ଭଳି ଲୋକ ଯେ ବଙ୍ଗଳା ସିନେମା ଷ୍ଟାର୍ ଅଂଶୁମାନ ର ଇଣ୍ଟରଭିଉ ନେବେ ଶୁଣି ମୋତେ ଟିକେ ଅଡୁଆ ଲାଗୁଥିଲା ।

ଆମ ଘର ପାଖରେ ଆଉ ଦୁଇ ତିନି ଜଣ ବଙ୍ଗାଳୀ ପରିବାର ରହୁଥିଲେ । ସେଥି ମଧ୍ୟରୁ ଗୋପେନ ବାବୁ ଥିଲେ ଏକଦମ ନିଆରା ମଣିଷ । ଭାରି ରସିକିଆ ଲୋକ । ଆମେ ନେତରହାଟ୍ ପହଞ୍ଚିବାର କିଛି ଦିନ ପରେ ସେ ଆମ ଘରକୁ ଆସିଲେ । ବାପା ତାଙ୍କୁ ଡାକି ଆଣି ଘରେ ବସେଇଲେ ମା କୁ କହିଲେ ଚା କରି ନେଇ ଆସିବାକୁ । ଚା ପିଉ ପିଉ ଶଙ୍କର ମାମୁଁ ଗୋପେନ ବାବୁ ଙ୍କୁ ପଚାରିଲେ "ଆଉ ଗୋପେନ ବାବୁ ଆପଣ ଜାଣିଛନ୍ତି ନା ନାହିଁ ଅପଣଙ୍କ ଏରିୟାରେ ବର୍ତ୍ତମାନ ଷ୍ଟାର ଆସି ଛୁଟି କଟାଉଛନ୍ତି । ବଙ୍ଗଳା ସିନେ ଜଗତ ର ଲୋକ ପ୍ରିୟ ହିରୋ ଅଂଶୁମାନ ଚାଟାର୍ଜୀ" । ଏ କଥା ଶୁଣି ଗୋପେନ ବାବୁ ଟିକେ ନାକ ଟେକି କହିଲେ " ହେ ଛାଡ ହୋ ସେ କି ହିରୋ ସେ ଯାହା କରୁଛି ସବୁ ପରଦା ଉପରେ ଆଉ କ୍ୟାମେରା ଆଗରେ ଅସଲି ଜୀବନରେ ସେ ତା ଆମ ଭଳି ଗୋଟେ ସାଧାରଣ ମଣିଷ ମାତ୍ର ହିଁ ନା , ମୁଁ କିନ୍ତୁ ଜଣେ ଅସଲି ଷ୍ଟାରଙ୍କୁ ଆପଣ ମାନ ଙ୍କ ସହ ଦେଖା କରେଇ ଦେବି" । ବାପା ମୋର ଖୁବ ଆଶ୍ଚର୍ଯ୍ୟ ସହକାରେ ଗୋପେନ ବାବୁ ଙ୍କୁ ଅନେଇ କି କହିଲେ "କଣ ଅସଲି ଷ୍ଟାର? ବାପାଙ୍କ ସହ ଆମେ ସମସ୍ତେ ଗୋପେନ ବାବୁ ଙ୍କୁ ଅନେଇ ଥାଉ ଯେ ସେ କାହା କଥା କହିବେ ବୋଲି ଗୋପେନ ବାବୁ ଚା ପିଉ ପିଉ କହିଲେ "ହଁ ଅସଲ ଷ୍ଟାର ଆଗ ଛକରେ ଯୋଉ ଗୀର୍ଜା ଘର ଅଛି ତା'ରି ପଛ ପଟେ ଜଣେ ଲୋକ ରୁହନ୍ତି ତାଙ୍କ ନା ହଉଛି କାଳୀ କିଂକର ଘୋଷାଲ ବୟସ କେତେ ଜାଣନ୍ତି ସେଞ୍ଚୁରି ଆଉ ଟ୍ୱେନ୍ଟିସିକ୍ସ ମାନେ ୧୨୬ ବର୍ଷ । କିନ୍ତୁ ଦେଖିଲେ ଆପଣ କହିବେ ଯେ ମାତ୍ର ୭୫/୮୦ ବର୍ଷ ବୋଲି ଏକଦମ ଯୁବ ସୁଲଭ ଚେହରା" । ଶଙ୍କର ମାମୁଁ ଛେପ ଢୋକି କି ଆଖି ତରାଟି ପଚାରିଲେ "କଣ ୧୨୬ ବର୍ଷ" ?

ଗୋପେନ ବାବୁ କହିଲେ "କାଳୀ ବାବୁଙ୍କ ଜନ୍ମ ୧୮୫୬ ଆଉ ରବୀନ୍ଦ୍ର ନାଥଙ୍କ ଜନ୍ମ ୧୮୬୧ ମାନେ ରବୀନ୍ଦ୍ର ନାଥଙ୍କ ଠାରୁ କାଳୀ ବାବୁ ୫ ବର୍ଷ ବଡ" । ଏଥର ଆମ ସମସ୍ତଙ୍କ ମୁହଁ ଏକବାର ଚୁପ ଆଉ ଚା ପିଆ ବି ବନ୍ଦ । ପ୍ରାୟ ଦୁଇ ମିନିଟ୍ ର ନୀରବତା ପରେ ବାପା ଗୋପେନ ବାବୁଙ୍କୁ ପଚାରିଲେ "ତାଙ୍କ ବୟସ ୧୨୬ ବର୍ଷ ବୋଲି ଆପଣ କେମିତି ଜାଣିଲେ ସେ କଣ ଆପଣଙ୍କୁ କେବେ ତାଙ୍କ ବୟସ ବିଷୟରେ କହିଛନ୍ତି"? ଗୋପେନ ବାବୁ ପୁଣି କହିଲେ "ନା ନା ଏମିତି ଥରେ କଥା ଛଳରେ ସେ କହୁ କହୁ କହିଦେଲେ ଯେ ମୋର ବୟସ ୧୨୬ ବୋଲି" ।

ଆମେ ସମସ୍ତେ ଜାଣିକି ଅବାକ ହେଇ ଗଲୁ ଯେ ଏମିତି ଜଣେ ଦୀର୍ଘାୟୁ ପୁରୁଷ ଆମ ଅଞ୍ଚଳ ରେ ଅଛନ୍ତି ବୋଲି । ଶଙ୍କର ମାମୁଁ କହିଲେ " ଆରେ ବାଃ ଏମିତିଆ ଲୋକଙ୍କ ଇଣ୍ଟରଭିଉ ତ ନବାକୁ ହିଁ ପଡିବ ଏପରି ଲୋକଙ୍କ ସୁସ୍ଥ ରହିବାର ରହସ୍ୟ ସମସ୍ତଙ୍କ ପାଇଁ ଗୋଟେ ଜାଣିବାର ଖୋରାକ ଯୋଗାଇବ" । ସେ ଯାହା ହେଉ ଦିନେ ଗୋପେନ ବାବୁ ଆମ ସମସ୍ତଙ୍କୁ ନେଇ କାଳୀ ଘୋଷାଲଙ୍କ ଘରକୁ ଗଲେ । ଘୋଷାଲ ବାବୁ ଘରୁ ବାହାରକୁ ଆସି ଆମକୁ ସ୍ୱାଗତ ଜଣେଇଲେ ପ୍ରକୃତରେ ସେ ୧୨୬ ବର୍ଷ ବୟସର ବୋଲି କେହି ବି କହି ପାରିବେନି । ପ୍ରାୟ ୬ ଫୁଟ୍ ଉଚ ର ମଣିଷ । ଗୋରା ରଙ୍ଗ ଚୁଟି ଗୁଡିକ ଅଧା ପାଚିଲା ଅଧା କଳା । ଶରୀରର ଚମ ଗୁଡିକ ବି ବେଶୀ ଧୁଡଧୁଡ ହୋଇନି । ଦୁଇ ପଟ କାନରେ କିଛି ପାଚିଲା ଚୁଟି । ଦାନ୍ତ ଗୁଡିକ ସଫା ଧଳା । ଆମକୁ ଦେଖି ହସିହସି କହିଲେ "ଆସନ୍ତୁ ଘର ଭିତରକୁ" । ସମସ୍ତେ ଆମେ ଯାଇଁ ବସିଲୁ । ତା ପରେ ବାପା ଶଙ୍କର ମାମୁଁଙ୍କ ଆଡ କୁ ହାତ ଦେଖାଇ କହିଲେ "ଏ ହେଉଛି ମୋ ଶାଳକ ଶଙ୍କର କଲିକତାର ଗୋଟେ ବଡ ସମ୍ବାଦପତ୍ର ରେ ସାମ୍ବାଦିକ ଅଛି । ସେ ଚାହୁଁଛି ଆପଣଙ୍କର ଗୋଟେ ଇଣ୍ଟରଭିଉ ନେବା ପାଇଁ ଆପଣଙ୍କର ଏଥିରେ କିଛି ଆପତି ନାହିଁ ତ" । ଘୋଷାଲ ବାବୁ ହସି ହସି କହିଲେ "ଏଥିରେ ଆପତି ନବାର କଣ ଅଛି । ମୋ ଭଳି ଜଣେ ଶତାୟୁ ଲୋକ ଯଦି ମୃତ୍ୟୁ ବେଳକୁ ଟିକେ ଲୋକଲୋଚନ କୁ ଆସି ପାରୁଛି ଏ ତ ବଡ ଆନନ୍ଦ ର ବିଷୟ" । ଏ କଥା ଶୁଣି ଶଙ୍କର ମାମୁଁ ତାଙ୍କ ବ୍ୟାଗରୁ ଖାତା କଲମ ବାହର କରି ଲେଖିବାକୁ ଉଦ୍ୟତ ହେଲେ । ଘୋଷାଲ ବାବୁ କହି ଚାଲିଲେ "ମୋ ଘର ମୁର୍ଶିଦାବାଦରେ ସେତେବେଳେ ଯିବାଆସିବା ପାଇଁ କିଛି ସୁବିଧା ନଥିଲା । ଡଙ୍ଗା ସାହାଯ୍ୟରେ ଯାହା ଆତଯାତ କରୁଥିଲୁ । ଆମର ସେତେବେଳେ ଜମିଦାରୀ ଥିଲା । ସ୍କୁଲ କୁ ଯିବା ପାଇଁ ୧୨ କିଲୋମିଟର ଚାଲିଚାଲି ଯିବାକୁ ପଡୁଥିଲା । ମୋ ବାହାଘର ହୋଇଥିଲା ୧୫ ବର୍ଷ ବୟସରେ ଆଉ ମୋ ସ୍ତ୍ରୀ କୁ ହୋଇଥିଲା ୧୨ ବର୍ଷ । ସ୍ତ୍ରୀ ମରିବା ପ୍ରାୟ ୪୦ ବର୍ଷ ହୋଇ ଗଲାଣି । ଦୁଇ ପୁଅ ଥିଲେ ସେମାନେ ବି ସମସ୍ତେ ଚାଲି ଗଲେଣି ଖାଲି ଗୋଟିଏ ନାତି ଅଛି କଲିକତା ରେ ଡାକ୍ତରୀ ପଢୁଛି । ଶଙ୍କର ମାମୁଁ ସବୁ କଥା ଖାତାରେ ଲେଖି ଚାଲିଛନ୍ତି । ମାମୁଁ ପୁଣି ପଚାରିଲେ "ଆପଣ କେବେ କଲିକତା ସହର ଯାଇଛନ୍ତି"? ଘୋଷାଲ ବାବୁ ହସିହସି କହିଲେ "କଲିକତା ଇଉନିଭର୍ସିଟିରେ ପଢିବା ବେଳେ ମୁଁ ପାର୍କଷ୍ଟ୍ରୀଟ୍ ରେ ରହୁଥିଲି । ଚାଲିଚାଲି ଯିବାକୁ ପଡୁଥିଲା ନ ହେଲେ ହାତଟଣା ରିକ୍ସା ରେ । ସେତେବେଳେ ଭଡା ମାତ୍ର ଦୁଇ ଅଣା" । ମାମୁଁ ପୁଣି ପଚରିଲେ "ଆପଣଙ୍କର କୌଣସି ପ୍ରସିଦ୍ଧ ଲୋକଙ୍କ ସହ ସେତେବେଳେ ଦେଖା ହେଇଛି କି" ? ଘୋଷାଲ ବାବୁ କହି ଉଠିଲେ ହଁ ଆମେ ପଢିବା ବେଳେ ରବୀନ୍ଦ୍ର ନାଥ, ବିଦ୍ୟାସାଗର ପ୍ରାୟ ସମସ୍ତେ ଇଉନିଭର୍ସିଟି କୁ ଆସିଛନ୍ତି । ମୁଁ ତ ବିଦ୍ୟାସାଗର ଙ୍କ ହାତ ଧରି ତାଙ୍କୁ ଷ୍ଟେଜ୍ ଉପରକୁ ନେଇଥିଲି" । ମାମୁଁ ସବୁ ଲେଖି ନେଇଥିଲେ ତାଙ୍କର ଖାତାରେ ଆହୁରି ବହୁତ କିଛି ରୋମାଞ୍ଚକର କଥା ଯାହା ସବୁ ଘଟି ଥିଲା ଘୋଷାଲ

ବାବୁଙ୍କ ଜୀବନ ରେ

ନେତରହାଟ୍ ରୁ ଛୁଟି କାଟି ଆସିବାର କିଛି ଦିନପରେ ହିଁ ଫୋଟୋ ସହିତ ପ୍ରକାଶିତ ହେଲା ଶତାୟୁଙ୍କ ଇଣ୍ଟରଭିଉ ଶଙ୍କର ମାମୁଁ ଙ୍କ ସହ ପଶ୍ଚିମବଙ୍ଗର ଏକ ବିଖ୍ୟାତ ଖବର କାଗଜରେ । ଯାହାକୁ ପଢି ବହୁତ ଖୁସି ହେଇକି ଘୋଷାଲ ବାବୁ ଆମ ସମସ୍ତଙ୍କୁ ଖୁବ ଧନ୍ୟବାଦ ଦେଲେ ଖାସ୍ କରି ଶଙ୍କର ମାମୁଁଙ୍କୁ । କିଛିଦିନ ପରେ ଥରେ ମୁଁ ଲାଇବ୍ରେରୀରେ ଏମିତି କିଛି ପୁରୁଣା ମଗାଜିନ୍ ଦେଖୁ ଦେଖୁ ମୋ ହାତରେ ପଡେ ଗୋଟେ ୧୯୨୧ ମସିହାର ନବରଙ୍ଗ ମଗାଜିନ୍ । ପୃଷ୍ଠା ଓଲଟାଇ ଦେଖୁ ଦେଖୁ ମୋ ନଜର ପଡେ ଗୋଟେ କଳା ଧଳା ଫୋଟୋ ଉପରେ । ଫୋଟୋ ଉପରେ ଲେଖା ଅଛି ନାଟକ "ଶବରୀ" । ଆଉ ମୁଖ୍ୟ ଭୂମିକା ରାମରେ ଅଭିନୟ କରିଛନ୍ତି କାଳୀ କିଂକର ଘୋଷାଲ ଆଉ ଶବରୀ ଭୂମିକାରେ ଅଛନ୍ତି ଅରୁଣିମା ଘୋଷାଲ । ମୁଁ ଫୋଟୋ ଟାକୁ ଟିକେ ଭଲ କରି ନିରିଖେଇ ଦେଖିଲି । ଆରେ ଏ କଣ ଏ ତ ସେଇ ନେତରହାଟ୍ ର ଘୋଷାଲ ବାବୁ । ମୁଁ ମଗାଜିନଟି ଧରି ସିଧା ଗଲି ମାମୁଁ ଙ୍କ ପାଖକୁ । ତାଙ୍କୁ ଦେଖେଇ କହିଲି "ଦେଖିଲେ ତ ମାମୁଁ ସେ କାଳୀ ଘୋଷାଲ କେମିତି ଆମ ସମସ୍ତଙ୍କୁ ବୋକା ବନେଇ ସ୍ବଟଲାଇଟ୍ ଟା ଅଂଶୁମାନ ଠାରୁ ଦୂରେଇ ନେଇ ନିଜ ଉପରେ ପକେଇ କେମିତି ରାତାରାତି ଷ୍ଟାର୍ ବନିଗଲା" । ଶଙ୍କର ମାମୁଁ ଖୁବ ଜୋରରେ ରାଗି ଯାଇ କହିଲେ "ମୁଁ ତାର ପର୍ଦାଫାଶ ଆମ ସମ୍ବାଦ ପତ୍ର ଜରିଆରେ କରେଇବି" । ମୁଁ କିନ୍ତୁ ମାମୁଁ ଙ୍କୁ ମନା କଲି କାରଣ ତା'ର ବୁଦ୍ଧି ଓ କଥାଚାତୁରୀ କୁ ମୁଁ ବି ମନେମନେ ସଲାମ କରୁଥିଲି ।

**ରୋଲାଣ୍ଡ ଇନଷ୍ଟିଚ୍ୟୁଟ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ, ବ୍ରହ୍ମପୁର**



# ଶାଗ ସନ୍ତୁଳା

କ୍ଷୀରାବ୍ଧି ଦାଶ



"ନ ଖାଇଲେ ନ ଖା। କଣ ତୋ ପାଇ ଭଳି ଆଉ ସମସ୍ତଙ୍କ ପାଇଁ ଭଳିଏ ରନ୍ଧିବି କି ଘରେ। ଯାହା ରୋଷେଇ ହେବ ଖାଇବାକୁ ବାଧ୍।" ସବୁଦିନ ବୋଉର ଏମିତି ଧମକ। ଖାଲି ଏଇ ସନ୍ତୁଳା ପାଇ।

ଯଦିଓ ଆମେ ସମସ୍ତେ ଜାଣୁ ସନ୍ତୁଳା ଦେହ ପାଇ କେତେ ଭଲ, ତଥାପି କାହାକୁ ଏତେ ସବୁ ପରିବା ଏକା ଥରେ ଖାଇବାକୁ ଇଛା ହେବ। କଖାରୁ, ସାରୁ, ଅମୃତଭଣ୍ଡା, ବଡ଼ ଆଳୁ, ବାଇଗଣ, କନ୍ଦମୂଳ ଯୋଉ ଦିନ ଯାହା ପରିବା ମିଳିଲା ସବୁ ପକେଇ ସନ୍ତୁଳା କରିବାଟା ମୋ ବୋଉ ର ଗୋଟେ ରୁଟିନ ପାଲଟି ଯାଇଥିଲା। ଘରେ ପ୍ରାୟ କେହି କିଛି ନ କହି ଚୁପ୍ ଚାପ୍ ଖାଇଦିଅନ୍ତି। କିନ୍ତୁ ଅସୁବିଧା ହେଲା ଆମେ। ମାନେ ପିଲାମାନେ। ହଁ ଥରେ ଅଧେ ସନ୍ତୁଳା ହେଲେ ଠିକ୍ ଅଛି। କିନ୍ତୁ ପ୍ରାୟ ସବୁଦିନ ସନ୍ତୁଳା କିଏ ଖାଇବ। ପୁଣି ସେଥିରେ ଆଳୁ ର ପରିମାଣ ଖୁବ୍ କମ୍। ଯଦି ଦିନରେ ନ ହେଲା ତା ହେଲେ ରାତିରେ ସନ୍ତୁଳା ହୁଏ। ମୋ ବୋଉ କୁ ବି ଭଲ ଖାପଚ ଜଣା। କୋଉ ଦିନ ଭେଣ୍ଡି ସନ୍ତୁଳା, କୋଉ ଦିନ କୋଶଳା ଶାଗ ସନ୍ତୁଳା, କୋଉ ଦିନ ସଜନା ଛୁଇ ସନ୍ତୁଳା, କୋଉ ଦିନ ଶିମ୍ବ ସନ୍ତୁଳା, ଆଉ କୋଉ ଦିନ ଆମିଷ ପକେଇ ସନ୍ତୁଳା। ଓ ହୋ। ମଣିଷ ବଡ଼ ବିରକ୍ତ ହେଇ ଗଲାଣି। କହିଲେ ବୋଉ ର ଧମକ। ପୁଣି କାନ ମୁଣ୍ଡ ଆଉସି ଯାଇ ଖାଇବସୁ। ବେଶୀ ଜିଦି କଲେ ବୋଉ କହିବ ପରିବା ନ ଖାଇଲେ ପାଠ ମନେ ରହିବନି। ସ୍କୁଲ ରେ ସାର୍ ମାରିବେ ଆଉ ପୁଣି କୁଆଡ଼େ ରାତିରେ ଭୂତ ଗୋଡ଼ ଭିଡି ନେବ।

କକେଇ, ବାପା, ଜେଜେ ବାପା, ଜେଜେ ମା, ଆଉ ଖୁଡି ସମସ୍ତେ ବୋଉ ସନ୍ତୁଳା ର ଗୋଟେ ଗୋଟେ ବଡ଼ ପ୍ରଶଂସକ। କିନ୍ତୁ କୋଶଳା ଶାଗ ସନ୍ତୁଳା ଟା ପ୍ରାୟ ଘରେ ସମସ୍ତଙ୍କ ର ପସନ୍ଦ। ଖାଲି ଘରେ କାହିଁକି, ଆମ ସାଇ ପଡିଶା ରେ ବି ବୋଉ ର ସେ ସନ୍ତୁଳା ସମସ୍ତଙ୍କୁ ଭଲ ଲାଗେ। କେବେ କେବେ ଆମଘର ପାଖ ବୁଢ଼ୀ ମା ମାନେ ଆସି କୁହନ୍ତି, "ଆଉ କେତେଦିନ ବଞ୍ଚିବି ବୋହୂ, ବୁଢ଼ୀ ପାଟିଟା ଘର ଭାତ ଡାଲି ଖାଇ ଅରୁଚି ଧରିଲାଣି। ଟିକେ ଶାଗ ସନ୍ତୁଳା କରି ଦିଅନ୍ତୁ ନାହିଁ। ମନ ଭରି ଟିକେ ଖାଆନ୍ତି। ମୁଁ ଶାଗ ଆଣି ଦେଇ ଯିବି ମା।"

ଆଉ ଏତିକି କଥାରେ ମୋ ବୋଉ ଓସ୍କାର ପୁରସ୍କାର ପାଇବା ପରି ଅନୁଭବ କରେ। କେତେ ଯତ୍ନ ରେ ସନ୍ତୁଳା କରି ନେଇ ତାଙ୍କ ଘରେ ଦେଇ ଆସେ।

ଦିନ, ମାସ, ସମୟ, ଚଳନି । ଆଜି ସବୁ ବଦଳିଛି। ଖାଇବା ପିନ୍ଧିବା ବି। ଆଜି ଆଉ ବୋଉ ଆଗ ପରି ରୋଷେଇ କୁ ପାରୁନି। ବୋହୂ ଯାହା ରାନ୍ଧୁଚି ତାକୁ ଖାଇବାକୁ ପଡୁଚି। ସେ ଶାଗ ସନ୍ତୁଳା ନାହି କି କଖାରୁ ପୋଇ ଡଙ୍କ ନାହି। ଏବେ ମୋର ମୁଣ୍ଡ ବୁଲେଇ ପଡି

ଯିବାରୁ ଡାକ୍ତର ମୋର ସବୁ ତେଲ ମସଲା ଖାଇବା ବନ୍ଦ କରିଦେଲେ। ଖାଲି ସିଝା ସନ୍ତୁଳା ଖାଇବାକୁ କହିଲେ। ଇଚ୍ଛା ନ ଥିଲେ ବି ମୁଁ ସନ୍ତୁଳା ଖାଇବାକୁ ସ୍ଥିର କଲି। କାଲି ବୋଉ କୁ ଫୋନ କରି ସନ୍ତୁଳା ର ବିଧି ପଚାରିଲି।

"ଆରେ, ସନ୍ତୁଳା ରେ ଗୋଟେ ବିଧି କଣ ଯେ। ଯାହା ପରିବା ମିଳିଲା ତାକୁ ପକେଇ ସିଝେଇ ଦେ। ତା ପରେ ବଘାରି ଦେବୁ। ପଞ୍ଚ ଫୁଟଣ, ସୋରିଷ, ଭୃସଙ୍ଗ ପତ୍ର, କଞ୍ଚା ଲଙ୍କା, ରସୁଣ ପିଆଜ । ତୋ ଇଚ୍ଛା ଯେମିତି ହେବ ସେମିତି ଫୁଟେଇ ଦବୁ।"



"ନା ନା। ମୁଁ କରିଥିଲି। ଯାହା ପକେଇଲେ ବି ତୋ ସନ୍ତୁଳା ପରି ବାସ୍ନା ନାହି। ତୁ କହ।ତୁ ଯେମିତି କରୁ ମୁ ସେମିତି କରିବି।"

"ହଉ, ତୁ କହ। କୋଉ ସନ୍ତୁଳା କରିବୁ। ମୁଁ କହିଦେବି।"

"ଶାଗ ସନ୍ତୁଳା ର ପ୍ରଣାଳୀ କହ"

"ହଉ" କହି ଆରମ୍ଭ କଲା ବୋଉ। ସେ କହିଥିବା ବିଧି ଏମିତି।

ଆଳୁ, ପୋଟଳ, ଶିମ୍ବ, ସାରୁ, କଖାରୁ, ବାଇଗଣ ଏମିତି ଆଉ ଯାହା ପରିବା ଅଛି ସବୁଥିରୁ ଛୋଟ ଛୋଟ କରି କାଟି ଲୁଣ ହଳଦୀ ଦେଇ ସିଝାଇ ଦେ। ଅଳ୍ପ ଶାଗ ଧୋଇ କାଟି ଦେ। ତା ପରେ ସୋରିଷ ତେଲ ରେ ପଞ୍ଚ ଫୁଟଣ, ଶୁଖିଲା ଲଙ୍କା ପକାଇ ଭାଜି ଶାଗ ପକେଇ ଦେଇ ଘୋଡେଇ ଦେ। ଶାଗ ସିଝିଲା ପରେ। ସେଥିରେ ଅଳ୍ପ ରସୁଣ କଞ୍ଚା ଲଙ୍କା ଛେଚା ପକେଇ ସିଝା ସନ୍ତୁଳା କୁ ସେଥିରେ ପକେଇ ଦେ। ସନ୍ତୁଳା ଭଲରେ ଫୁଟି ଗଲେ ତଳକୁ ଓହ୍ଲେଇ ସେଥିରେ ଅଳ୍ପ ଭଜା ଜିରା ଲଙ୍କା ଗୁଣ୍ଡ ପକେଇ ଦବୁ। ଦେଖିବୁ ହାତ ଚାଟି ଥାଳିଏ ଭାତ ଖାଇବୁ ରୁଟି କି ଚକୁଳି ପିଠା ରେ ବି ଭଲ ଲାଗିବ।

ସେ ଯେମିତି କହିଲା ସେମିତି କଲି। ଭଲ ଲାଗିଲା। କିନ୍ତୁ ତା ହାତ ରନ୍ଧା ପରି ସୁଆଦ ଆଉ କୋଉଠି। ଏବେ କେବେ ସନ୍ତୁଳା କଲେ ମୋ ଝିଅ କହେ,"ମାମା କେତେ ସୁନ୍ଦର୍ ମିକ୍ସ୍ କରିବା କୋଉଠୁ ଶିଖିଲ। ମସ୍ତ ହେଇଚି"

ମନେ ମନେ ଭାରି ହସ ଲାଗେ। ଏ ପିଲାମାନେ କାହୁ ବୁଝିବେ ଏ ସନ୍ତୁଳା ପାଇଁ କେତେ ଯେ ମହାଭାରତ ହୁଏ।

ପାଠକେ ପଢି ମତାମତ ଦିଅନ୍ତୁ କି ନ ଦିଅନ୍ତୁ କିନ୍ତୁ ଶାଗ ସନ୍ତୁଳା କରି ନିଶ୍ଚୟ ଖାଇବେ ଆଉ କେମିତି ଲାଗିଲା ଜଣେଇବେ।

**ଯୋଧପୁର, ରାଜସ୍ଥାନ**

# ଜୀବନ ଜଞ୍ଜାଳ

ଜନ୍ମଜୟ ନାୟକ



ହସଲୁହ ଭରା ଏଇ ଜୀବନର ହାଟ,
ଏନ୍ତୁଡିରୁ ମଶାଣୀ ଯାଏ ଅଛି ବାଟ ।
ଅନ୍ଧାରଗଳି ବାଟୋଇ ମୁଁ ଦିଗହରା,
କଷ୍ଟ ବଢୁଛି ଜଞ୍ଜାଳ ସରେନି ପରା ।୧।

ଯାତନା ସହି କୋହେ ହୃଦୟ ଯାଏ ଫାଟି,
ଅଭାବ ସାଗରେ ମୋ ଜୀବନ ଯାଏ ଲୋଟି ।
କୁହୁଳା ନିଆଁରେ ଜଳୁଛି ମୋହର ଛାତି ,
ଯେତେ ଖୋଜିଲେ ବି ପାଉନାହିଁ ଟିକେ ଶାନ୍ତି ।୨।

ଦୁନିଆ ରଙ୍ଗମଞ୍ଚେ ସବୁ ଏଠି ଅଭିନୟ,
ଆଉ ନାହିଁ ମୋର ଏଠି ହାରିବାକୁ ଭୟ ।
ସମ୍ପଦେ ସବୁ ଥାଆନ୍ତି ବିପଦେ ମୁଁ ଏକା,
ମୁଁ ନାଉରି ସାଜିଛି ମୋର ଧର୍ମ ନଉକା ।୩।

ଜଳୁଛି ମୁଁ କେବେ ଯନ୍ତ୍ରଣାର ଜତୁଶାଳେ,
କେବେ ଜଳେ କାହା ଈର୍ଷା କ୍ରୋଧର ଅନଳେ ।
ଦାରିଦ୍ର୍ୟତା ପଙ୍କଭରେ ଜୀବନ ତଡାଗ,
ଦୁଃଖଜଞ୍ଜାଳ ଜୁଇ ସମ୍ପର୍କ କରେ ଭାଗ ।୪।

ସ୍ୱପ୍ନ ମରୁ ମରୀଚିକା ମନେ ଭରେ ଆଶା,
କ୍ଷତାକ୍ତ ହୃଦୟକୁ ମୋର ପ୍ରଭୁ ଭରସା ।
ମିଛ ସମ୍ପର୍କରେ ହଜି ବିନା ଦୋଷେ ଦୋଷୀ,
ଭବସାଗରୁ ଉଦ୍ଧାର ପାଇ ଯାଏ ମୁଁ ଭାସି ।୫।

**ଗଣିତ ଶିକ୍ଷକ**
**ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ**
**ଜଗତସିଂହପୁର**



# କଳଙ୍କିତ ଚାନ୍ଦ

ଅଲିଭା ମହାରଣା



ଶୁଭ୍ର ଜ୍ୟୋତି ଧାରା ଢାଳଇ ଚନ୍ଦ୍ରମା
　ନିଛାଟିଆ ସଞ୍ଜ ବେଳେ,
ଝରଣା ପରି ତା କିରଣ ଶୀତଳ
　ଆକାଶ ବକ୍ଷ ରୁ ଝରେ।
ନିର୍ଜନ ରାତିରେ ଚନ୍ଦ୍ରମା କିରଣ
　ପଡଇ ନଦୀର ଜଳେ,
ଏ ସାରା ଜଗତ ପୁଲକିତ ହୁଏ
　ଭବ୍ୟ ନଦୀର କୋଳେ।
ନଦୀର ବକ୍ଷ ରେ ଜହ୍ନ ପ୍ରତିକୃତି
　ସତେକି ଅପୂର୍ବ ଶୋଭା,
ଆକାଶ ବକ୍ଷ ରେ ଥାଇ ମଧ୍ୟ ଜହ୍ନ
　ନଦୀରେ ଖେଳାଏ ଆଭା।
ପୂର୍ଣ୍ଣମୀ ରାତିରେ ଚନ୍ଦ୍ରମା କିରଣ
　ସତେକି ସାଗର ମୋତି,
ସାଗର ବକ୍ଷ ରେ ଶୋଭା ପାଏ ପୁଣି
　ସୁନ୍ଦର ତା ପ୍ରତିକୃତି।
ଚନ୍ଦ୍ରମା ର ଗୁଣ କହିଲେ ନ ସରେ
　ସରିବନି କହୁଥିଲେ,
ଆକାଶ ସାଗର କାହାର ନୁହେଁ ସେ
　ସମସ୍ତେ ଜାଣନ୍ତି ଭଲେ।
ଆକାଶ ବକ୍ଷ ରେ ଥାଇ ମଧ୍ୟ ସିଏ
　ସାଗର କୁ କରେ ପ୍ରେମ,
ଅମାବାସ୍ୟା ଦିନ ହଜେଇ ଦିଏ ସେ
　ବାଦଲ ପାଖେ ତା ମନ।

ନରସିଂହପୁର, କଟକ



# ମାଟିର ସ୍ୱର

ଦୀନବନ୍ଧୁ ବେଜ୍



କାନଡେରି ଶୁଣିଲେ ତ ,
ଯୋଜନ ଯୋଜନ ଦୂରରୁ
ଶୁଭିବ ମାଟିର କ୍ଷୀଣ ସ୍ୱର ,
ହଁ ଏ ହେଉଛି ସେହି ସ୍ୱର
ଯେଉଁଠି କାନ୍ଦିଥିଲା ଶୈଶବ,
ତୁମେ ଯେବେଥିଲ ଆଗନ୍ତୁକ
ଏହା ସେ ସମୟର ପ୍ରତିବିମ୍ବ ।

ଯେଉଁଠି ତୁମେ ଶୁଣିଥିଲ
ନୀଡ଼ ବାହୁଡା ପକ୍ଷୀଙ୍କ କାକଳୀ
ଏବଂ ଘର ବାହୁଡା ଗାଇପଲଙ୍କ
ପଛରେ ବାଛୁରୀଙ୍କ ହମ୍ବାରଡି,
ପୁଣି ଆତ୍ମା ପରମ୍ଆରେ ମିଶିବା
ସମୟରେ ସତ୍ୟକୁ ଅସ୍ୱୀକାର
କରିବାର କାନ୍ଦ ବୋବାଳି....।

ଏମିତି କେତେ ସ୍ୱର
ମେଳେଇ ଯାଇଛି ମାଟିରେ ,
ଏମିତି କେତେ ବ୍ୟକ୍ତି
ମିଳେଇ ଯାଇଛନ୍ତି ମାଟିରେ,
ମାଟିର ସ୍ୱରକୁ ନା କେହି
କରି ପାରିଛନ୍ତି ପର......।

ନା କେହି ନକରି
ରହି ପାରିଛନ୍ତି ସ୍ଥିର....... ।
ଏହା କରିବାକୁ ପଡିବ..... !!!
କାରଣ ପ୍ରାକୃତିକ ଭାବେ
ଏହା ସଭିଙ୍କ ଆପଣା ପଣର ।

**ଏମଭି-୧୯,**
**ମାଲକାନଗିରି, ଓଡ଼ିଶା**



# ନୂତନ ସକାଳର ଆହ୍ୱାନରେ

ସନ୍ତୋଷ କୁମାର ପଣ୍ଡା



ଯୁବ ଶକ୍ତିକୁ ଆଜି କରେ ଆହ୍ୱାନ
ଜାଗ୍ରତ ହୁଅରେ ସୁପ୍ତ ଜୱାନ,
ନବ ପ୍ରଭାତକୁ ସ୍ୱାଗତ କର
ଦେଇ ମନ, ପ୍ରାଣ।୦।

ମଧ୍ୟାହ୍ନର ରବି, ଜ୍ୱଳନ୍ତ ଅଗ୍ନି ପରି
ହୋଇଉଠ ଦୀପ୍ତିମାନ,
ହୃଦ ପୃଥ୍ୱୀ ପରି, କର୍ମ ହେଉ ସୂର୍ଯ୍ୟ
ସମୟ ପରି ହୁଅ ବେଗବାନ।୧।

ଏକଇ ଈଶ୍ୱର ଦ୍ୱିତୀୟ ନାସ୍ତି
ଲକ୍ଷ୍ୟ ଏହିପରି ହେଉ,
ଶୋଷଣ,ଦୁର୍ନିତି, ହିଂସା,କନ୍ଦଳ
ମାଆ ଗର୍ଭେ ନ ରହୁ।୨।

ଆଜି ଏ ଦିବସେ ନିଅ ଶପଥ
ହେ ମୋର ଯୁବ ବନ୍ଧୁଗଣ.
ଦୂର କରିବା ସ୍ୱାର୍ଥପରତା,
ଦାରିଦ୍ର୍ୟ, ଆତଙ୍କର ସଂଗଠନ।୩।

ମାଆର ରକ୍ଷା ପାଇଁ
ଯାଉ ପଛେ ଏ ପ୍ରାଣ,
ବିଦେଶୀ ହାତରେ ବିକିବାନି
କରିବାନି ତାକୁ ବିଚ୍ଛିନ୍ନ।୪।

ଅସ୍ପୃଶ୍ୟତା ନାମେ ଭାଇକୁ ଭାଇଠୁ
କରିବାନି ବିଚ୍ଛେଦ
ରାଜନୀତି ନାମେ ମା'ର ଆମେ
କରିବାନି ଶିରଚ୍ଛେଦ।୫।

ସ୍ନେହ, ଶ୍ରଦ୍ଧା,ଭ୍ରାତୃଭାବ
ହେଉ ଆମ ମୂଳନୀତି,
କଣ୍ଠରେ ସର୍ବଦା ରହୁ
ଭାରତର ଜୟ ଗୀତି।୬।

ବିଶ୍ୱ ଶାନ୍ତି ଏକତା ଯାତ୍ରାରେ

ହୋଇ ସାମିଲ୍
ସାମ୍ରାଜ୍ୟବାଦ,ଶୀତଳଯୁଦ୍ଧକୁ
କରିଦେବା ଖିନ୍ନଭିନ୍ନ।୭।

ଦରକାର ନାହିଁ ହାତ ହତିଆର
ଦରକାର ଆଜି ପ୍ରେମ ଅସ୍ତ୍ର,
ହାତକୁ ହାତ, କାନ୍ଧକୁ କାନ୍ଧ ମିଳାଇ
କରିବା ଭାରତ ଏକତ୍ର।୮।

ବିଶ୍ୱ ଦରବାରେ ମାଆକୁ ଆମର
କରିବାରେ ପ୍ରତିଷ୍ଠିତ,
ଯାହା ଦିନେ କରିଥିଲେ,
ନେତାଜୀ,ଭଗତ, ବିବେକାନନ୍ଦ।୯।

ବିଶ୍ୱ ଇତିହାସେ ଭାରତର ନାମ
କରିବାରେ ଆମେ ଉଚ୍ଚା,
ସ୍ୱର୍ଣ୍ଣ ଅକ୍ଷରେ ଲେଖିଦେବା
ତା'ର ଇତିହାସ ପୃଷ୍ଠା।୧୦।

ନବ ସକାଳର ନବ କିରଣରେ
କରିଦେବା ସବୁ ଧୌତ,
ଶ୍ରୀ ହୀନ ମାଆକୁ ଆମେ
କରିବା ଶ୍ରୀ ମଣ୍ଡିତ।୧୧।

**କଟକ**



# ତୁମ ଖୁସିରେ ହିଁ ମୋ ଖୁସି

ନିଗମ କୁମାର ବେହେରା



ତୁମ ସାଥୀରେ ଥିଲା ମୋ ସବୁ ଖୁସି,
ତୁମକୁ ପାଇ ଲାଗୁଥିଲା,
ଯେମିତି ଭୁଲି ଯାଇଛି ମୁଁ ସବୁ କିଛି !

ଆଜିର ତାଜାଫୁଲ କାଲି ହୁଏ ବାସି,
ପ୍ରେମକୁ ମୋର ପର କରି,
ସାଜିଲ ତୁମେ ପରଦେଶୀ !

ପ୍ରେମ ନାମରେ ତୁମେ ଦେଲ ଯନ୍ତ୍ରଣା,
ମନ ମୋର ନୁହଁଇ କାଚ ଆଇନା,
ଭାଙ୍ଗି ଚାଲିଗଲ ତୁମେ କରି ବାହାନା !

ଦିନ କଟେ ମୋର ତୁମ ବିନା ନିତି,
ମନପକାଇ ମୁରୁକି ହସେ ତୁମ ସ୍ମୃତି,
ଭଙ୍ଗା ହୃଦରେ ସାଇତିଛି ତୁମ ଛବି !

ଚାହୁଁ ଚାହୁଁ ବିତିଗଲା କେତେ ବରଷ,
ଜୀବନକୁ କରିଗଲ ତୁମେ ନରକ,
ତୁମେ ଆଜି ମୋ ପାଇଁ ସାତ ସପନ !

ହେଲ ତୁମେ ଆଉ କାହା ସରଗ ଶଶୀ,
ଦେଖିଥିଲି ତୁମକୁ ନେଇ,
କେତେ ଯେ ସପନ ସୁକେଶୀ !
ତୁମ ବିନା ମୋର ଜିଇଁବା ମନା,
ଦିନେ ମୋ ଅନୁପସ୍ଥିତି,
ଅନୁଭବ କରିବ ବୋଲି ଆଶା !

ତୁମ ବିନା ସ୍ପନ୍ଦନ ଚାଲିଛି କେମିତି ଜାଣେନା,
ବିରହରେ ତୁମ କେମିତି ବଞ୍ଚିଛି,
ସେ ଉତ୍ତର କେବେ ଖୋଜି ପାଏନା !

ଡ଼ାକୁଛି କାଳିଆକୁ ଦେଉ ତୁମକୁ ଖୁସି,
ରହିଥାଅ ତୁମେ ସବୁଦିନ ଏମିତି ହସି,
ତୁମ ଖୁସିରେ ହିଁ ମୋ ଖୁସି,
ତୁମ ଖୁସିରେ ହିଁ ମୋ ଖୁସି !

# ପ୍ରକୃତିର ଦଣ୍ଡ

ସ୍ପନ୍ଦନ କୁମାର ପରିଡା



କରୋନା 'କରନା' ସତର୍କ ଘଣ୍ଟିରେ
କମ୍ପିଲାଣି ସାରା ବିଶ୍ୱ
କରୋନା ଭୁତାଣୁ ବାର୍ତ୍ତାବହ ସାଜି
ବୁଲୁଛି ଦେଶରୁ ଦେଶ।
ବାୟୁ ବ୍ୟୋମଜାନ ପ୍ରକୃତି ଚାଳକ
କରୋନା ବିମାନ ଯାତ୍ରୀ
ପ୍ରଦୂଷଣ ଆମ ଇନ୍ଧନ ଯୋଗାଏ
ବଢୁଛି ଭୁତାଣୁ ଗତି।
ଦେହରୁ ଦେହକୁ ସଂକ୍ରମିତ ହୋଇ
ବଢୁଛି ଭୟର ତାତି
ସଚେତନ ବାର୍ତ୍ତା ଶରୀରେ ଲେଖୁଛି
'ଉଠ ହେ ମାନବ ଜାତି'।
ବିଶ୍ୱ ଧ୍ୱଂସ ପାଇଁ ପ୍ରକୃତିର ରୋଷ
ଜାଗ୍ରତ କରନି ଆଉ
ଜୀବ ଓ ଜଗତ ପରିବେଶ ପ୍ରତି
କ୍ରୁରତା ଦୂରେଇ ଯାଉ।
ଆତ୍ମ ତୃପ୍ତି ଲାଗି ନିର୍ଦ୍ଦୟ ଚିତ୍ତରେ
ନିରୀହ ପ୍ରାଣୀଙ୍କ ବଧ
ସ୍ୱାର୍ଥ ସିଦ୍ଧି ପାଇଁ ସୃଷ୍ଟି ବିରୁଦ୍ଧରେ
କର ନାହିଁ ଆଉ ଯୁଦ୍ଧ।
ପରିବେଶ ଧ୍ୱଂସ ପ୍ରକୃତିର ରୋଷ
ମହାମାରୀ ରୂପ ନେଇ
କାଳର ସ୍ରୋତରେ ଭୁତାଣୁ ଜୀବାଣୁ
ବନ୍ୟା ନଦ ସବୁ ଧୋଇ।
ପ୍ରକୃତି ଆସିବ ମହାକାଳ ହୋଇ
ବିଜ୍ଞାନ ପାତିବ ମୁଣ୍ଡ
ରୋଗ ଦୁଃଖ କଷ୍ଟ ଯନ୍ତ୍ରଣା ଜାଲରେ
ମାନବ ଭୋଗିବ ଦଣ୍ଡ।
ପ୍ରକୃତିର ଦଣ୍ଡ କୋହରେ ନୁହଁ
ରକ୍ତରେ ଯିବ ଝରି
ମାନବ ଦାନବ ସଭିଏଁ ଭୋଗିବେ
ଶେଷରେ ଯିବେ ମରି।



**ନୟାଗଡ଼**

# ଭଲପାଏ ମୁହିଁ

## ଡ଼ଃ କୁଞ୍ଜବିହାରୀ ଦାଶ



ଡକ୍ଟର କୁଞ୍ଜବିହାରୀ ଦାଶ(୧୯୧୪-୧୯୯୬) ଆଧୁନିକ ସାହିତ୍ୟରେ ଜଣେ ବଳିଷ୍ଠ ବ୍ୟକ୍ତିତ୍ୱ। ସେ ଏକାଧାରରେ ଜଣେ ସଙ୍କଳକ, କବି , ଗାଳ୍ପିକ ଓ ସମାଲୋଚକ। କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସହିତ ଏକାଧିକ ପୁରସ୍କାର ଓ ସମ୍ମାନ ପାଇଥିବା ଶ୍ରୀ ଦାଶ ଜଣେ ଲୋକ ସାହିତ୍ୟିକ ଭାବେ ପରିଚିତ ଥିଲେ। 'ଛିନ୍ନମସ୍ତା', 'ପ୍ରଭାତୀ', 'କଳକଲ୍ଲୋଳ', 'ନବମାଳିକା', 'ଅପରାହ୍ନର କେତୋଟି ସ୍ୱର' ଆଦି ତାଙ୍କ ରଚିତ କବିତା ସଙ୍କଳନ ଓ 'କଥାଟିଏ କହୁଁ', 'ଲୋକଗଳ୍ପ ସଞ୍ଚୟନ', 'ଲୋକଗଳ୍ପ ସଙ୍କଳନ' ଆଦି ଗଳ୍ପ ସଙ୍କଳନ ସହିତ 'ମଶାଣୀ ତୁଳସୀ', 'ମଣିମା ଶୁଣିମା ହେଉ' ଆଦି ଉପନ୍ୟାସ ତାଙ୍କର କେତୋଟି ଉଲ୍ଲେଖନୀୟ ସୃଷ୍ଟି।

ଭଲପାଏ ମୁହିଁ କଅଁଳ ଫୁଲେ
କାକର ଟୋପି ଟୋପି
ପତର ଆଖି ପତାର ଲୁହ
ବରଷା ଥୋପି ଥୋପି।

ଝରଇ ଯେବେ ଫଗୁ ଫଗୁଆ
କିରଣ ବାଟବଣା
ସଞ୍ଜୁଆଳୀ ସୁନେଲି ମେଘ
ଘୋଡ଼ଣି କରି କଣା।

ଭଲପାଏ ମୁହିଁ ଚଉଦିଗର
ବଉଦ ଆଢୁଆଳେ
ଗୋଟିଏ ତରା ନୀରବେ ବସି
ଆଲୁଅ ଯେବେ ଢାଳେ।

ଭଲପାଏ ମୁଁ ଘୁରିଘୁରିକା
ପତର ଯେବେ ଖସେ
ପରଜାପତି ପାଖୁଡ଼ା ପରେ
ଅଳସେ ଯେବେ ବସେ।

ଭଲପାଏ ମୁଁ ସବୁଜ ବିଲେ
ଲାଜୁଆ ନେଳି କଇଁ
ଚୋରା ଆଲୁଅ ଟିପି ଉଡ଼ିଲେ
ଜୁଳୁଜୁଳିଆ ଛାଇ।

ଭଲପାଏ ମୁଁ ଜାତିଜାତିକା
ହାତିଆ ପରବତେ
ସଞ୍ଜ ବୋହୂ ନାଲିଆ ଚିତା
ଲେଖିଲେ ମନମତେ।

ଭଲପାଏ ମୁଁ ଦରିଆ କୂଳେ
ଲହୁଆ ଢେଉ ଖେଳା
ମେଘୁଆ ଦିନେ ଶାଗୁଆ କ୍ଷେତେ
ଧୋବଲା ବଗ ମେଳା।

ଭଲପାଏ ମୁଁ ବାଦଲୁ ଆସି
ଗୋଲାପୀ ଏକ ପରୀ
ବିଜୁଳି ଗୁଣ ବଢ଼ାଇ ଦେଲେ
ଇନ୍ଦ୍ରଧନୁ ପରି।

ଦୁଇଟି ଆଖି କେତେ କି ଶୋଭା
ଦେଖିବି ଦିନରାତି
ପୂରିଉଠେ ମୋ ହସୁରା ମନ
ନାଚିଉଠେ ମୋ ଛାତି।






## ସ୍ୱର ସାମ୍ରାଜ୍ଞୀ ଭାରତରତ୍ନ ଲତା ମଙ୍ଗେସକରଙ୍କୁ ବଂଶୀ ଉପରେ ଚିତ୍ରଅଙ୍କନ କରି ଶ୍ରଦ୍ଧାଞ୍ଜଳୀ ଜଣାଇଲେ ଚିତ୍ରଶିଳ୍ପୀ ପ୍ରିୟଙ୍କା ସାହାଣୀ

DIGITALLY PUBLISHED BY A P SUBHAKANTA SAMAL ON BEHALF OF SHUBHDRISTI.
UDYAM-OD-13-0001171.
ADDRESS: SHUBHDRISTI SATI NIVAS, HARIPUR, KHADIANGA, JAJPUR 755049.
www.shubhdristi.in @shubhdristi